EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews



ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ନିକଟରେ ବନ୍ୟା ଜଳକୁ ନ ଡରି ୬ ସାହସୀ ଯୁବକ ଜଣେ ପ୍ରସୂତୀଙ୍କୁ ହସ୍ପିଟାଲ ନେବା ପାଇଁ ଭେଳା ଦ୍ୱାରା ନଦୀ ପାର କରାଉଛନ୍ତି।

ବର୍ଷ-୧ ସଂଖ୍ୟା-୨୮ ୨୪ - ୩୦ ଜୁଲାଇ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-28 24th-30th July, 2017 BHUBANESWAR ₹ 5/- (8 Pages)

# ଝାଟିମାଟି ଘରୁ ରାଇସିନା ହିଲ୍



**ନୂଆଦିଲ୍ଲୀ :** ଭାରତର ଚତୁର୍ଦ୍ଦଶ ରାଷ୍ଟ୍ରପତି ଭାବେ ୨୫ ତାରିଖରେ ଶପଥ ନେବେ ରାମନାଥ କୋବିନ୍ଦ। ଏନ୍‌ଡିଏର ପ୍ରାର୍ଥୀ ଭାବେ ସେ ଏହି ନିର୍ବାଚନରେ ଲଢ଼ି ବିରୋଧୀ ଦଳ ପ୍ରାର୍ଥୀ ମୀରା କୁମାରଙ୍କୁ ଦୁଇ-ତୃତୀୟାଂଶ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ଦେଶର ଏହି ସର୍ବୋଚ୍ଚ ପଦ ପାଇଁ ନିର୍ବାଚିତ ହୋଇଛନ୍ତି ଶ୍ରୀ କୋବିନ୍ଦ। ସେ ୬୫ପ୍ରତିଶତ ଅର୍ଥାତ୍ ୭ଲକ୍ଷ ୨୦୪୪ଖଣ୍ଡ ଭୋଟ ପାଇଥିଲା ବେଳେ ବିରୋଧୀ ଦଳ ପ୍ରାର୍ଥୀ ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର ୩ଲକ୍ଷ ୬୭ହଜାର ୩୧୪ ଭୋଟ ପାଇଛନ୍ତି। ତେବେ ନିର୍ବାଚନରେ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ଗୁଜରାଟରେ କ୍ରସ୍‌ଭୋଟିଂ ହୋଇଥିବା ଜଣାପଡ଼ିଛି। ଓଡ଼ିଶାର ୧୪୬ ବିଧାୟକଙ୍କ ➤ ପୃ-୭

## ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ



ନବନିର୍ବାଚିତ ରାଷ୍ଟ୍ରପତି ଡ. ରାମନାଥ କୋବିନ୍ଦଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ରାମନାଥଙ୍କ ନିର୍ବାଚନ ପରେ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଥିଲେ। ପରେ ତାଙ୍କୁ ଭେଟିଥିଲେ ଏବଂ ➤ ପୃ-୭

# ପାକିସ୍ତାନକୁ ଆମେରିକାର ସହାୟତା ବନ୍ଦ



**ୱାଶିଂଟନ :** ପାକିସ୍ତାନକୁ ଦେବାକୁ ଥିବା ସାମରିକ ସହାୟତାକୁ ଆମେରିକା ବନ୍ଦ କରିଛି। ୨୦୧୬ର ଏକ ଘୋଷଣା ଅନୁଯାୟୀ ଆମେରିକା ଚଳିତବର୍ଷ ପାକିସ୍ତାନକୁ ୩୫ କୋଟି ଡଲାର ସାମରିକ ସହାୟତା ଦେବାର ଥିଲା। ତେବେ ହକାନି ନେଟୱ୍ୱାର୍କ ଭଳି ଆତଙ୍କବାଦୀ ସଂଗଠନ ବିରୋଧରେ ପାକିସ୍ତାନ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିବାରୁ ଏହି ସହାୟତା ବନ୍ଦ କରାଯାଇଛି। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ଜେମ୍ସ ମାଟିସ୍‌ଙ୍କ ସୂଚନା ଅନୁଯାୟୀ ପାକିସ୍ତାନର ଆତଙ୍କବାଦ ନିରୋଧ କାର୍ଯ୍ୟକଳାପ ଉପରେ କଂଗ୍ରେସ ସନ୍ତୁଷ୍ଟ ନୁହେଁ। ➤ ପୃ-୭

## ସରିଫ୍‌ଙ୍କ ବିସ୍ଫୋରକ ବୟାନ

## ପରମାଣୁ ପରୀକ୍ଷା ନ କରିବାକୁ ଲାଞ୍ଚ ଯାଚିଥିଲା ଆମେରିକା



**ଇସଲାମାବାଦ :** ୧୯୯୮ ମସିହାରେ ପରମାଣୁ ପରୀକ୍ଷଣ ନ କରିବାକୁ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ପାକିସ୍ତାନକୁ ୫୦୦ କୋଟି ଟଙ୍କାର ଲାଞ୍ଚ ଯାଚିଥିଲେ ବୋଲି ପ୍ରଧାନମନ୍ତ୍ରୀ ନୱାଜ ସରିଫ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସରିଫ କହିଛନ୍ତି ସେହି ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ପୋଖରାନରେ ପରମାଣୁ ବୋମା ପରୀକ୍ଷା କରିବା ପରେ ପାକିସ୍ତାନ ପରମାଣୁ ପରୀକ୍ଷା କରିଥିଲା। ➤ ପୃ-୭

# ବାଂଲାଦେଶୀଙ୍କ ପାଇଁ ବିପଦ ବଢ଼ିଲା

**ଭୁବନେଶ୍ୱର :** ଓଡ଼ିଶାରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କ ଉପରେ ବିପଦ ବଢୁଛି। କାରଣ ବିନା ପାସ୍‌ପୋର୍ଟରେ ରହୁଥିବା ଜଣେ ବାଂଲାଦେଶୀଙ୍କୁ କୁଜଙ୍ଗ ଜେଏମ୍‌ଏଫ୍‌ସି ୩ ବର୍ଷ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଏହା ବେଆଇନ୍ ଭାବେ ଏଠାରେ ରହୁଥିବା ବାଂଲାଦେଶୀଙ୍କ ପାଇଁ ସତର୍କ ଘଣ୍ଟି

## ଚିହ୍ନଟ ପାଇଁ ଡ୍ରାଇଭ୍ ଆରମ୍ଭ

ହୋଇଛି। ବେଆଇନ୍ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଖୋଜିବା ପାଇଁ ପୋଲିସର ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବା ନେଇ ବରିଷ୍ଠ ପୋଲିସ ଅଧିକାରୀ ସ୍ତରରେ ଯୋଜନା କରାଯାଇଛି। ଓଡ଼ିଶା ପ୍ରତି ଆତଙ୍କବାଦୀ ଆକ୍ରମଣ ଆଶଙ୍କା ବଢୁଥିବାରୁ ଏ ଦିଗରେ ପୋଲିସ ଏବେ ଗୁରୁତ୍ୱ ଦେଉଛି। ହେଲେ ବିସ୍ତୃତ ଯୋଜନା ନ ହେବା ଯାଏ ସରକାରୀ ଭାବେ କିଛି କୁହାଯାଉନାହିଁ। ଓଡ଼ିଶା ଉପକୂଳ ବାଂଲାଦେଶୀଙ୍କ ପେଣ୍ଠସ୍ଥଳ ପାଲଟିଛି। ଗଞ୍ଜାମ ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ସମୁଦ୍ରକୂଳରେ ଏମାନଙ୍କ ଛୋଟବଡ ବସତି ମେଳିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ବି ଉପସ୍ଥିତି ବଢ଼ିବାରେ ଲାଗିଲାଣି। କେନ୍ଦ୍ରାପଡ଼ା ଜିଲ୍ଲାରେ ଏମାନଙ୍କ ପ୍ରାଦୁର୍ଭାବ ସୀମା ଲଙ୍ଘିଲାଣି। ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢୁଛି। ➤ ପୃ-୭

# ବ୍ରିଟିଶ ବିରୁଦ୍ଧରେ ପ୍ରଥମ ସଂଗ୍ରାମ : ରାଷ୍ଟ୍ରପତି

**ନୂଆଦିଲ୍ଲୀ :** ପାଇକ ଆନ୍ଦୋଳନ କେବଳ ଓଡ଼ିଶାର ନୁହେଁ; ବରଂ ସାରା ଭାରତରେ ବ୍ରିଟିଶଙ୍କ ଅତ୍ୟାଚାର ବିରୋଧରେ ଜଳି ଉଠିଥିବା ତୀବ୍ର ବିରୋଧର ପ୍ରଥମ ସ୍ଫୁଲିଙ୍ଗ ବୋଲି ଦିଲ୍ଲୀର ବିଜ୍ଞାନ ଭବନରେ ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ମତବ୍ୟକ୍ତ କରିଛନ୍ତି। ଇଂରେଜମାନେ କେବଳ ଭାରତକୁ ଲୁଟି ନଥିଲେ ବରଂ ଯିବା ପୂର୍ବରୁ ସେମାନଙ୍କୁ ସୁହାଇଲା ଭଳି ଦେଶର ଇତିହାସକୁ ମଧ୍ୟ ପ୍ରଭାବିତ କରି ଦେଇଛନ୍ତି। ତେଣୁ ସମୟ ଆସିଛି ଦେଶର ବିଭିନ୍ନ ପ୍ରାନ୍ତରେ ଲୁକ୍କାୟିତ ଇତିହାସର ପୁର୍ନଉଦ୍ଧାପନ କରିବା। ଉତ୍ସବରେ ଅନ୍ୟତମ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ପାଇକ ବିଦ୍ରୋହ ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠାର ବିଜୟର ଅଧ୍ୟାୟ ବୋଲି ନିଜ ସମ୍ଭାଷଣରେ କହିଥିଲେ। ଓଡ଼ିଆ ଜାତି ତା'ର ସ୍ୱାଭିମାନ ଓ ପରମ୍ପରାକୁ ➤ ପୃ-୭

## ଓଡ଼ିଆ ସ୍ୱାଭିମାନର ସ୍ୱର ପାଇକ ବିଦ୍ରୋହ : ନବୀନ




# ଅଡୁଆରେ ବିଏମ୍‌ସି

## ପିଏମ୍‌ଓରୁ ମଗାଗଲାଣି ରିପୋର୍ଟ

**ଭୁବନେଶ୍ୱର :** ସ୍ମାର୍ଟସିଟି ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଏବେ ଜବରଦଖଲକାରୀଙ୍କ କବଳରେ ରହିଛି। ଯାହାକୁ ନେଇ ଅଡୁଆରେ ପଡିଯାଇଛି ବିଏମ୍‌ସି। ଏ ସମସ୍ତ ଜବରଦଖଲ ସମ୍ପୂର୍ଣ୍ଣ ଉଚ୍ଛେଦ ନ ହେବା ଏବଂ ଏଥିରେ ପାତରଅନ୍ତର ନୀତି ଚାଲିଥିବା ଭଳି ଅଭିଯୋଗ ଆସିବା ପରେ ଏହିକଥା ଦିଲ୍ଲୀ ଦରବାରକୁ ଯାଇଛି। ଉଚ୍ଛେଦ ବେଳେ ବିଏମ୍‌ସିର ଏନଫୋର୍ସମେଣ୍ଟ ଟିମ୍ ସାମିଲ ହୋଇ ଏକରକମ ବେପାର ଚଳାଇଥିବା ଅଭିଯୋଗ ହୋଇ ଆସୁଛି। ହେଲେ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତେଣୁ ଏ ପ୍ରସଙ୍ଗରେ ନୂଆଦିଲ୍ଲୀ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ ପହଞ୍ଚିଛି। ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିବା ଜଣାପଡିଛି। ରାଜଧାନୀର ସଚେତନ ନାଗରିକଙ୍କ ଅଭିଯୋଗ ମୁତାବକ ଭୁବନେଶ୍ୱରର ଅନେକ ମୁଖ୍ୟ ରାସ୍ତା ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ଏଠାରେ ଟ୍ରାଫିକ ସମସ୍ୟାର ମୁଖ୍ୟ କାରଣ ପାଲଟିଛି ଜବରଦଖଲ। ୨୦୧୨ରେ ଉଚ୍ଚତମ ନ୍ୟାୟାଳୟ ସମସ୍ତ ରାଜ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ କୌଣସି ମୁଖ୍ୟ ରାସ୍ତାର ଫୁଟପାଥ୍ ଏବଂ ରାସ୍ତାକଡରେ କୌଣସି ସ୍ଥାୟୀ କିମ୍ବା ଅସ୍ଥାୟୀ ନିର୍ମାଣ କରାଯିବା ବେଆଇନ୍। ଏପରିକି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବଡବଡ ବ୍ୟବସାୟୀଙ୍କ ଗାଡିମୋଟର ଚାଳନା ଉପରେ ବି କଟକଣା ଅଛି। ଏ ସମସ୍ତ ସମସ୍ୟାକୁ ଦୂର କରିବା ଲାଗି ଉଚ୍ଚତମ ଅଦାଲତଙ୍କ ପକ୍ଷରୁ ସମଗ୍ର ଦେଶରେ ଥିବା ପୌର ପରିଷଦକୁ ନିର୍ଦ୍ଦେଶ ମଧ୍ୟ ଜାରି ହୋଇଛି। ➤ ପୃ-୭

# ଲାଞ୍ଚ ମାଗିଲେ ଫୋନ୍ କର

**କଟକ :** ରାଜ୍ୟରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ହେଉଥିବା ଦୁର୍ନୀତି ରୋକିବାକୁ ଭିଜିଲାନ୍ସ ପଦକ୍ଷେପ ନେବା ଆରମ୍ଭ କରିଛି। ଗୃହ ନିର୍ମାଣ ପାଇଁ କୌଣସି କର୍ମଚାରୀ କିମ୍ବା ଅଧିକାରୀ ଉତ୍କୋଚ ମାଗିଲେ ସଙ୍ଗେସଙ୍ଗେ ଭିଜିଲାନ୍ସକୁ ଖବର ଦେବାକୁ ଭିଜିଲାନ୍ସ ଡିଜି ଡ. ଆରପି ଶର୍ମା ପରାମର୍ଶ ଦେଇଛନ୍ତି। ଏଥିନେଇ ଭିଜିଲାନ୍ସ ପକ୍ଷରୁ ୭ଟି ଟେଲିଫୋନ ନମ୍ବର ଜାରି କରାଯାଇଛି। କଟକ ଭିଜିଲାନ୍ସ ଅଫିସକୁ ୦୬୭୧-୨୩୦୫୬୮୨ନମ୍ବର, ଭୁବନେଶ୍ୱର-୦୬୭୪୨୩୯୭୭୪୮, ବ୍ରହ୍ମପୁର-୦୬୮୦୨୨୮୨୩୦୦, ସମ୍ବଲପୁର ୦୬୬୩-୨୪୧୨୧୧୫, ବାଲେଶ୍ୱର-୦୬୭୮୨-୨୫୫୦୦୬, କୋରାପୁଟ ୦୬୮୫୪- ୨୩୩୩୩୦ ଓ ଭିଜିଲାନ୍ସ ମୁଖ୍ୟାଳୟରେ ୦୬୭୧-୨୩୦୫୯୮୮ନମ୍ବରକୁ ତୁରନ୍ତ ଫୋନ କରି ଅଭିଯୋଗ କରିପାରିବେ। ସକାଳ ୮ଟା ଠାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ନମ୍ବରରେ କୌଣସି ବ୍ୟକ୍ତି ଫୋନ କରିବାକୁ ଡିଜି ଶ୍ରୀ ଶର୍ମା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦୁର୍ନୀତି ରୋକିବା ପାଇଁ ଲୋକଙ୍କ ସହଯୋଗ ରହିଥିବା ଶ୍ରୀ ଶର୍ମା କହିଛନ୍ତି। ଏ ସଂକ୍ରାନ୍ତରେ ଅଦ୍ୟାବଧି ୪ଶହରୁ ଊର୍ଦ୍ଧ୍ୱ ଅଭିଯୋଗ ଭିଜିଲାନ୍ସଠାରେ ପହଞ୍ଚିଥିବାବେଳେ ୩୭ଟି ମାମଲା ରୁଜୁ କରାଯାଇ ୯ଜଣଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ରୁଜୁ ହୋଇଥିବା ୩୭ ମାମଲା ମଧ୍ୟରେ ସମ୍ବଲପୁର ଡିଭିଜନରୁ ୮ଟି ମାମଲା, ବ୍ରହ୍ମପୁର ଡିଭିଜନରେ ୭ଟି ମାମଲା, ଭୁବନେଶ୍ୱର ଓ କଟକରେ ୬ଟି ଲେଖାଏଁ ମାମଲା, କୋରାପୁଟ ଓ ବାଲେଶ୍ୱରରେ ୫ଟି ଲେଖାଏଁ ମାମଲା ରୁଜୁ ହୋଇଛି। ➤ ପୃ-୭

# 'ବିକାଶ ପ୍ରସଙ୍ଗରେ ରାଜନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ'



**ଭୁବନେଶ୍ୱର :** ପାରାଦୀପକୁ ସ୍ମାର୍ଟ ବନ୍ଦର କରିବା ପାଇଁ କେନ୍ଦ୍ର ସରକାରଙ୍କ ସହରାଞ୍ଚଳ ବିକାଶ ପାଣ୍ଠିରୁ ଖର୍ଚ୍ଚ ହେବ ୪୦ ହଜାର କୋଟି ଟଙ୍କା। ଏଥିପାଇଁ ପ୍ରକଳ୍ପ ପ୍ରସ୍ତୁତ ହୋଇସାରିଛି। ସେହିଭଳି ଆଗାମୀ ଦୁଇ ବର୍ଷ ମଧ୍ୟରେ ରାଜପଥ ବିକାଶ ସକାଶେ ଓଡ଼ିଶାକୁ ପ୍ରାୟ ଦେଢ଼ଲକ୍ଷ କୋଟି ଟଙ୍କା ଦିଆଯିବ ବୋଲି କହିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ନୌବହନ ମନ୍ତ୍ରୀ ନିତିନ ଗଡ଼କରୀ। ଏପରିକି ଓଡ଼ିଶାରେ ୨ ଲକ୍ଷ କୋଟି ଟଙ୍କାରେ ଏକ ଲଜିଷ୍ଟିକ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି। ରାଉରକେଲା ଗସ୍ତରେ ଆସି ବ୍ରାହ୍ମଣୀ ନଦୀ ଉପରେ ୬ଲେନ୍ ବିଶିଷ୍ଟ ଦୁଇଟି ସେତୁ ପାଇଁ ପ୍ରାୟ ୩୮୨କୋଟି ଟଙ୍କାର ପ୍ରକଳ୍ପ ସକାଶେ ଶିଳାନ୍ୟାସ କରିବା ସହ ୩୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଉନ୍ନୀତ ଝାରସୁଗୁଡ଼ା ଜିଲ୍ଲାର କନକତୁରା-ଝାରସୁଗୁଡ଼ା ସେକ୍ସନର ଏକ ରାସ୍ତାର ଲୋକାର୍ପଣ କରିଛନ୍ତି ଶ୍ରୀ ଗଡକରୀ। ରାଉରକେଲାର ବାଲୁଘାଟଠାରେ ଆୟୋଜିତ ବ୍ରାହ୍ମଣୀ ସେତୁର ଭୂମିପୂଜନ ଉତ୍ସବରେ ସେ କହିଲେ ଯେ ଖୁବ୍‌ଶୀଘ୍ର ବ୍ରାହ୍ମଣୀ ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨ବର୍ଷରେ ଏହା ଶେଷ ହେବ। ରାଜାମୁଣ୍ଡା-ବୀରମିତ୍ରପୁର ଦେଇ ରହିଥିବା ଜାତୀୟ ରାଜପଥ ବିକାଶ ପାଇଁ ମୋଟ ୨୫୦୦ କୋଟି ବ୍ୟୟ କରାଯିବ। ବ୍ରାହ୍ମଣୀ ସେତୁ କାମ ୟୁପିଏ ସରକାର ଅମଳରେ ହୋଇନପାରିଥିବାରୁ ଦୁଃଖପ୍ରକାଶ କରି ସେ କହିଲେ, ୨୦୧୧ରୁ ଆରମ୍ଭ ହୋଇଥିବା ଏହି ସେତୁ ପ୍ରକଳ୍ପ ପ୍ରକ୍ରିୟାରେ ସେତେବେଳେ ତ୍ରୁଟି ଥିବାରୁ ୨୦୧୪ରେ ଏହାକୁ ବାତିଲ କରିବାକୁ ପଡ଼ିଥିଲା। କେତେକ ଔପଚାରିକତା ପୂରଣ ପରେ ଏହା ଆଗେଇ ପାରିଥିଲା। ଓଡ଼ିଶାର ପ୍ରାଚୁର୍ଯ୍ୟ ଭିତରେ ଦାରିଦ୍ର୍ୟ ପ୍ରସଙ୍ଗ ଉଲ୍ଲେଖ ସହ ଗଡ଼କାରୀ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର 'ସବ୍‌କା ସାଥ୍, ସବ୍‌କା ବିକାଶ'ର ଆଭିମୁଖ୍ୟ ନେଇ କାର୍ଯ୍ୟକରୁଛନ୍ତି। ବିକାଶପ୍ରସଙ୍ଗରେ ରାଜନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏ ଦିଗରେ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ କେନ୍ଦ୍ରସରକାର ଗ୍ରହଣ କରିବେ। ଓଡ଼ିଶା ଏକ ସଫଳ ଓ ସମୃଦ୍ଧ ରାଜ୍ୟରେ ପରିଣତ ହେଉ, ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାହାଁନ୍ତି। ➤ ପୃ-୭

## ସ୍ୟାଟ୍‌ଙ୍କ ଆଦେଶ କାଏମ୍


# ଏସ୍ଇବିସି ସଂରକ୍ଷଣ ଆଇନ୍ ରଦ୍ଦ



**କଟକ :** ରାଜ୍ୟ ସରକାରଙ୍କ ଏସ୍ଇବିସି ସଂରକ୍ଷଣ ଆଇନ୍‌କୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି। ଏହି ପ୍ରସଙ୍ଗରେ ସ୍ୟାଟ୍‌ଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ହାଇକୋର୍ଟ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇଥିବାରୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଏହାକୁ ରଦ୍ଦ କରି ଦେଇଛନ୍ତି। ଏଥିସହିତ ଅଦାଲତ ଏହି ପ୍ରସଙ୍ଗରେ ସ୍ୟାଟ୍ ପ୍ରଦାନ କରିଥିବା ଆଦେଶକୁ କାଏମ୍ ରଖିଛନ୍ତି। ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର ନିଯୁକ୍ତି ସମ୍ପର୍କରେ ଗତ ୨୦୧୩ ବିଜ୍ଞପ୍ତି ସଂଖ୍ୟା ୮ ଆଧାରରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ➤ ପୃ-୭




# ସେତୁ ସରିଲା, ନଈ ଶୁଖିଲା



**ଭୁନେଶ୍ୱର :** ଶ୍ରାବଣ ମାସରେ ଉଛୁଳି ପଡେ ମହାନଦୀ। ଏହାରି ଉପରେ ନିର୍ଭର କରେ ନଈକୂଳରେ ଚାଷବାସ। କେବେ ମହାନଦୀର ଉଛୁଳା ପାଣି ବନ୍ୟାର ବିଭୀଷିକା ସୃଷ୍ଟି କରେ ତ' ଆଉ କେବେ ତାକୁ ନିର୍ଭର କରି ବଞ୍ଚୁଥିବା ମଣିଷକୁ ବରଦାନ ଦେଇଥାଏ। ହେଲେ ଏବେ ମହାନଦୀ ଶୁଖିଲା ପଡିଛି। ଗତ କିଛିଦିନ ଧରି ମହାନଦୀକୁ ନେଇ ନାନା ଚର୍ଚ୍ଚା ଆଲୋଚନା ଚାଲିବା ଫଳରେ ରାଜ୍ୟ ରାଜନୀତି ଉଷ୍ମ ରହିଛି। ଛତିଶଗଡ଼ର ରମଣ ସରକାରଙ୍କ ମନମାନିକୁ ଓଡ଼ିଶାର ବିଜେଡି ସରକାର ବିରୋଧ କରିଆସୁଛି। ଏହି ଘଟଣାର ଅବସାନ ହୋଇ ନ ଥିବା ବେଳେ ଗତ ସପ୍ତାହରେ ଉଦ୍‌ଘାଟିତ ହୋଇଯାଇଛି ବହୁ ପ୍ରତୀକ୍ଷିତ ନେତାଜୀ ସୁଭାଷ ବୋଷ ସେତୁ। ମାତ୍ର ଏହାର ଉଦ୍‌ଘାଟନୀ ଉତ୍ସବରେ ଏକ ଅଜବ ପରିସ୍ଥିତି ଦେଖିବାକୁ ମିଳିଛି। ବର୍ଷାଦିନରେ ସେତୁ ଲୋକାର୍ପିତ ହୋଇଥିବା ବେଳେ ସେତୁତଳେ କିନ୍ତୁ ପାଣି ଟୋପାଏ ନ ଥିଲା। ମହାନଦୀ ଆମ ରାଜ୍ୟର ସର୍ବବୃହତ୍ ନଦୀ ହୋଇଥିବା ବେଳେ ଏହା ସମ୍ପୂର୍ଣ୍ଣ ଶୁଖିଲା ପଡ଼ିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସବୁ ମହଲରେ ମତ ପ୍ରକାଶ ପାଇଛି। ➤ ପୃ-୭

## କେମିତି କଟିବ ଏ ସପ୍ତାହ

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ଗୃହରେ ଶାନ୍ତି ଦେଖା ଦେବ। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ ଅଟେ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି। କୌଣସି ଏକ ଘଟଣାରେ ଆପଣ ମର୍ମାହତ ହୋଇପଡିବେ। ଗୃହରେ ଅଶାନ୍ତି ଦେଖାଦେଇପାରେ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିବେ। ବେପାରେ ଉନ୍ନତି ହେବ। ମାନସମ୍ମାନ ବୃଦ୍ଧି ସହ ଅର୍ଥଲାଭ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ଗୃହରେ ଶାନ୍ତି ବଜାୟ ରହିବ। ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। ଶାନ୍ତି ବଜାୟ ରହିବ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ପରିବାରେ ଶାନ୍ତି ବଜୟ ରହିବ। ଏଣୁ ଏ ସପ୍ତାହ ଭଲରେ ବିତିବ।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।



**ଚନ୍ଦ୍ରଶେଖର ମିଶ୍ର**
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସିଏଜି ରିପୋର୍ଟ : ରେଳଖାଦ୍ୟ ଅନୁପଯୋଗୀ

**ନୂଆଦିଲ୍ଲୀ :** ଭାରତୀୟ ରେଳବାଇ ଏହାର ଯାତ୍ରୀଙ୍କୁ ଯୋଗାଇ ଦେଉଥିବା ଖାଦ୍ୟ ଖାଇବା ଯୋଗ୍ୟ ନୁହେଁ ବୋଲି କମ୍ପଟ୍ରୋଲର ଅଡିଟର ଜେନେରାଲ (ସିଏଜି) ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସଂସଦରେ ଉପସ୍ଥାପନ କରାଯାଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ରେଳଯାତ୍ରୀଙ୍କ ପାଇଁ ରେଳବାଇ ପ୍ରସ୍ତୁତ କରୁଥିବା ଖାଦ୍ୟକୁ ସୁରକ୍ଷିତ ଓ ଜୀବାଣୁମୁକ୍ତ ରଖିବା ଉପରେ କୌଣସି ଧ୍ୟାନ ଦିଏ ନାହିଁ। ପ୍ରସ୍ତୁତ ଖାଦ୍ୟକୁ ଖୋଲା ରଖାଯାଏ ଯେଉଁଥିରେ ଧୂଳି, ମାଛି, କୀଟ, ପତଙ୍ଗ, ମୂଷା, ଅସରପା ଆଦି ମିଶିଥାଏ। ସିଏଜି ଏହାର ଯାଞ୍ଚ ସମୟରେ ୭୪ଟି ଷ୍ଟେସନ ଓ ୮୦ଟି ଟ୍ରେନରେ ରଖାଯାଇଥିବା ଖାଦ୍ୟକୁ ପରୀକ୍ଷା କରିଥିଲା। ପରୀକ୍ଷାରୁ ଜଣାଯାଇଥିଲା ଯେ ରେଳଯାତ୍ରୀଙ୍କ ପାଇଁ ରହିଥିବା ଖାଦ୍ୟ ପରିଷ୍କାର ଓ ଜୀବାଣୁମୁକ୍ତ ନୁହେଁ। କାରଣ ରେଳବାଇର କ୍ୟାଟରିଂ ୟୁନିଟ୍ ଏଥିପ୍ରତି କୌଣସି ଧ୍ୟାନ ଦେଇନଥାନ୍ତି। ଷ୍ଟେସନରେ ଯାତ୍ରୀମାନଙ୍କ ବିକ୍ରି ପାଇଁ ରଖାଯାଉଥିବା ଖାଦ୍ୟ ମଣିଷ ଖାଇବା ଯୋଗ୍ୟ ନୁହେଁ। ବାସି ଖାଦ୍ୟକୁ ପୁନର୍ବାର ଗରମ କରି ଯାତ୍ରୀଙ୍କୁ ଦିଆଯାଉଛି। ଅବଧି ଶେଷ ହୋଇଯାଇଥିବା ପ୍ୟାକେଟ ଖାଦ୍ୟ, କ୍ଷୀର ଓ ପାଣି ବୋତଲ ଏବଂ ଅଣପଞ୍ଜୀକୃତ କମ୍ପାନୀର ଖାଦ୍ୟ ଓ ପାନୀୟକୁ ମଧ୍ୟ ଯାତ୍ରୀଙ୍କୁ ବିକ୍ରି କରାଯାଇଥାଏ ବୋଲି ସିଏଜି କହିଛନ୍ତି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଟ୍ୟାପରୁ ଅଶୋଧିତ ପାଣିକୁ ସିଧାସଳଖ ବୋତଲରେ ଭର୍ତ୍ତି କରାଯାଇ ଯାତ୍ରୀଙ୍କ ବ୍ୟବହାର ଲାଗି ଦିଆଯାଇଛି। ଅଳିଆ ଆବର୍ଜନା ପକାଇବା ପାଇଁ ରଖାଯାଇଥିବା ଆବର୍ଜନା



କୁଣ୍ଡକୁ ଘୋଡାଇ ରଖାଯାଉ ନାହିଁ କି ଏହାକୁ ନିୟମିତ ସଫା କରାଯାଉନାହିଁ। ଏହି ଆବର୍ଜନା କୁଣ୍ଡର ମଶା, ମାଛି ଆସି ପ୍ରସ୍ତୁତ ହୋଇଥିବା ଖାଦ୍ୟରେ ବସୁଛନ୍ତି। ଟ୍ରେନର ଭ୍ରାମ୍ୟମାଣ ୟୁନିଟ୍‌ରେ ବିକ୍ରି କରାଯାଉଥିବା ଖାଦ୍ୟ ଲାଗି ଯାତ୍ରୀଙ୍କୁ ବିଲ୍ ଦିଆଯାଉନାହିଁ। ଏପରିକି ଦିଆଯାଉଥିବା ଖାଦ୍ୟ ଉପଯୁକ୍ତ ପରିମାଣର ମଧ୍ୟ ନଥାଏ।

### ସାମ୍ବିଧାନିକ ପୀଠରେ ଆଧାର କାର୍ଡ ମାମଲା ଶୁଣାଣି

# ଗୋପନୀୟତା ଏକଚାଟିଆ ଅଧିକାର ନୁହେଁ

**ନୂଆଦିଲ୍ଲୀ :** କୌଣସି ବ୍ୟକ୍ତିବିଶେଷଙ୍କ ଗୋପନୀୟତା ପ୍ରସଙ୍ଗ ଏକଚାଟିଆ ଅଧିକାର ନୁହେଁ ବୋଲି ଆଧାର କାର୍ଡ ମାମଲାରେ ଶୁଣାଣି ସମୟରେ ସୁପ୍ରିମ୍‌କୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଜେଏସ୍ ଖେହରଙ୍କ ଅଧ୍ୟକ୍ଷତାରେ ଗଠିତ ନଅଜଣିଆ ପୀଠ ମାମଲାର ଶୁଣାଣି କରି ଆହୁରି କହିଛନ୍ତି ଯେ ରାଜ୍ୟ ସରକାର କ୍ଷମତା ପ୍ରୟୋଗ କରି ଏହା ଉପରେ କିଛି ମାତ୍ରାରେ କଟକଣା ଜାରି କରିପାରିବେ। ଗୋପନୀୟତା କୌଣସି ବ୍ୟକ୍ତିଙ୍କର ମୌଳିକ ଅଧିକାର ନୁହେଁ ବୋଲି ଏହି ପ୍ରସଙ୍ଗରେ ୫୫ ବର୍ଷ ପୂର୍ବର ରାୟକୁ ତର୍ଜମା କରିବା ଅବସରରେ ସୁପ୍ରିମ୍‌କୋର୍ଟ ପୀଠ ସ୍ପଷ୍ଟ କରିଛନ୍ତି। ଗୋପନୀୟତାକୁ ଅତିବେଶୀରେ ସ୍ୱାଧୀନତାର ଏକ ଅଂଶବିଶେଷ ବୋଲି ଧରାଯାଇପାରେ। ଏହି ଅଧିକାର ବ୍ୟାଖ୍ୟା ଉପଯୋଗୀ ନୁହେଁ ବୋଲି ପୀଠ ମତବ୍ୟକ୍ତ କରିଛନ୍ତି। ଆଧୁନିକ ଯୁଗରେ ସମାଜର ରୂପରେଖ ଦିନକୁ ଦିନ ବଦଳୁଥିବା ବେଳେ ଗୋପନୀୟତା ଅଧିକାରର ସଂଜ୍ଞାକୁ ମଧ୍ୟ ଅନୁରୂପ ଢଙ୍ଗରେ ବଦଳାଇବାକୁ ପଡିବ ବୋଲି ପୀଠ ପକ୍ଷରୁ କୁହାଯାଇଛି। ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ସବୁ ମୌଳିକ ଅଧିକାରକୁ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ ଉପଭୋଗ କରିପାରିବେ ନାହିଁ ବୋଲି କୁହାଯାଇଛି। ଅପରାଧ, ଟିକସ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କୌଣସି ବ୍ୟକ୍ତିଙ୍କର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରି ସଂରକ୍ଷିତ ରଖିବା ରାଜ୍ୟ ସରକାରଙ୍କ ପାଇଁ ଜରୁରୀ ହୋଇପଡିଥିବାରୁ ଏହାକୁ ଚ୍ୟାଲେଞ୍ଜ କରିବା ଯଥାର୍ଥ ନୁହେଁ ବୋଲି ପୀଠ ପକ୍ଷରୁ କୁହାଯାଇଛି। ନିଜ ଘରେ ପତ୍ନୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତ ବିତାଉଥିବା ସମୟରେ ପୋଲିସ ଘର ମଧ୍ୟକୁ ପ୍ରବେଶ କରି ବାଧା ସୃଷ୍ଟି କରିପାରିବ ନାହିଁ, ଏହାକୁ ବ୍ୟକ୍ତିର ଗୋପନୀୟତା ବୋଲି କୁହାଯିବ। ତେବେ ନିଜ ପିଲାଙ୍କୁ ସ୍କୁଲକୁ ପଠାଇବା, ନ ପଠାଇବା ନିଜର ବ୍ୟକ୍ତିଗତ ନିଷ୍ପତ୍ତି ବୋଲି କହିହେବ ନାହିଁ, କାରଣ ଶିକ୍ଷା ଅଧିକାର ସଂକ୍ରାନ୍ତ ଆଇନ ଏ କ୍ଷେତ୍ରରେ ପ୍ରଯୁଜ୍ୟ ହେବ ବୋଲି ପୀଠର ଅନ୍ୟତମ ବିଚାରପତି ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୁଡ କହିଛନ୍ତି। ଆଧାର କାର୍ଡ ପ୍ରସ୍ତୁତି ସମୟରେ ବ୍ୟକ୍ତିଙ୍କର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯାଇଥିବା ଫଳରେ ଗୋପନୀୟତା ରକ୍ଷା ହେଉନାହିଁ ବୋଲି ଅଭିଯୋଗ କରି ସୁପ୍ରିମ୍‌କୋର୍ଟରେ ଏକାଧିକ ପିଟିସନ ଦାଏର ହୋଇଥିଲା।

# ସତ କହି ଶାସ୍ତି ପାଇଲେ ଡିଆଇଜି ରୂପା



**ବେଙ୍ଗାଲୁରୁ :** ଏଆଇଏଡିଏମ୍‌କେ ନେତ୍ରୀ ଭି.କେ. ଶଶିକଳାଙ୍କୁ ଜେଲ୍‌ରେ ଭିଆଇପି ସୁବିଧା ଯୋଗାଇ ଦିଆଯିବା ନେଇ ଅଭିଯୋଗ କରିଥିବା ଡିଆଇଜି (ପ୍ରିଜନ) ରୂପା ମୌଦଗିଲଙ୍କୁ ବଦଳି କରାଯାଇଛି। ଆଇପିଏସ୍ ଅଧିକାରୀ ରୂପାଙ୍କ ବଦଳି ରୋଡ ସେଫ୍‌ଟି ଆଣ୍ଡ ଟ୍ରାଫିକ୍ ବିଭାଗକୁ କରାଯାଇଛି। ସେ ଏବେ ରୋଡ ସେଫ୍ଟି ଆଣ୍ଡ ଟ୍ରାଫିକ୍ କମିଶନର ରୂପେ କାର୍ଯ୍ୟ କରିବେ। ଅପରପକ୍ଷେ ଜେଲର ଡିଜିପି ଏଚ୍.ଏନ୍. ସତ୍ୟନାରାୟଣ ରାଓଙ୍କୁ ମଧ୍ୟ ବଦଳି କରାଯାଇଛି। ଭି.କେ. ଶଶିକଳା ଜେଲ୍‌ରେ ଭିଆଇପି ସୁବିଧା ହାସଲ କରିବାକୁ ୨ କୋଟି ଟଙ୍କା ଲାଞ୍ଚ ଦେଇଥିବା ରୂପା ଖୁଲାସା କରିଥିଲେ। କର୍ଣ୍ଣାଟକ ଡିଜିପି ସତ୍ୟନାରାୟଣ ରାଓ ଓ ସିଟି ସେଣ୍ଟ୍ରାଲ ଜେଲ ଅଧିକାରୀଙ୍କୁ ଶଶିକଳା ୧ କୋଟି ଟଙ୍କା ଲାଞ୍ଚ ଦେଇଥିବା ବେଳେ ଅଲଗା ୧ କୋଟି ଟଙ୍କା ସେଣ୍ଟ୍ରାଲ ଜେଲର ୱାର୍ଡେନ ସମେତ ଅନ୍ୟ ଅଧିକାରୀଙ୍କ ମଧ୍ୟରେ ବାଣ୍ଟିଥିବା ଅଭିଯୋଗ କରିଥିଲେ। ରୂପା କର୍ଣ୍ଣାଟକ ଡିଜିପି ସତ୍ୟନାରାୟଣ ରାଓଙ୍କୁ ରବିବାର ଏହାର ଦ୍ୱିତୀୟ ରିପୋର୍ଟ ଦାଖଲ କରି ଶଶିକଳାଙ୍କ ଭିଆଇପି ସୁବିଧା ସଂକ୍ରାନ୍ତୀୟ ଭିଡିଓ ରେକର୍ଡିଂ ଗାଏବ ହୋଇଯାଇଥିବା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ରୂପା ଗତ ସପ୍ତାହରେ ଶଶିକଳା ଜେଲ ଜୀବନ କାଟୁଥିବା ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲ୍ ଗସ୍ତ କରିଥିଲେ। ଏହି ଅବସରରେ ଶଶିକଳାଙ୍କ ଲାଗି ସ୍ୱତନ୍ତ୍ର ପ୍ରକୋଷ୍ଠ ଓ ଅତ୍ୟାଧୁନିକ ରୋଷେଇ ଗୃହ ନିର୍ମିତ ହୋଇଥିବା ଅଭିଯୋଗ କରିଥିଲେ। ରୂପାଙ୍କ ବଦଳି ନେଇ ସରକାରଙ୍କୁ ବିଭିନ୍ନ ପ୍ରଶ୍ନ କରାଯାଇଥିଲା। ତେବେ ଏହା ଏକ ପ୍ରଶାସନିକ ପ୍ରକ୍ରିୟା ହୋଇଥିବାରୁ ମିଡିଆକୁ ସୂଚନା ଦେବାର ଆବଶ୍ୟକ ନାହିଁ ବୋଲି ସିଦ୍ଧରମେୟା କହିଛନ୍ତି।

### ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ

# ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ :** ନିୟନ୍ତ୍ରଣ ରେଖା (ଏଲଓସି)ଠାରେ ହେଉଥିବା ସୀମାପାର ବାଣିଜ୍ୟ କାରବାର ଏବେ ଜାତୀୟ ତଦନ୍ତ ଏଜେନ୍ସି (ଏନ୍‌ଆଇଏ)ର ସନ୍ଦେହ ଘେରକୁ ଆସିଛି। ସୀମାପାର ବାଣିଜ୍ୟ କାରବାର ଜରିଆରେ ଆସୁଥିବା ଅର୍ଥ ବିଚ୍ଛିନ୍ନତାବାଦୀମାନଙ୍କ ପାଖକୁ ଚାଲିଯାଉଛି। ଏହି ଅର୍ଥକୁ ସେମାନେ ଆତଙ୍କବାଦୀମାନଙ୍କୁ ଦେଉଛନ୍ତି। ସୀମପାର ବାଣିଜ୍ୟ କାରବାର ଜରିଆରେ ଆତଙ୍କବାଦୀଙ୍କୁ ହେଉଥିବା ପାଣ୍ଠି ଯୋଗାଣ ଘଟଣାର ତଦନ୍ତ ଏନ୍‌ଆଇଏ କରିବ। ଏବେ ଏନ୍‌ଆଇଏ ଏହି ତଦନ୍ତରେ ଭାରତୀୟ ରାଜସ୍ୱ ସେବା(ଆଇଆର୍‌ଏସ୍)ର ଅଧିକାରୀମାନଙ୍କୁ ନିୟୋଜିତ କରୁଛି। ଆଇଆର୍‌ଏସ୍‌ର ଅଧିକାରୀମାନଙ୍କୁ ଡେପୁଟେସନ୍‌ରେ ଅଣାଯାଇ ଏଭଳି ତଦନ୍ତ କାର୍ଯ୍ୟରେ ଲଗାଇବାକୁ ଯୋଜନା ହୋଇଛି। ଉତ୍ତର କାଶ୍ମୀର ବାରମୂଳା ଜିଲାର ସଲାମ୍‌ବାଦ୍ ଏବଂ ଜମ୍ମୁ ଅଞ୍ଚଳର ପୁଞ୍ଚ୍ ଜିଲାର ଚକନ୍-ଦା-ବାଗ୍‌ଠାରେ ଏହି ସୀମାପାର ବାଣିଜ୍ୟ କାରବାର ଘଟଣା ଉପରେ ଏନ୍‌ଆଇଏ ତଦନ୍ତ କରିବ। ତେବେ ବିଭିନ୍ନ ସୀମାପାର ବାଣିଜ୍ୟ ଘଟଣାର ତଦନ୍ତ ଲାଗି ଅର୍ଥ ମନ୍ତ୍ରାଳୟ ଏନ୍‌ଆଇଏରେ ଆଇଆର୍‌ଏସ୍ ଅଧିକାରୀଙ୍କ ଯୋଗଦାନ ଅନୁମତି ଦେଇଛି। କାଶ୍ମୀର ଉପତ୍ୟକାରେ ବିଚ୍ଛିନ୍ନତାବାଦୀମାନେ ଚଳାଇଥିବା ବେଆଇନ ଆର୍ଥିକ କାରବାର ସହ ବେନାମୀ ସମ୍ପତ୍ତି ଜନିତ ଘଟଣାରେ ଏହି ରାଜସ୍ୱ ଅଧିକାରୀମାନେ ସହାୟତା କରିବେ। ଆଗକୁ ଆଉ କେତେକ ଟିକସ ଅଧିକାରୀ ଏନ୍‌ଆଇଏରେ ଯୋଗଦାନ କରିବା ନେଇ କୁହାଯାଉଛି। ଯେପରିକି ପେସ୍ତା ବାଦାମକାରବାରରେ ସୀମାରେ ଇନ୍‌ଭଏସ୍‌ରେ ପ୍ରକୃତ ମୂଲ୍ୟଠାରୁ ଅଧିକ ଦର୍ଶାଯାଉଛି। ପେସ୍ତାବାଦାମ୍‌ର ପ୍ରକୃତ ମୂଲ୍ୟ କେଜି ପିଛା ୨୫୦-୩୦୦ ଟଙ୍କା ସ୍ଥାନରେ ଏହାକୁ କେଜି ପିଛା ୬୦୦ରୁ ୬୫୦ ଟଙ୍କା ଦର୍ଶାଯାଉଛି। କାରବାରର ଲାଭାଂଶର ସିଂହ ଭାଗ ଆତଙ୍କବାଦୀଙ୍କ ପାଖକୁ ଚାଲିଯାଉଛି। ସମ୍ପ୍ରତି ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ କ୍ଷେତ୍ରରେ ଏହା ଏକ ମୁଖ୍ୟ ଉତ୍ସ ପାଲଟିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ନିୟନ୍ତ୍ରଣରେଖା ପାର ଚୁକ୍ତି ଅନୁଯାୟୀ, କାଶ୍ମୀରର ଉଭୟ ପାର୍ଶ୍ୱରେ ହେଉଥିବା ଉତ୍ପାଦ ଦ୍ରବ୍ୟ ଅଦଳବଦଳ ବ୍ୟବସ୍ଥାନୁଯାୟୀ ବିନିମୟ ହେବ। ଏଥିରେ ପାକ୍ ଅଧିକୃତ କାଶ୍ମୀରରେ ଉତ୍ପାଦିତ ବାଦାମ୍‌ଗିରି(ପେସ୍ତା ବାଦାମ୍)କୁ ସାମିଲ କରାଯାଇଛି। ଏହାଛଡା ଏଥିରେ ଉଭୟ ରାଷ୍ଟ୍ର ମଧ୍ୟରେ ୨୧ ସାମଗ୍ରୀକୁ ବାଣିଜ୍ୟ ଲାଗି ସୂଚୀରେ ସାମିଲ କରାଯାଇଛି। ପାକ୍ ଅଧିକୃତ କାଶ୍ମୀରର ବ୍ୟବସାୟୀମାନେ କାର୍ଲିଫର୍ଣ୍ଣିଆ ପେସ୍ତା ବାଦାମ୍‌କୁ କାରବାରରେ ସାମିଲ କରି ଆତଙ୍କବାଦ ପାଣ୍ଠି ଯୋଗାଣକୁ ପ୍ରୋତ୍ସାହିତ କରୁଥିବା ଜଣାଯାଇଛି। ନିୟନ୍ତ୍ରଣ ରେଖାରେ ହେଉଥିବା ଏଭଳି ସୀମା ପାର କାରବାର କ୍ଷେତ୍ରରେ ବହୁ ପରିମାଣର ଅର୍ଥ ଲଗାଯାଇଥିବା ଜଣାଯାଇଛି।

### ଅଚଳ ନୋଟ୍ ପ୍ରସଙ୍ଗ

# ଆଉ ମିଳିବନି ଜମା ସୁଯୋଗ

ନୂଆଦିଲ୍ଲୀ : ଯେଉଁ ମହତ ଉଦ୍ଦେଶ୍ୟ ନେଇ ବିମୁଦ୍ରାକରଣ ଘୋଷଣା କରାଯାଇଥିଲା ତାହା ବିଫଳ ହୋଇଯିବ ଯଦି ଅଚଳ ନୋଟ୍ ଜମା କରିବା ପାଇଁ ଲୋକମାନଙ୍କୁ ଆଉଥରେ ସୁଯୋଗ ପ୍ରଦାନ କରାଯିବ। ଏ କଥା ସୁପ୍ରିମ୍‌କୋର୍ଟଙ୍କୁ କେନ୍ଦ୍ର ସରକାର ଜଣାଇ ଦେଇଛନ୍ତି। କଳାଧନ ଲଢ଼େଇର ଏକ ବଡ ପଦକ୍ଷେପ ସ୍ୱରୂପ ଗତବର୍ଷ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରାକରଣ ଘୋଷଣା କରିଥିଲେ। ଯଥୋଚିତ କାରଣ ଯୋଗୁଁ ଯେଉଁମାନେ ଗତବର୍ଷ ଡିସେମ୍ବର ୩୧ ସୁଦ୍ଧା ଅଚଳ ନୋଟ୍ ଜମା କରିପାରିନାହାନ୍ତି ସେମାନଙ୍କୁ ଆଉ ଗୋଟିଏ ସୁଯୋଗ ପ୍ରଦାନ କରିବା ଉପରେ ବିଚାର କରିବାକୁ ସୁପ୍ରିମ୍‌କୋର୍ଟ ସରକାରଙ୍କୁ କହିଥିଲେ। ଏହାର ଉତ୍ତରରେ ସରକାର ଜଣାଇଛନ୍ତି ଯେ ଆଉଥରେ ଏହି ସୁଯୋଗ ଦିଆଯାଇପାରିବ ନାହିଁ। ଅଚଳ ନୋଟ୍ ଜମା କରିପାରିନଥିବା ଅନେକ ଲୋକ ବିଭିନ୍ନ ଅଦାଲତରେ ମାମଲା ଦାୟର କରିଛନ୍ତି। ସୁପ୍ରିମ୍‌କୋର୍ଟରେ ଦାୟର ହୋଇଥିବା ସମସ୍ତ ମାମଲାକୁ ଏକତ୍ରିତ କରି ଶୁଣାଣି କରାଯାଉଛି। ଜଣେ ଆବେଦନକାରୀ କୋର୍ଟଙ୍କୁ ଜଣାଇଛନ୍ତି ଯେ ସେ ସନ୍ତାନ ପ୍ରସବ କରିଥିବା ଯୋଗୁଁ ଅଚଳ ନୋଟ୍ ବଦଳାଇ ପାରିନଥିଲେ। ଅନ୍ୟଜଣେ ଆବେଦନକାରୀ ମହିଳା କୋର୍ଟଙ୍କୁ ଜଣାଇଛନ୍ତି ଯେ ତାଙ୍କ ପରିବାରରେ ଜଣକ ମୃତ୍ୟୁ ହେବା ଯୋଗୁଁ ସେ ଅଚଳ ନୋଟ୍ ବଦଳାଇ ପାରିନାହାନ୍ତି। ଜୁଲାଇ ୫ରେ ହୋଇଥିବା ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟ ସରକାରଙ୍କୁ କହିଥିଲେ ଯେ ଯେଉଁମାନେ ଉଚିତ କାରଣ ଯୋଗୁଁ ଅଚଳ ନୋଟ୍ ଫେରାଇ ପାରିନାହାନ୍ତି ସେମାନଙ୍କୁ ଗୋଟିଏ ସୁଯୋଗ ମିଳିବା ଉଚିତ। ଏହା ସେମାନଙ୍କ ଟଙ୍କା। ତାହାକୁ ସରକାର ଛଡ଼ାଇ ନେଇପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତି ଜେ ଏସ୍ ଖେହର ଜଣାଇଥିଲେ। ସରକାର କୋର୍ଟଙ୍କୁ ଜଣାଇଛନ୍ତି ଯେ ଅଚଳ ନୋଟ୍ ବଦଳାଇବା ଏବଂ ଜମା କରିବା ପାଇଁ ଲୋକମାନଙ୍କୁ ଅନେକ ସୁଯୋଗ ପ୍ରଦାନ କରାଯାଇଛି। ପେଟ୍ରୋଲ୍ ପମ୍ପଠାରୁ ଆରମ୍ଭ କରି ଡାକ ଘର ପର୍ଯ୍ୟନ୍ତ ଅନେକ ସ୍ଥାନରେ ନୋଟ୍ ବଦଳାଇବାର ସୁଯୋଗ ପ୍ରଦାନ କରାଯାଇଥିଲା। ଅଚଳ ନୋଟ୍‌କୁ ଜମା କରିବାର ଆଉ ଏକ ସୁଯୋଗ ପ୍ରଦାନ କଲେ ଅନେକ 'ବେନାମି କାରବାର' ହେବାର ଆଶଙ୍କା ରହିଛି। ଏହା ହେଲେ କଳାଧନକୁ ହଟାଇବାର ଯେଉଁ ଉଦ୍ଦେଶ୍ୟ ରହିଥିଲା ତାହା ସଫଳ ହୋଇନାରେ ବୋଲି କୋର୍ଟଙ୍କୁ ସରକାର ଜଣାଇଛନ୍ତି। ବିମୁଦ୍ରାକରଣ ଘୋଷଣା ପରେ ପୁରୁଣା ୫୦୦ ଟଙ୍କିଆ ଏବଂ ୧୦୦୦ ଟଙ୍କିଆ ନୋଟ୍ ଅଚଳ ହୋଇଯାଇଥିଲା। ସେତେବେଳେ ଦେଶରେ ପ୍ରଚଳିତ ଥିବା ମୋଟ ନୋଟ୍ ମଧ୍ୟରୁ ୮୬% ନୋଟ୍ ଅଚଳ ହୋଇଯାଇଥିଲା। ଏହାପରେ ସରକାର ନୂଆ ୫୦୦ ଟଙ୍କିଆ ଏବଂ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ କରିଥିଲେ।

## ସ୍ୱଦେଶୀ ସାମଗ୍ରୀରେ ତିଆରି ହେବ ନୋଟ୍

**ମୁମ୍ବାଇ :** ନୋଟ୍ ପ୍ରସ୍ତୁତ କରିବାରେ ଭାରତରେ ପ୍ରସ୍ତୁତ ଉତ୍ପାଦ ଅଧିକ ବ୍ୟବହାର କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିଷ୍ପତ୍ତି ଗ୍ରହଣ କରିଛି। ନୋଟ୍‌ର ନିରାପତ୍ତା ବୈଶିଷ୍ଟ୍ୟଗୁଡିକରେ ବ୍ୟବହାର କରାଯାଉଥିବା ସୂତୀ, କଲର-ସିଫ୍‌ଟି କାଳି, ଫଏଲ୍ ପ୍ୟାଚ୍, ନିରାପତ୍ତା ଫାଇବର, କାଗଜ ଭିତ୍ତିକ ଟାଗାଣ୍ଟ, କାଳି ଭିତ୍ତିକ ଟାଗାଣ୍ଟ, ସର୍ବାଧୁନିକ ୱାଟରମାର୍କ ଏବଂ ଲଘୁ ଛିଦ୍ର ଆଦିକୁ ଦେଶ ଭିତରେ ଉତ୍ପାଦନ କରିବା ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ନୋଟ୍‌ର ନିରାପତ୍ତା ନିମନ୍ତେ 'ମେକ୍ ଇନ୍ ଇଣ୍ଡିଆ'କୁ ବାଧ୍ୟତାମୂଳକ କରାଯାଇଛି। ନୋଟ୍‌ର ନିରାପତ୍ତା




ବୈଶିଷ୍ଟ୍ୟ ଏବଂ ଫାଇବର୍ ନିମନ୍ତେ ସାମଗ୍ରୀ ଯୋଗାଇବା ପାଇଁ ପୂର୍ବରୁ ଆର୍‌ବିଆଇ ଆହ୍ୱାନ କରିଥିବା ଦୁଇଟି ଟେଣ୍ଡରକୁ ବାତିଲ କରିଦେଇଛି। ସଦ୍ୟତମ ବିଡ୍ ଦଲିଲ୍‌ରେ ଆର୍‌ବିଆଇ ସ୍ପଷ୍ଟ କରିଛି ଯେ ବିଡର୍‌ମାନଙ୍କୁ ମେକ୍ ଇନ୍ ଇଣ୍ଡିଆ ନିଶ୍ଚିତ କରିବାକୁ ପଡିବ। ଚୁକ୍ତି ସ୍ୱାକ୍ଷର କରିବାର ଦୁଇବର୍ଷ ଭିତରେ ସଂସ୍ଥାକୁ ଭାରତରେ ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ପଡିବ। କମ୍ପାନୀ ପର୍ଯ୍ୟାୟକ୍ରମେ ୫ ବର୍ଷ ଭିତରେ ସ୍ଥାନୀୟ ଉପକରଣ ବ୍ରବହାର ମାତ୍ରା ୫୦% ପର୍ଯ୍ୟନ୍ତ ବଢ଼ାଇବ। ଯଦି ସଂସ୍ଥାର କୌଣସି କାରବାର ଚୀନ୍ କିମ୍ବା ପାକିସ୍ତାନରେ ରହିଥିବ ତେବେ ତାହାକୁ ଅନୁମତି ମିଳିବ ନାହିଁ। କମ୍ପାନୀକୁ ସତ୍ୟପାଠ କରି ଜଣାଇବାକୁ ପଡିବ ଯେ ସଂସ୍ଥାରେ କୌଣସି ପାକିସ୍ତାନ କିମ୍ବା ଚୀନ୍ ନାଗରିକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଚୀନ୍ କିମ୍ବା ପାକିସ୍ତାନର ପୂର୍ବରୁ କାମ କରିଥିବା କୌରସି ବ୍ୟକ୍ତି ମଧ୍ୟରେ ଉକ୍ତ ସଂସ୍ଥାରେ କାମ କରୁଥିଲେ ସଂସ୍ଥାକୁ ବିଡ୍ ପ୍ରକ୍ରିୟାରେ ଭାଗ ନେବାର ଅନୁମତି ମିଳିବ ନାହିଁ।

### ବିଶ୍ୱସ୍ତରୀୟ ମେଗାତୈଳ କମ୍ପାନୀ ଯୋଜନା

# ଗଠନ ହେବ ତୈଳ ପିଏସ୍‌ୟୁ

**ନୂଆଦିଲ୍ଲୀ :** ତୈଳ ଏବଂ ପ୍ରାକୃତିକ ବାଷ୍ପ ନିଗମ (ଓଏନ୍‌ଜିସି)ର ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଲିମିଟେଡ୍ (ଏଚ୍‌ପିସିଏଲ୍) ଅଧିଗ୍ରହଣ ଯୋଜନା ଏ ଯାଏ ଚୂଡାନ୍ତ ହୋଇ ନ ଥିବାବେଳେ କେନ୍ଦ୍ର ସରକାର ତୈଳ କ୍ଷେତ୍ରରେ ଏବେ ଆଉ ଏକ ବୃହତ୍ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରଖିଛନ୍ତି। ଓଏନ୍‌ଜିସି ଏଚ୍‌ପିସିଏଲର ଅଧିଗ୍ରହଣ କାର୍ଯ୍ୟ ଚଳିତ ଆର୍ଥିକବର୍ଷରେ ସମ୍ପୂର୍ଣ୍ଣ କରିବା ପରେ ଭାରତୀୟ ତୈଳ ନିଗମ ଅଏଲ ଇଣ୍ଡିଆ ଲିମିଟେଡ୍‌ରେ ରହିଥିବା ଏହାର ଅଂଶଧନ ଅକ୍ତିଆର କରିବା ଅଏଲ୍ ଇଣ୍ଡିଆରେ ସରକାରଙ୍କର ୬୬% ଅଂଶଧନ ରହିଛି। ଇଣ୍ଡିଆନ୍ ଅଏଲ ଏବଂ ଅଏଲ ଇଣ୍ଡିଆର ଏହି ପ୍ରସ୍ତାବିତ ମିଶ୍ରଣ ଜରିଆରେ ସରକାର ଦେଶରେ ବିଶ୍ୱ ସ୍ତରୀୟ ତୈଳ ପିଏସ୍‌ୟୁ ଗଠନ କରିବାକୁ ଯୋଜନା କରିଛନ୍ତି। ଏହି ପ୍ରସ୍ତାବ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଏହି ମିଶ୍ରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅର୍ଥ କିମ୍ବା ଷ୍ଟକ ଆକାରରେ ହେବ ସେ ନେଇ ଏ ଯାଏ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ସେହିଭଳି ଓଏନ୍‌ଜିସି ସହ ଏଚ୍‌ପିସିଏଲ୍‌ର ପ୍ରସ୍ତାବିତ ମିଶ୍ରଣ ଉପରେ ପୁଞ୍ଜି ପ୍ରତ୍ୟାହାର ବିଭାଗ କ୍ୟାବିନେଟ୍ ନୋଟ୍ ଜାରି କରିସାରିଛି। ତେବେ ଚଳିତବର୍ଷ ଡିସେମ୍ବର ସୁଦ୍ଧା ସରକାର ଏହି ମିଶ୍ରଣ ପ୍ରକ୍ରିୟା ଶେଷ କରିବାକୁ ଚାହୁଁଛନ୍ତି। ସରକାର ଏଥିପାଇଁ ଏକ ମନ୍ତ୍ରୀ ଗୋଷ୍ଠୀ ଗଠନ କରିବାକୁ ଯୋଜନା କରୁଛନ୍ତି।

# ଭାରତରେ ୨୨.୫% ଚାଷୀ ପରିବାର ଦରିଦ୍ର

**ନୂଆଦିଲ୍ଲୀ :** କୃଷି କ୍ଷେତ୍ରରେ ଉନ୍ନତି ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଥିଲେ ମଧ୍ୟ ସେଗୁଡିକର ଯେ କୌଣସି ସୁଫଳ ମିଳୁନାହିଁ ତାହା 'ଆସୋଚାମ୍' ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏକ ରିପୋର୍ଟରୁ ଜଣାପଡିଛି। ଦେଶରେ ୨୨.୫% ଚାଷୀ ପରିବାର ଦାରିଦ୍ୟ ସୀମାରେଖା ତଳେ ବାସ କରୁଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ। ଜାତୀୟ ନମୁନା ସର୍ବେକ୍ଷଣ ସଂଗଠନ (ଏନ୍‌ଏସ୍‌ଏସ୍‌ଓ)ର ୭୦ତମ ରାଉଣ୍ଡ କହୁଛି ଯେ ଚାଷୀ ପରିବାରର ହାରାହାରି ମାସିକ ଆୟ ହେଉଛି ୬୨୨୬ ଟଙ୍କା। ଏହା ଶିଳ୍ପ ସଂସ୍ଥାଗୁଡ଼ିକରେ କାମ କରୁଥିବା ଅଣ କୁଶଳୀ ଶ୍ରମିକମାନଙ୍କ ହାରାହାରି ମାସିକ ଆୟ ୬୯୬୦ ଟଙ୍କାଠାରୁ କମ୍। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ ଚାଷରୁ ବିଶେଷ କିଛି ଆୟ ହେଉନାହିଁ। ସଂସଦରେ କୃଷି ରାଷ୍ଟ୍ରମନ୍ତ୍ରୀ ପରଷୋତ୍ତମ ରୁପାଲା ମଧ୍ୟ ଚାଷୀମାନଙ୍କ ଦୁର୍ଦ୍ଦଶା କଥା କହିଥିଲେ। ସେ କହିଥିଲେ ଯେ ଚାଷୀ ପରିବାରର ମାସିକ ଆୟ ୬୪୨୬ ଟଙ୍କା ହୋଇଥିବା ବେଳେ ପରିବାର ପିଛା ହାରାହାରି ବକେୟା ଋଣ ପରିମାଣ ହେଉଛି ୪୭,୦୦୦ ଟଙ୍କା ଏନ୍‌ଏସ୍‌ଏସ୍‌ଓର ତଥ୍ୟକୁ ସେ ଉପସ୍ଥାପନା କରିଥିବା କହିଛନ୍ତି। ୨୦୦୩ରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ତଥ୍ୟ ଉଦ୍ଧାର କରି ସେ ଜଣାଇଛନ୍ତି ଯେ ଦେଶରେ ଥିବା ୮୦.୩୫ ନିୟୁତ ଚାଷୀ ପରିବାର ମଧ୍ୟରୁ ୪୩.୪୨ ନିୟୁତ ପରିବାର ଋଣଗ୍ରସ୍ତ। ସେମାନଙ୍କ ଉପରେ ବ୍ୟାଙ୍କ କିମ୍ବା ଅଣସଂଗଠିତ ଉତ୍ସର ଋଣ କିମ୍ବା ଉଭୟ ପ୍ରକାର ଋଣ ବୋଝ ରହିଛି। ଚାଷୀମାନଙ୍କ ସମସ୍ୟାକୁ ବଢ଼ାଇଛି ସେମାନଙ୍କ ଉତ୍ପାଦିତ ସାମଗ୍ରୀର କମ୍ ଦର। ୨୦୧୧-୧୨ ପରଠାରୁ ଗହମ, ଧାନ, ଆଖୁ, କପା ଏବଂ ବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କ୍ରମାଗତ ଭାବେ ହ୍ରାସ ପାଇଛି। ୨୦୧୪-୧୫ ଏବଂ ୨୦୧୫-୧୬ରେ ସେଥିରେ ମାତ୍ର ୫%ର ବୃଦ୍ଧି ହୋଇଛି। ଡାଲି ଏବଂ ଉଦ୍ୟାନ କୃଷି ପାଇଁ କୌରସି ଏମ୍‌ଏସ୍‌ପି ଏବଂ ବଜାର ସହାୟତା ନାହିଁ। ଏମ୍‌ଏସ୍‌ପି ଦ୍ୱାରା ମାତ୍ର ୬% ଚାଷୀ ଲାଭବାନ ହେଉଛନ୍ତି। ସେମାନେ ସାଧାରଣତଃ ଧାନ ଏବଂ ଗହମ ଚାଷୀ। ଅନ୍ୟ ଚାଷୀମାନଙ୍କୁ ବିଶେଷ କିଛି



ସୁଫଳ ମିଳୁନାହିଁ। ଦେଶର ଚାଷୀମାନେ ଏମ୍‌ଏସ୍‌ପି ଏବଂ ପ୍ରକ୍ୟୁରମେଣ୍ଟ (ସଂଗ୍ରହ) ନେଇ ବେଶ୍ ଚିନ୍ତିତ। ଏମ୍‌ଏସ୍‌ପିରେ ଉତ୍ପାଦିତ ସାମଗ୍ରୀ ବିକ୍ରି କଲେ ପେମେଣ୍ଟ ମିଳିବାରେ ଅହେତୁକ ବିଳମ୍ବ ହେଉଛି। ତେଣୁ ଚାଷୀମାନେ ତାହା ଉପରେ ଭରସା ନ କରି ବଜାର ଦରଠାରୁ କମ୍ ମୂଲ୍ୟରେ ସେମାନଙ୍କ ସାମଗ୍ରୀକୁ ବିକ୍ରି କରିବାକୁ ବାଧ ହେଉଚନ୍ତି। ଭାରତରେ ଚାଷ ପରବର୍ତ୍ତୀ କ୍ଷତି ପରିମାଣ ବହୁତ ଉଚ୍ଚସ୍ତରରେ ରହିଛି। ହାରାହାରି ଖାଦ୍ୟଶସ୍ୟ କ୍ଷତି ପରିମାଣ ୫-୭%। ଏହା ୧୦ ନିୟୁତ ଟନ୍ ଠାରୁ ଅଧିକ। ଫଳ ଏବଂ ପନିପରିବା କ୍ଷେତ୍ରରେ ଏହି କ୍ଷତି ପରିମାଣ ୫-୧୬% ଭଳି ଉଚ୍ଚସ୍ତରରେ ରହିଛି। ଚାଷୀମାନେ ୨୦୧୫-୧୬ରେ ଯେତିକି ଆୟ କରୁଥିଲେ ତାହାକୁ ଦ୍ୱିଗୁଣିତ କରିବା ପାଇଁ ନିତି ଆୟୋଗ କେତେକ ସୁପାରିସ୍ ପ୍ରଦାନ କରିଛି। ସେଥିରେ ନିତି ଆୟୋଗ କହିଛି କୃଷି ଅଭିବୃଦ୍ଧିକୁ ୧୦.୪%ରେ ପହଞ୍ଚାଇବାକୁ ପଡିବ ଯାହା ଏବେ ୪% ସ୍ତରରେ ରହିଛି। କେବଳ ସେତିକି ନୁହେଁ ସେମାନଙ୍କ ଆୟ ବଢ଼ାଇବାକୁ ହେଲେ ଚାଷୀମାନଙ୍କୁ ଉତ୍ପାଦିତ ସାମଗ୍ରୀ ପାଇଁ ୧୭% ଅଧିକ ମୂଲ୍ୟ ପ୍ରଦାନ କରାଯିବା ଦରକାର। ଫସଲ ଦରରେ ୧୩% ବୃଦ୍ଧି ହେଲେ ଚାଷୀଙ୍କ ଆୟ ୯.୧% ବର୍ଦ୍ଧିବ ବୋଲି ଆସୋଚାମ୍ ଆକଳନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି ଯେ ୨୦୨୨ ସୁଦ୍ଧା ଚାଷୀମାନଙ୍କ ଆୟକୁ ତାଙ୍କ ସରକାର ଦ୍ୱିଗୁଣିତ କରିବା ଦିଗରେ କାମ କରିବ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



Bhubaneswar, 24th - 30th July, 2017
ଭୁବନେଶ୍ୱର, ୨୪ - ୩୦ ଜୁଲାଇ, ୨୦୧୭



### ସୁଭାଷ ବୋଷ ସେତୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# କମିଲା କଟକ-ଭୁବନେଶ୍ୱର ଦୂରତା

**କଟକ :** ଦ୍ୱୈତନଗରୀ କଟକ -ଭୁବନେଶ୍ୱର ସଂଯୋଗ କରୁଥିବା ଓଡିଶାର ଦୀର୍ଘତମ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁ ଉଦ୍‌ଘାଟିତ ହୋଇଯାଇଛି । କାଠଯୋଡି ନଦୀ ଉପରେ ନିର୍ମିତ ଏହି ସେତୁକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ସେ କହିଲେ ଯେ, ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ କଟକ ସହରରେ । ଏହାର ମାଟି, ପାଣି , ପବନରେ ସେ ବଡ଼ ହୋଇଥିଲେ । ତାଙ୍କ ସାହସ, ତ୍ୟାଗ, ଦେଶପ୍ରେମର ମୂଳଦୁଆ କଟକ ସହରରେ ପଡିଥିଲା । ତେଣୁ ଏହି ମହାନ ବିପ୍ଳବୀଙ୍କ ନାମରେ ସେତୁର ନାମକରଣ କରାଯାଇଛି । ସେହିଭଳି ରାଜ୍ୟରେ ଭିତ୍ତିଭୂମି ବିକାଶ ଆଜି ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିଛି । ଏହା ରାଜ୍ୟର ଦୀର୍ଘତମ ସେତୁଭାବେ ସଫଳତାର ଏକ ମାଇଲଖୁଣ୍ଟ ଭାବେ ଉଭା ହୋଇଛି । ଏହି ସେତୁ କଟକ, ବାଙ୍କି, ଭୁବନେଶ୍ୱର ଆଦିକୁ ସଂଯୋଗ କରିବ । ନେତାଜୀଙ୍କ ନାମରେ ସେତୁର ନାମକରଣ କରି ଗର୍ବ ଅନୁଭବ କରିବା ସହ ସମସ୍ତ ଜନସାଧାରଣଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ । ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ପୂର୍ତ୍ତବିଭାଗ ସଚିବ ନଳିନୀକାନ୍ତ ପ୍ରଧାନ କହିଲେ ଯେ, ଏହି ସେତୁ ସାଂସ୍କୃତିକ ଓ ସାମାଜିକ ବିକାଶରେ ମୁଖ୍ୟ ଭୂମିକା ତୁଲାଇବ । ଲୋକଙ୍କ ଗମନାଗମନରେ ବହୁ ସହାୟକ ହେବ । ବାଙ୍କି ବିଧାୟକ ପ୍ରଭାତ ତ୍ରିପାଠୀ କହିଥିଲେ, ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି । କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ତାଙ୍କ ଉଦବୋଧନରେ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି ବୋଲି କହିଥିଲେ । ଏହି ସେତୁ ଉଦ୍‌ଘାଟନ ଏକ ଐତିହାସିକ ପଦକ୍ଷେପ ବୋଲି ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ବିଶ୍ୱାଳ କହିଥିଲେ । ବୃହତ କଟକ ଗଠନ ପାଇଁ ଏହା ଏକ ଉଚିତ ପଦକ୍ଷେପ । ସୁଭାଷଙ୍କ ପରି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଯଥୋଚିତ ସମ୍ମାନ ଦିଆଯାଇଛ ବୋଲି ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ମତ ଦେଇଥିଲେ । କଟକରେ ଉଦ୍‌ଘାଟିତ ଏହି



ସେତୁପାଇଁ ମୁଖ୍ୟମନ୍ତ୍ରୀଙ୍କୁ କଟକବାସୀଙ୍କ ତରଫରୁ ଏମପି ଅନୁଭବ ମହାନ୍ତି ଶୁଭେଚ୍ଛା ଜଣାଇଥିଲେ । କ୍ରୀଡା ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା କହିଥିଲେ ଯେ, ଏହି ସେତୁ ରାଜ୍ୟର ଭିତ୍ତିଭୂମି ବିକାଶରେ ସହାୟକ ହେବ । ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ସଭା ପରିଚାଳନା କରିବା ସହ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ, ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ଆରଡିସି ଅଖିଳ ବିହାରୀ ଓତା, ମେୟର ମୀନାକ୍ଷୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ସଭାସ୍ଥଳରେ ୫ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ଜନତାଙ୍କୁ ଦେଖିବାକୁ ମିଳିଥିଲା । ଏହି ଅବସରରେ ରବିନାରାୟଣ ରଥ ମୁଖ୍ୟମନ୍ତ୍ରୀଙ୍କୁ ସେତୁର ଏକ ଫଟୋ ପ୍ରଦାନ କରିଥିଲେ । ସଭାପରେ ମୁଖ୍ୟମନ୍ତ୍ରୀ ଚାଲିଚାଲି ଯାଇ ସେତୁ ଆରମ୍ଭରେ ନିର୍ମିତ ଫଳକକୁ ଉଦ୍‌ଘାଟନ କରିଥିଲେ ।

## ବିଜୟଙ୍କ ଟାର୍ଗେଟ୍‌ରେ ବସନ୍ତ

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନରେ ନିଜ ନିର୍ବାଚନମଣ୍ଡଳୀ ନୂଆପଡ଼ାରେ ଶୋଚନୀୟ ପରାଜୟର ସାମ୍ନା କରିଛନ୍ତି ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା । କୋମନା ବ୍ଲକ୍‌ର ଜିଲ୍ଲା ପରିଷଦ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିପୁଳ ଭୋଟ୍‌ରେ ଜିତିବା ପରେ ବସନ୍ତଙ୍କ ଶେଷ ଆଶା ବି ମଉଳିଯାଇଛି । ଏହାକୁ ନେଇ ବିରୋଧୀମାନେ ବିଜେପିକୁ ଘେରୁଥିବା ବେଳେ ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ମଧ୍ୟ ଏ ପ୍ରସଙ୍ଗରେ ବସନ୍ତଙ୍କୁ ଟାର୍ଗେଟ୍ କରିଛନ୍ତି । ଏହା ଦଳ ଉପରେ ପ୍ରଭାବ ପକାଇବ ଓ ରାଷ୍ଟ୍ରୀୟ ସଭାପତି ଏହାର ବିଚାର କରିବେ ବୋଲି ସେ କହିଛନ୍ତି । ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ବିଜୟ ମହାପାତ୍ରଙ୍କ ବୟାନ ନେଇ ବିଜେପି ଅଡୁଆରେ ପଡ଼ିଥିଲା । ବିଜୟ ଦଳବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି ଖୋଦ୍ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଖୋଲାଖୋଲି କହିଥିଲେ । ତେବେ ସେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ହୋଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ତାଙ୍କର ନାହିଁ । ରାଷ୍ଟ୍ରୀୟ ସଭାପତିଙ୍କୁ ଏ ନେଇ ଜଣାଇସାରିଛି ଓ ସେ ଯାହା ବିଚାର କରିବେ ବୋଲି କହିଥିଲେ ବସନ୍ତ । ଏହାକୁ ସମ୍ଭବତଃ ଭୁଲି ନ ଥିଲେ ବିଜୟ । ଏବେ ବସନ୍ତଙ୍କ କଥାରେ ହିଁ ତାଙ୍କୁ ବାଣ ମାରିଛନ୍ତି । କହିଛନ୍ତି ଯେ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି । ତେବେ ରାଷ୍ଟ୍ରୀୟ ସଭାପତି ଏହାର ବିଚାର କରିବେ ।

## ଦକ୍ଷତା ବିକାଶ କେନ୍ଦ୍ରର ନାଁ ବଦଳିଲା

**ଭୁବନେଶ୍ୱର :** 'ଦକ୍ଷତା ବିକାଶ କେନ୍ଦ୍ର' (ଏସ୍‌ଡିଇ) ର ନାଁ ବଦଳାଇ ଦେଇଛନ୍ତି ସରକାର । ଏହା 'ବିଜୁ ଦକ୍ଷତା ବିକାଶ କେନ୍ଦ୍ର' ନାମରେ ନାମିତ ହୋଇଛି । ରାଜ୍ୟର ୩୦ ଜିଲ୍ଲାରେ ୩୦ କେନ୍ଦ୍ର ଖୋଲିବେ ରାଜ୍ୟ ସରକାର । ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରତି ଜିଲ୍ଲାରେ କେନ୍ଦ୍ର ବ୍ୟତୀତ ସବୁ ସରକାରୀ ପଲିଟେକନିକ୍, ଆଇଟିଆଇ ଆଦି ପ୍ରତିଷ୍ଠାନ ପରିସରରେ ୪୨ଟି ସମ୍ପ୍ରସାରିତ କେନ୍ଦ୍ର ସ୍ଥାପନ କରାଯିବାକୁ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ବେକାରୀ ସମସ୍ୟା ଦୂର କରିବାକୁ ଯୁବକମାନଙ୍କୁ ଏହି କେନ୍ଦ୍ରରେ ସ୍ୱତନ୍ତ୍ର ଭାବେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଉଛି ।

## ବୁଥ୍‌ସ୍ତରରେ ଦସ୍ତଖତ ଅଭିଯାନ କରିବ ଭାଜପା

**ଭୁବନେଶ୍ୱର :** ଚାଷୀ ସମସ୍ୟା ନେଇ ରାଜ୍ୟରେ ରାଜନୀତି ଜୋର୍ ଧରିବାରେ ଲାଗିଛି । ଚାଷୀଙ୍କୁ ଢାଲ କରି ରାଜ୍ୟରେ ସବୁଦଳଗୁଡ଼ିକ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଉଦ୍ୟମ ଚଳାଇଛନ୍ତି । ଶାସକ ବିଜେଡି ପକ୍ଷରୁ ରାଜ୍ୟର ପ୍ରତି ବ୍ଲକ୍ ଅଫିସ୍ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ବିରୋଧରେ ଧାରଣା ଓ ପ୍ରତିବାଦସଭା କରାଯାଉଛି । କଂଗ୍ରେସ ପକ୍ଷରୁ ମଧ୍ୟ ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯାଇଥିଲା । ସମାନ ଭାବେ ଚାଷୀ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଦୋଷ ଦୁର୍ବଳତା ଲୁଚାଇବାକୁ ଭାଜପା ପକ୍ଷରୁ ରାଜ୍ୟର ଚାଷୀମାନଙ୍କଠାରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଯାଇଛି । ରାଜ୍ୟର ୩୧୪ ବ୍ଲକ୍‌ରେ ଜୁନ୍ ୨୯ ତାରିଖରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । ଚଳିତ ମାସ ୧୫ ତାରିଖରେ ଭାଜପାର ଦସ୍ତଖତ ଅଭିଯାନ ଶେଷ ହେବାର ଥିଲା । ରାଜ୍ୟର ୫୦ ହଜାର କୃଷକ ପରିବାରଙ୍କ ଠାରୁ ଦସ୍ତଖତ ସଂଗ୍ରହ କରିବା ଲାଗି ଭାଜପା ପକ୍ଷରୁ ସୂଚନା ମିଳିଥିଲା । ମାତ୍ର ମଙ୍ଗଳବାର ଭାଜପାର ଏହି ଦସ୍ତଖତ ଅଭିଯାନକୁ ଆହୁରି ୧୫ ଦିନ ଲାଗି ବୃଦ୍ଧି କରିଦିଆଯାଇଛି । ଭାଜପା କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି କହିଛନ୍ତି ଯେ ରାଜ୍ୟର ୩୧୪ ବ୍ଲକ୍‌ର ସମସ୍ତ ସଦର ମହକୁମାରେ ଦସ୍ତଖତ ସଂଗ୍ରହ ଶେଷ ହୋଇଛି । ଏବେ ବୁଥ୍‌ସ୍ତରରେ ଗାଁମାନଙ୍କୁ ଯାଇ କେନ୍ଦ୍ର ସରକାରଙ୍କ କୃଷକ କଲ୍ୟାଣ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇବେ ଭାଜପା ନେତା । ଏହାସହ ଋଣମୁକ୍ତ ଚାଷୀ ଏବଂ ସୁଧମୁକ୍ତ ଋଣ ଦାବିପତ୍ର କୃଷକ ପରିବାରଠାରୁ ଦସ୍ତଖତ ଅଣାଯିବା ପ୍ରକ୍ରିୟା ଚାଲିବ ।

ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ ଆଶାନୁରୂପ ବୃଦ୍ଧି କରି ନ ଥିବାରୁ ଏହା ବିରୋଧରେ ସ୍ୱର ଉତ୍ତୋଳନ ହେଉଛି । ପ୍ରତ୍ୟେକ ଜିଲ୍ଲାର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ କୃଷକ ଏକାଠି ହେଉଛନ୍ତି । ଅନ୍ୟପଟେ ରାଜ୍ୟର କଂଗ୍ରେସ ମଧ୍ୟ ମଧ୍ୟ କୃଷକଙ୍କୁ ନେଇ ରାଜନୀତି ଚଳାଇଛି । କୃଷକଙ୍କ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ଅବହେଳା କରୁଥିବା ଦର୍ଶାଉଛି । କୃଷକଙ୍କ ସମସ୍ୟା ନେଇ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ ଗର୍ଜନ ଆରମ୍ଭ କରିଦେଇଛି । ନିର୍ବାଚନ ସମୟରେ କେନ୍ଦ୍ର ସରକାର ସ୍ୱାମୀନାଥନ ରିପୋର୍ଟକୁ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ କାହିଁକି ଲାଗୁ କରିନାହାନ୍ତି, ସେ ନେଇ ପ୍ରଶ୍ନ ଉଠାଇଛନ୍ତି ଆପ୍‌ର ବରିଷ୍ଠ ନେତା ସଞ୍ଜୟ ସିଂହ । ମଧ୍ୟପ୍ରଦେଶର ଭାଜପା ସରକାର ଆନ୍ଦୋଳନରତ କୃଷକଙ୍କ ଉପରେ ଗୁଳିଚାଳନା କରିବା ଦ୍ୱାରା କେତେକଙ୍କ ଜୀବନ ଗଲା । କେନ୍ଦ୍ର ଅର୍ଥମନ୍ତ୍ରୀ କୃଷକଙ୍କ ଋଣଛାଡ଼ ସମ୍ପର୍କରେ ଭାଜପାର ଆଭିମୁଖ୍ୟ କ'ଣ ତାହା ଦେଶବାସୀଙ୍କ ଆଗରେ ସ୍ପଷ୍ଟ ହୋଇପାରୁ ନାହିଁ । ତେଣୁ ଏହାର ଫାଇଦା ଉଠାଇବା ଲାଗି ରାଜନୈତିକ ଦଳଗୁଡ଼ିକ କୃଷି ସମସ୍ୟା ସମ୍ପର୍କରେ ମୁହଁ ଖୋଲିବା ଆରମ୍ଭ କରିଛନ୍ତି ବୋଲି ରାଜନୈତିକ ଦଳଗୁଡ଼ିକ କୃଷି ସମସ୍ୟା ସମ୍ପର୍କରେ ମୁହଁ ଖୋଲିବା ଆରମ୍ଭ କରିଛନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି ।

### ଜଗମୋହନ ମରାମତି ମାମଲା

# ଅକ୍ଟୋବର ସୁଦ୍ଧା ମରାମତି ଶେଷ କରିବାକୁ ସତ୍ୟପାଠ

**କଟକ :** ଜଗମୋହନ ମରାମତି ପ୍ରସଙ୍ଗରେ ହାଇକୋର୍ଟରେ ଆମିକସ୍ କ୍ୟୁରୀ ଏନ୍.କେ ମହାନ୍ତି, ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ସତ୍ୟପାଠ ଦାଖଲ କରାଯାଇଥିବାବେଳେ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମୌଖିକ ଭାବେ ତଥ୍ୟ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ସମସ୍ତ ମରାମତି କାର୍ଯ୍ୟ ଶେଷ ହେବ ବୋଲି ଦର୍ଶାଯାଇଛି । ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ସତ୍ୟରଞ୍ଜନ ସେଠୀଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଛି ଯେ, ଦୁର୍ବଳ ଥିବା ବିମ୍‌କୁ ଶକ୍ତ କରିବା ପାଇଁ ଷ୍ଟିଲ୍ ପୋର୍ଟାଲ୍ ବକ୍ସ କାର୍ଯ୍ୟ ଶେଷ ହୋଇଛି । ବାକି ରହିଥିବା ଅନ୍ୟାନ୍ୟ ମରାମତି କାର୍ଯ୍ୟ ଅକ୍ଟୋବର ୩୧ ସୁଦ୍ଧା ଶେଷ ହେବ ବୋଲି କୁହାଯାଇଛି । ସେହିପରି ଆମିକସ୍ କ୍ୟୁରୀ ଏନ୍.କେ ମହାନ୍ତିଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଛି ଯେ, ଜଗମୋହନର ପଶ୍ଚିମ ପାର୍ଶ୍ୱରେ କଳଙ୍କିବିହୀନ ବିମ୍ କାର୍ଯ୍ୟ ଶେଷ ହୋଇଛି । ଆସନ୍ତା ୧୫ରୁ ୨୦ଦିନ ଭିତରେ ଦକ୍ଷିଣ ଓ ପୂର୍ବ ପାର୍ଶ୍ୱରେ ମରାମତି କାର୍ଯ୍ୟ ଶେଷ ହେବ । ଅଣସର ପିଣ୍ଡି ନିକଟରେ କ୍ୟାଣ୍ଡେଲାଇଟ୍ ଷ୍ଟୋନ୍ କ୍ଲାଡିଙ୍ଗ୍ କାର୍ଯ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଶେଷ ହୋଇଛି । ସେହିପରି ଭାବେ ଉତ୍ତର-ଦକ୍ଷିଣ କଲମ ପାର୍ଶ୍ୱରେ ଏପୋକ୍ସି ଗ୍ରାଉଟିଂ କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ଆମିକସ୍‌କ୍ୟୁରୀ ଶ୍ରୀ



ମହାନ୍ତି ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଓ ଗଜପତିଙ୍କ ଉପସ୍ଥିତିରେ ବିଶିଷ୍ଟ ସ୍ଥପତ୍ୟ ପଦ୍ମ ବିଭୁଷଣ ରଘୁନାଥ ମହାପାତ୍ରଙ୍କ ସହ ଆଲୋଚନା ପରେ ଚଟାଣ ପଥର କାର୍ଯ୍ୟ, ଷ୍ଟୋର୍ ଘର, ଭଗବାନ ଲୋକନାଥ ଓ ଅନ୍ୟାନ୍ୟ ଛୋଟ ଛୋଟ ଘରର ମରାମତି ହେବ । ଏ ନେଇ ଶ୍ରୀ ମହାନ୍ତି ଶ୍ରୀମନ୍ଦିର ପ୍ରଶାସନ ସହ କଥା ହୋଇଥିବା ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଜଗମୋହନ ମରାମତି ମାମଲାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଏକ ସତ୍ୟପାଠ ଦାଖଲ କରାଯାଇଛି । ଏଥିରେ କୁହାଯାଇଛି, ଆସନ୍ତା ୩୦ ଦିନ ମଧ୍ୟରେ ଖଣ୍ଡୋଲାଇଟ୍ ଷ୍ଟୋନ୍ କ୍ଲାଡିଙ୍ଗ କାର୍ଯ୍ୟ ହେବ । ଭଣ୍ଡାରଘର ଓ ଫୁଲଘର ମଧ୍ୟ ମରାମତି ହେବ ।

## ପୁଣି ଭଙ୍ଗାଯିବ ଶ୍ରୀମନ୍ଦିର ଚାରିପାଖ

**ପୁରୀ :** ଶ୍ରୀମନ୍ଦିର ଚାରିପାଖରୁ ପୁଣି ଭଙ୍ଗାଯିବ । ମେଘନାଦ ପାଚେରି ପାଖରୁ ନୁହେଁ, ଯେତିକି ଭଙ୍ଗା ଯାଇଛି ସେହି ସୀମାରୁ ବାହାରକୁ ଆଉ ୭୦ ମିଟର । ଏ ବାବଦରେ ବହୁ ପୂର୍ବରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆସିଥିବା ବେଳେ ଏଥିନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ରାଜସ୍ୱ ବିଭାଗରୁ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାରଙ୍କ ସମେତ ଆରଆଇ ମଧ୍ୟ ଭାଗ ନେଇଥିଲେ । ପ୍ରାଥମିକ ପର୍ଯ୍ୟାୟରେ ସର୍ବେକ୍ଷଣ ହୋଇ କାହାର କେତେ ଜାଗା ଓ ଘର ଅଛି ତଥ୍ୟ ସଂଗ୍ରହ କରାଯିବ । କେଉଁମାନଙ୍କର ନିର୍ଦ୍ଧାରିତ ଅଞ୍ଚଳରେ କେବଳ ଗୋଟିଏ ମାତ୍ର ଘର ଅଛି ନା ଆଉ କେଉଁଠି ମଧ୍ୟ ଘର ଅଛି ତାହା ବି ଯାଞ୍ଚ ହେବ । ଏ ମଧ୍ୟରେ କେତେ ଘରୋଇ ଓ କେତେ ସରକାରୀ ଜାଗା ରହିଛି, କେତେ ଜବର ଦଖଲ ରହିଛି ତା'ର ଶ୍ରେଣୀବିଭାଗ କରି ତାଲିକା ପ୍ରସ୍ତୁତ ହେବ । ପ୍ରଥମେ ସରକାରୀ ଜାଗାକୁ ମାଡି ବସିଥିବା ଲୋକଙ୍କୁ ଉଚ୍ଛେଦ କରାଯିବ । ବେଆଇନ ଭାବେ ଶ୍ରୀଜଗନ୍ନାଥଙ୍କ ଜମି ହାତେଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯିବ ।

## ସରକାରଙ୍କ ଯୋଜନା କମାଇଛି ଶିଶୁ ମୃତ୍ୟୁହାର

**ଭୁବନେଶ୍ୱର :** ଦେଶରେ ଶିଶୁ ମୃତ୍ୟୁହାର ଉଦ୍‌ବେଗ ଅବସ୍ଥାରେ ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ ଅବସ୍ଥାରେ ରହିଛି । ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଯୋଗୁଁ ଶିଶୁମୃତ୍ୟୁହାର ହ୍ରାସ ପାଇଛି । ତେବେ ସଚେତନତା ଅଭାବ ଯୋଗୁଁ ସମ୍ପୂର୍ଣ୍ଣ ଭାବେ ମା' କ୍ଷୀର ପାଇପାରୁ ନ ଥିବା ପ୍ରାୟ ୬୩ ଭାଗ ଶିଶୁ ରକ୍ତହୀନତା ଓ ବିଭିନ୍ନ ସଂକ୍ରମଣ ରୋଗର ଶିକାର ହେଉଛନ୍ତି । ସେହିପରି ଅପପୃଷ୍ଟିର ଶିକାର ୧୩-୧୪ ବର୍ଷ ବୟସର ଝିଅ ବିବାହ କରି ଅର୍ଥାତ୍ ବାଲ୍ୟବିବାହ କାରଣରୁ ସନ୍ତାନ ପ୍ରସବ କରିବା ମଧ୍ୟ ଶିଶୁ ପୃଷ୍ଟିହୀନତାର ଏକ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି । ଉତ୍କଟ ଦାରିଦ୍ର୍ୟ ଯୋଗୁଁ ପୁଷ୍ଟିହୀନତା ଓଡ଼ିଶାରେ ଶିଶୁମୃତ୍ୟୁହାର ଅନ୍ୟଏକ କାରଣ । କେବିକେ ଜିଲ୍ଲା ସମେତ ରାଜ୍ୟ ଆଦିବାସୀ ଅଞ୍ଚଳରେ ଏହାର ପ୍ରମାଣ ରହିଛି । ଏହାର ମୂଳକାରଣ ପୁଷ୍ଟିହୀନତା ଓ ଖାଦ୍ୟର ଅଭାବ ବୋଲି ବିଶେଷଜ୍ଞମାନେ କହିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପନିର୍ଦ୍ଦେଶକ ରବିନ୍ଦ୍ର କୁମାର ମିଶ୍ର କହିଛନ୍ତି ଯେ ରାଜ୍ୟ ସରକାର ଶିଶୁ ଓ ମାତୃମୃତ୍ୟୁହାର ହ୍ରାସ ପାଇଁ ଅନେକ ଯୋଜନା କରିଛନ୍ତି । ୧୯୯୯-୨୦୦୭ରେ ଓଡ଼ିଶା ସ୍ୱାସ୍ଥ୍ୟ ଉନ୍ନୟନ ପ୍ରକଳ୍ପ ୨୦୦୧-୨୦୦୨ରେ ଶିଶୁ ମୃତ୍ୟୁହାର ହ୍ରାସ ମିଶନ, ୨୦୦୨-୨୦୦୩ରେ ସମନ୍ୱିତ ସ୍ୱାସ୍ଥ୍ୟସେବା ନୀତି ଓ କୌଶଳ ଭିଜନ-୧୦, ୨୦୦୫ରୁ କାର୍ଯ୍ୟକାରୀ ହୋଇଆସୁଛି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ । ୨୦୦୭ରୁ ନରୱେ ଏବଂ ଭାରତ ସରକାରଙ୍କ ମିଳିତ ସହଯୋଗରେ ଯଶୋଦା ନିଯୁକ୍ତି ଓ ମାତୃ ଶିଶୁ ସ୍ୱାସ୍ଥ୍ୟ ଯୋଜନା, ୨୦୧୧ ଅକ୍ଟୋବର ୧୯ରୁ ଆରମ୍ଭ ହୋଇଛି ମମତା ଯୋଜନା । ଏହିସବୁ ଯୋଜନା ଯୋଗୁଁ ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ହେଲେ ମହିଳାମାନେ ସଚେତନ ନ ହେବା ଯୋଗୁଁ ଶିଶୁକୁ ମା' କ୍ଷୀର ଆଦୌ ନ ଦେବା ତଥା ମା' କ୍ଷୀରଠାରୁ ଦୂରେଇ ରଖିବା ପାଇଁ କେତେକସ୍ଥଳରେ ୧ରୁ ୩ ମାସ ମଧ୍ୟରେ ସ୍ତନ୍ୟପାନ ବନ୍ଦ କରି ଦେଉଛନ୍ତି । ଫଳରେ ଶିଶୁଟି ପୁଷ୍ଟିହୀନତାର ଶିକାର ହୋଇ ମାରାତ୍ମକ ରୋଗର ଶିକାର ହେଉଥିବା ଅବା ମୃତ୍ୟୁବରଣ କରୁଥିବା ଜଣାପଡ଼ିଛି । ଅର୍ଦ୍ଧାଧିକ ମହିଳା ନିଜର ସୌନ୍ଦର୍ଯ୍ୟ ପାଇଁ ଶିଶୁକୁ କ୍ଷୀର ପିଆଉନାହାନ୍ତି । ବଜାରରେ ମିଳୁଥିବା ଶସ୍ତା ଶିଶୁଖାଦ୍ୟ ଦେଉଥିବାରୁ ପ୍ରାୟ ୨୦ ଭାଗ ଶିଶୁ ଡାଇରିଆ ଓ ସଂକ୍ରମଣଜନିତ ରୋଗର ଶିକାର ହେଉଛନ୍ତି । ସମ୍ପୂର୍ଣ୍ଣ ଭାବେ ମା' କ୍ଷୀର ବନ୍ଦ ଯୋଗୁଁ ପ୍ରାୟ ୬୩ ଭାଗ ଶିଶୁ ରକ୍ତହୀନତା ଓ ବିଭିନ୍ନ ସଂକ୍ରମଣ ରୋଗର ଶିକାର ହେଉଛନ୍ତି । ମା' କ୍ଷୀର ଅତିକମ୍‌ରେ ଦୁଇବର୍ଷ ଶେଷ କିମ୍ବା ୫ ବର୍ଷ ପର୍ଯ୍ୟନ୍ତ ଚାଲୁରହିଲେ ଶିଶୁ ସର୍ବାଧିକ ଉପକୃତ ହୋଇଥାଏ । ମାତ୍ର ଏହି ସତର୍କତା ପ୍ରତି କେହି ସଚେତନ ହେଉ ନ ଥିବାରୁ ରାଜ୍ୟରେ ଶିଶୁମୃତ୍ୟୁହାର ଉଦ୍‌ବେଗଜନକ ଅବସ୍ଥାରେ ୮୦-୯୦ ଦଶକରେ ରହିଥିଲା । ପୃଥିବୀରେ ପୁଷ୍ଟିହୀନତାର ଶିକାର ହେଉଥିବା ପ୍ରତି ୩ ଶିଶୁଙ୍କ ମଧ୍ୟରେ ଜଣେ ଭାରତୀୟ । ଅର୍ଥାତ୍ ଭାରତର ୬ ବର୍ଷ ବୟସ ମଧ୍ୟରେ ଥିବା ୧୬ କୋଟି ଶିଶୁଙ୍କ ମଧ୍ୟରୁ ପ୍ରାୟ ୪୨ ଭାଗ ପୁଷ୍ଟିହୀନତାର ଶିକାର ହେଉଥିବା କୁହାଯାଉଛି । ଜାତୀୟସ୍ତରରେ ଶିଶୁ ମୃତ୍ୟୁହାର ପ୍ରତି ୧ ହଜାରରେ ୪୦ ଥିବାବେଳେ ଓଡ଼ିଶାରେ ଏହା ୫୧ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ରାଜ୍ୟ ସରକାରଙ୍କ ମମତା ଯୋଜନା ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ ଫଳରେ ଏବେ ଏଥିରେ ପରିବର୍ତ୍ତନ ଆସିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ଆଖିବୁଜିଲା ନଗଡ଼ାର ମାନସୀ

**ଯାଜପୁର :** ବର୍ଷକ ତଳେ ଚର୍ଚ୍ଚାକୁ ଆସିଥିଲା ମାନସୀ । କଙ୍କାଳସାର ମାନସୀର ଫଟୋ ଗଣମାଧ୍ୟମରେ ପ୍ରସାରିତ ହେବା ପରେ କେବଳ ଓଡ଼ିଶା ନୁହେଁ, ସାରା ବିଶ୍ୱରେ ଚର୍ଚ୍ଚାକୁ ଆସିଥିଲା ସେ । ଅପପୁଷ୍ଟି ପାଇଁ ମୃତ୍ୟୁର ଉପତ୍ୟକା ପାଲଟିଥିବା ନଗଡ଼ାକୁ ଲୋକଲୋଚନକୁ ଆଣିଥିବା ମାନସୀ ଶକୁବ୍ରାର ଚିରଦିନ ପାଇଁ ଆଖି ବୁଜିଛି । ଅପପୁଷ୍ଟି ପରେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ କାଳିଆପାଣି ଟିସ୍କୋ ହସ୍ପିଟାଲରେ ପ୍ରାଣ ହରାଇଛି ଦଇୁବର୍ଷର ଏହି କଙ୍କାଳସାର ଶିଶୁକନ୍ୟା । ତଳନଗଡ଼ା ଗାଁ'ର ଧନେଶ୍ୱର ପ୍ରଧାନଙ୍କ ଦଇୁବର୍ଷର ଝିଅ ମାନସୀ । ଗତବର୍ଷ ଅପପୁଷ୍ଟିରେ ନଗଡ଼ାର ୧୯ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଶିଶୁ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଥିଲା ମାନସୀ । ସମସ୍ତ ଆକ୍ରାନ୍ତଙ୍କ ସହ ମାନସୀକୁ ଟିସ୍କୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଆସିବା ପରେ ମାନସୀକୁ ପରିବାର ଲୋକେ ଘରକୁ ଫେରାଇ ଆଣିଥିଲେ । ମଝିରେ ମଝିରେ ହସ୍ପିଟାଲକୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଉଥିଲେ । ମାତ୍ର ଦଇୁଦିନ ତଳେ ମାନସୀକୁ ଜ୍ୱର ହେବାରୁ ପରିବାର ଲୋକେ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ପରୀକ୍ଷାନିରିକ୍ଷା ପରେ ତାକୁ ମ୍ୟାଲେରିଆ ଜ୍ୱର ହୋଇଥିବା ଜଣାପଡ଼ିଥିଲା । ପରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

### ସରକାରଙ୍କୁ ଘାରିଲା ଆଦିବାସୀ ଅଞ୍ଚଳର ପ୍ରସୂତିଙ୍କ ଚିନ୍ତା

# ସରକାରୀ ଖର୍ଚ୍ଚରେ ଆଗୁଆ ଆସିପାରିବେ ସ୍ୱାସ୍ଥ୍ୟକେନ୍ଦ୍ର

**ଭୁବନେଶ୍ୱର (ବ୍ୟୁରୋ) :** ଆଉ ଗର୍ଭବତୀ ମହିଳାମାନେ ଖଟିଆରେ ବୁହାହେବେନି । ଗର୍ଭବତୀଙ୍କୁ ପ୍ରସବ ସମୟର ୧୦ ଦିନ ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବ । ପଞ୍ଚାୟତସ୍ତରର ସ୍ୱାସ୍ଥ୍ୟକର୍ମୀମାନଙ୍କ ସହାୟତାରେ ଆସନ୍ନପ୍ରସବାମାନଙ୍କୁ ଚିହ୍ନଟ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପାଇଁ ଯୋଜନା କରିଛି କୋରାପୁଟ ଜିଲ୍ଲା ପ୍ରଶାସନ । ଜିଲ୍ଲାପାଳ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶ ଅନୁସାରେ ଏଣିକି ଅଗମ୍ୟ ଅଞ୍ଚଳର ଗର୍ଭବତୀ ମହିଳାମାନଙ୍କୁ ବୁଝାଇସୁଝାଇ ୧୦ ଦିନ ପୂର୍ବରୁ ମା'ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମୁଖ୍ୟ ଚିକିତ୍ସାଳୟରେ ରଖାଯିବ । ଏହି ୧୦ ଦିନ ମଧ୍ୟରେ ରୋଗୀଙ୍କର ଖର୍ଚ୍ଚ ମଧ୍ୟ ପ୍ରଶାସନ ପକ୍ଷରୁ ବହନ କରାଯିବ ବୋଲି ଜଣାପଡ଼ିଛି । ବର୍ତ୍ତମାନ ରାଜ୍ୟରେ ବର୍ଷା ଲାଗି ରହିଥିବା ବେଳେ ଜିଲ୍ଲାର ଅନେକ ସ୍ଥାନରେ ଏବେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୧୨ ଜଣ ମହିଳାଙ୍କୁ ପ୍ରଶାସନ ପକ୍ଷରୁ ମା'ଗୃହରେ ରଖାଯାଇଛି । ସୂଚନାଯୋଗ୍ୟ ଯେ କୋରାପୁଟ ଜିଲ୍ଲାରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଗାଁ ଏବେ ବି ଅଗମ୍ୟ ହୋଇ ରହିଛି । ଫଳରେ ଅନେକ ସମୟରେ ଗାଁରେ ଆମ୍ବୁଲାନ୍ସ କିମ୍ବା ଅନ୍ୟାନ୍ୟ ଗାଡ଼ି ପହଞ୍ଚିବା ସମ୍ଭବ ହୋଇପାରୁ ନାହିଁ । ଫଳରେ ଗର୍ଭବତୀଙ୍କୁ ଭାର ଜରିଆରେ ଡାକ୍ତରଖାନାକୁ ଆଣିବାକୁ ପଡୁଛି ଏବଂ ଏହି ସମୟରେ ମହିଳାମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡୁଛି । ନିକଟରେ ନାରାୟଣ ପାଟଣା ଅଞ୍ଚଳରେ ଜଣେ ଗର୍ଭବତୀଙ୍କୁ ଅଣ୍ଟାଏ ପାଣିଭିତରେ ପଶି ଚାରିଜଣ ଯୁବକ ଖଟିଆରେ ବୋହିଆଣିବା ଭଳି ଦୃଶ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏହାପରେ ଜିଲ୍ଲା ପ୍ରଶାସନ ସଜାଗ ହୋଇଉଠିଛି ।

### ପାନୀୟଜଳ ସମସ୍ୟା ସମାଧାନ ଲାଗି ଯୋଜନା


# ବ୍ୟୟ ହେବ ୨,୭୦୩ କୋଟି

**ଭୁବନେଶ୍ୱର :** ରାଜ୍ୟରେ ପାନୀୟଜଳ ସମସ୍ୟା ଦିନକୁଦିନ ଗମ୍ଭୀର ହେବାରେ ଲାଗିଛି । ଚତୁର୍ଥ ଅର୍ଥ କମିଶନଙ୍କ ରିପୋର୍ଟ ମୁତାବକ ବର୍ତ୍ତମାନ ରାଜ୍ୟର ୫୫ ହଜାର ୧୪୫ ଗାଁ ଏବଂ ସହରାଞ୍ଚଳର ୧୪୫ ୱାର୍ଡରେ ବିଶୁଦ୍ଧ ପାନୀୟ ଜଳ ପାଇବା କଷ୍ଟକର ହୋଇଛି । ବାଧ୍ୟ ହୋଇ ନଦୀ ଜଳ, ପୋଖରୀ ଓ କୂଅର ଦୂଷିତ ପାଣି ଲୋକ ପିଉଛନ୍ତି । ଫଳରେ ସେମାନେ କାମଳ ସହ ଅନ୍ୟାନ୍ୟ ଜଳବାହିତ ରୋଗର ଶିକାର ହେଉଛନ୍ତି । ରାଜ୍ୟର ୧୦୯ ସହରାଞ୍ଚଳରେ ୧୮୪୩ ଟି ୱାର୍ଡ ମଧ୍ୟରୁ ୫୫୨ ଟି ୱାର୍ଡରେ ଶତପ୍ରତିଶତ ବିଶୁଦ୍ଧ ପାନୀୟ ଜଳ ମିଳୁଥିବାବେଳେ ୧୧୪୬ ୱାର୍ଡରେ ଶତ ପ୍ରତିଶତ ପାନୀୟଜଳ ମିଳି ପାରିନାହିଁ । ଓଡିଶା ଅର୍ବାନ୍ ୱାଟର ପଲିସି-୨୦୧୩ ଆଧାରରେ ଆସନ୍ତା ୧୦ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ୨,୭୦୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ତେବେ ମିଳିଥିବା ତଥ୍ୟ ମୁତାବକ ରାଜ୍ୟର ୨୦ ପ୍ରତିଶତ ଭୂତଳ ଜଳରେ କ୍ଲୋରାଇଡ୍ ରହିଥିବାବେଳେ ୭୦ ଅଞ୍ଚଳ ଜଳରେ ଅତ୍ୟଧିକ ଲୌହ ଓ ୨ ପ୍ରତିଶତ ଫ୍ଲୋରାଇଡ୍ ରହିଛି । ରାଜ୍ୟର ସମୁଦ୍ର କୂଳିଆ ଅଞ୍ଚଳରେ ଜଳ ଅଧିକ ମାତ୍ରାରେ ଦୂଷିତ ହେଉଛି । ସେହିପରି ରାଜ୍ୟର ୧୩ ଟି ବ୍ଲକ୍ ଅଧୀନରେ ଥିବା ୭୪୦ ଗାଁରେ ପାନୀୟଜଳର ସ୍ଥିତି ଖରାପ ରହିଛି । ଏସବୁ ଅଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ନିମନ୍ତେ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଯୋଜନା ପ୍ରଣୟନ କରାଯାଇଛି । ରାଜ୍ୟର ୧,୫୭,୨୯୬ ଜଣ ଅଧିବାସୀଙ୍କ ମଧ୍ୟରୁ ୧,୦୨,୧୧୦ ଜଣ ପ୍ରତିଦିନ ୪୦ ଲିଟର ଜଳ ବ୍ୟବହାର କରୁଥିବାବେଳେ ୧,୦୨,୧୧୦ ଟି ଗାଁ ଓ ୪୮,୪୬୬ ଟି ଗାଁର ଲୋକମାନେ ପର୍ଯ୍ୟାପ୍ତ ପରିମାଣର ଜଳ ପାଇ ପାରୁନଥାନ୍ତି । ରାଜ୍ୟର ୩୫୨୩୩ ଟି ଗାଁରେ ପାଇପ୍ ଜଳର ସୁବିଧା ରହିଛି । ସୂଚନା ଥାଉକି ରାଜ୍ୟର ବିଭିନ୍ନ ସ୍ଥାନରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ପାନୀୟଜଳ ବ୍ୟବହାର ଉପଯୋଗୀ ହୋଇନଥିବା ଦର୍ଶାଇ ହାଇକୋର୍ଟରେ ଏ ନେଇ ଏକ ମାମଲା ରୁଜୁ ହୋଇଛି । ଏଥିରେ କୁହାଯାଇଛି ଯେ କେବଳ



କଟକ ସହର ନୁହେଁ ବରଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟଜଳ ବିଶୁଦ୍ଧ ନୁହେଁ । ଏହାଦ୍ୱାରା ଲୋକମାନେ ଅନେକ ସମୟରେ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ରୁଜୁ ମାମଲାରେ ଦର୍ଶାଯାଇଛି ଯେ, ରାଜ୍ୟର ୧୩ଟି ବ୍ଲକ ଅଧୀନରେ ଥିବା ୭୪୦ ଗାଁରେ ପାନୀୟଜଳର ସ୍ଥିତି ସଙ୍ଗିନ ରହିଥିବାବେଳେ ବାଲେଶ୍ୱରର ଭୋଗରାଇ, ଭଣ୍ଡାରୀପୋଖରୀ, କଟକ ଜିଲାର ନରସିଂହପୁର, ପୁରୀର ସତ୍ୟବାଦୀ, ବଲାଙ୍ଗୀରର ସଇଁତଳା, ଟିଟିଲାଗଡ, କେନ୍ଦୁଝର ଜିଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର, ଜଗତସିଂହପୁର ଜିଲାର ଏରସମା, ବାଲିକୁଦା, ନୂଆଗାଁ, ନୂଆପଡା ଜିଲାର ଖରିଆର ଭଳି ଅଞ୍ଚଳରେ ୫ ଲକ୍ଷ ୯୦ ହଜାର ଲୋକ ଦୂଷିତ ଜଳ ପିଉଛନ୍ତି । ବର୍ତ୍ତମାନ ମଧ୍ୟ ରାଜ୍ୟର ୫୫,୧୪୫ଟି ଗାଁ ଏବଂ ସହରାଞ୍ଚଳର ୧୪୫ଟି ୱାର୍ଡରେ ବିଶୁଦ୍ଧ ପାନୀୟଜଳ ସମସ୍ୟା ରହିଛି । ଏସବୁ ସ୍ଥାନରେ ଲୋକମାନେ ବାଧ୍ୟ ହୋଇ ନଦୀ ଜଳ, ପୋଖରୀ ଓ କୂଅ ପାଣି ଉପରେ ନିର୍ଭର କରନ୍ତି ଯାହାକି ଦୂଷିତ । ଅନ୍ୟପକ୍ଷରେ ରାଜ୍ୟର ୧୦୯ ସହରାଞ୍ଚଳର ୧୮୪୩ ଟି ୱାର୍ଡ ମଧ୍ୟରୁ ୫୫୨ ଟି ୱାର୍ଡରେ ଶତପ୍ରତିଶତ ବିଶୁଦ୍ଧ ପାନୀୟଜଳ ମିଳନୁଥିବାବେଳେ ୧୧୪୬ ୱାର୍ଡରେ ଶତପ୍ରତିଶତ ପାନୀୟଜଳ ମିଳି ପାରିନାହିଁ ବୋଲି ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଛି ।

ମନୁଷ୍ୟ ନିଜେ ହିଁ ନିଜ କର୍ମ
ଦ୍ୱାରା ଦୁଃଖକୁ ନିଜ ପାଖକୁ
ଡାକି ଆଣିଥାଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ

## ଯଥାର୍ଥ ଦାବି

**ଦେ**ଶର ଇତିହାସରେ ଯେକୌଣସି ଘଟଣାକୁ ସ୍ଥାନ ଦେବାକୁ ହେଲେ ଏଥିପାଇଁ ଯଥେଷ୍ଟ ତଥ୍ୟ, ପ୍ରମାଣ ଓ ଦସ୍ତାବିଜ୍‌ର ଆବଶ୍ୟକତା ହୋଇଥାଏ। ଏ ସମସ୍ତ ତଥ୍ୟ ପ୍ରମାଣସିଦ୍ଧ ହୋଇପାରିଲେ ଏହା ଇତିହାସରେ ସ୍ଥାନିତ ହୁଏ। ତେଣୁ ଐତିହାସିକ ୧୮୧୭ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଆଖ୍ୟା ଦେବାକୁ ହେଲେ ଏଭଳି କିଛି ଯୁକ୍ତିସଂଗତ ପ୍ରମାଣର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟର ବଡ ବଡ ଐତିହାସିକ, ଗବେଷକ ତଥା ଶିକ୍ଷାବିତ୍‌ମାନଙ୍କ ପରାମର୍ଶ ଓ ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ ଏବଂ ସଠିକ୍ ସମୟରେ ଏହାକୁ କେନ୍ଦ୍ର ନିକଟରେ ଉପସ୍ଥାପନ କରିବା ରାଜ୍ୟ ସରକାରଙ୍କ ପାଇଁ ବଡ ଆହ୍ୱାନ। ଏଭଳି ଆହ୍ୱାନକୁ ସରକାରୀ ସ୍ତରରେ ଆନ୍ତରିକତାର ସହ ବିଚାରବିମର୍ଷ କରି ତଥ୍ୟ ପ୍ରମାଣ ଯୋଗାଡ କରିବାକୁ ହେବ। ଯେହେତୁ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନର ଶୁଭାରମ୍ଭ ପୂର୍ବରୁ ରାଜ୍ୟ କ୍ୟାବିନେଟ୍‌ରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ନିମନ୍ତେ ସରକାରୀ ମୋହର ଲାଗିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହଙ୍କୁ ପତ୍ର ଲେଖି ଦାବି ଉପସ୍ଥାପନ କରିଛନ୍ତି। ଏହି ଦାବିକୁ ମଧ୍ୟ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇଛି।

ମିଳିଥିବା ତଥ୍ୟ ଅନୁସାରେ ୧୮୦୩ରେ ଇଂରେଜମାନେ ଭାରତକୁ ଆସି ବାଣିଜ୍ୟ ବ୍ୟବସାୟ ଆରମ୍ଭ କରି ନିଜର ଆଧିପତ୍ୟ ବିସ୍ତାର କରିଥିଲେ। ସେତେବେଳେ ଭାରତବର୍ଷର ବିଭାଜିତ ରାଜାମାନଙ୍କ ଏକତା ନଥିବା ଦେଖି ଇଂରେଜମାନେ ଏ ଦେଶକୁ ଦଖଲକୁ ନେବା ଆରମ୍ଭ କରି ଦେଇଥିଲେ। ଧୀରେ ଧୀରେ ଇଂରେଜଙ୍କ ଆଧିପତ୍ୟ ବଢ଼ିବା ସହ ସେମାନଙ୍କ ଔଦ୍ଧତ୍ୟ ମଧ୍ୟ ବଢ଼ିଚାଲିଥିଲା। ଠିକ୍ ଏତିକିବେଳେ ଖୋର୍ଦ୍ଧାଗଡରୁ ଏହାର ବିରୋଧ ଆରମ୍ଭ ହୋଇଥିଲା ଓ ଏହାର ନେତୃତ୍ୱ ନେଇଥିଲେ ବକ୍ସି ଜଗବନ୍ଧୁ। ଇଂରେଜଙ୍କୁ ଦମନ କରିବା ଲକ୍ଷ୍ୟରେ ଘୁମୁସରର କନ୍ଧମାନେ ଖୋର୍ଦ୍ଧାର ପାଇକମାନଙ୍କ ସହ ମିଶି ଏହି ଅଭିଯାନକୁ ବ୍ୟାପକ କରିଥିଲେ। ଏହାପରେ ପାଇକ ବିଦ୍ରୋହର ବହ୍ନି ଜଳି ଉଠିଥିଲା। ପରବର୍ତ୍ତୀ ସମୟରେ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ମରିଚପୁର, ଗୋପ, ପିପିଲି, ତିରଣ, ହରିଶପୁର, କନିକା, ପଟ୍ଟାମୁଣ୍ଡାଇ ଓ ଅସୁରେଶ୍ୱରକୁ ଏହା ବ୍ୟାପି ଯାଇଥିଲା। ଏହି ବିଦ୍ରୋହରେ ସାମିଲ ହୋଇଥିଲେ ଖଣ୍ଡାୟତମାନେ। ବାଲେଶ୍ୱରର କିଛି ଖଣ୍ଡାୟତ ପ୍ରଥମେ ଏଥିପାଇଁ ପ୍ରବର୍ତ୍ତାଇଥିବାର ଐତିହାସିକ ତଥ୍ୟ ରହିଛି। ତେଣୁ ଓଡ଼ିଶାର ପାଇକ ବିଦ୍ରୋହ ବାସ୍ତବରେ ଇଂରେଜମାନଙ୍କ ବିରୋଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଗ୍ରହଣ କରାଯାଇଛି। ତେଣୁ ସିପାହୀ ବିଦ୍ରୋହ ଯେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଏଥିରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ କେନ୍ଦ୍ର ନିକଟରେ ଏହାର ତଥ୍ୟ ପ୍ରମାଣ ଉପସ୍ଥାପନ ନିମନ୍ତେ ରାଜ୍ୟ ସରକାର ଜୋରଦାର ପ୍ରୟାସ ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ ଏହି ସମୟ ମଧ୍ୟରେ ଓଡ଼ିଶାର ଲୋକମାନେ ଇଷ୍ଟଇଣ୍ଡିଆ କମ୍ପାନୀ ବିରୋଧରେ ଜୋରଦାର ଲଢ଼େଇ କରିଥିଲେ। ଇଂରେଜମାନଙ୍କ ଆଧିପତ୍ୟକୁ ଅସ୍ୱୀକାର କରିବାରୁ ଜୟୀରାଜଗୁରୁଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏତିକିରେ ଦବିଯାଇନଥିଲେ ବୀର ଓଡ଼ିଆ। ବରଂ ଇଂରେଜଙ୍କୁ ଉଚିତ୍ ଜବାବ ଦେବାକୁ ଅଧିକ ସଂଗଠିତ ହୋଇଥିଲେ। ବୀର ଓଡ଼ିଆ ଜାତି କାହାଠିଠାରୁ ହାର ନମାନି ବରଂ ଇଂରେଜମାନଙ୍କ ବିରୋଧରେ ଅଧିକ ପରାକ୍ରମ ଦେଖାଇଥିଲେ। ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ସମାରୋହର ଶୁଭାରମ୍ଭ ଅବସରରେ ନୂଆଦିଲ୍ଲୀରେ ମହାମହିମ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ମଧ୍ୟ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରିଛନ୍ତି। ସିପାହୀ ବିଦ୍ରୋହର ବହୁପୂର୍ବରୁ ହୋଇଥିବା ପାଇକ ବିଦ୍ରୋହ ସମୟରେ ଇଂରେଜମାନେ ଓଡ଼ିଶାର ଲୋକଙ୍କ ପ୍ରତି ବହୁ ଅତ୍ୟାଚାର ଚଳାଇଥିଲେ। ହେଲେ ସ୍ୱାଭିମାନୀ ଓଡ଼ିଆମାନେ ଓଡ଼ିଆ ଜାତିର ସ୍ୱରକୁ ବଜାୟ ରଖିବାରେ ସଫଳ ହୋଇଥିଲେ। ଆଜି ୨୦୦ ବର୍ଷ ପରେ ପୁଣିଥରେ ଏହି ବିଜୟଗାଥାକୁ ପୁର୍ନଜୀବୀତ କରି ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସ୍ୱୀକୃତି ପାଇବାକୁ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରଶଂସାଯୋଗ୍ୟ। ପାଇକ ବିଦ୍ରୋହର ସଠିକ ଡକ୍ୟୁମେଣ୍ଟେସନ କରାଯାଇ ଏହା ଉପସ୍ଥାପିତ ହେବା ସବୁଠୁ ବଡ ପ୍ରସଙ୍ଗ। ଏହି ପ୍ରସଙ୍ଗରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଖୋର୍ଦ୍ଧାର ବରୁଣେଇ ପାହାଡ ଓ ଆଖପାଖ ଅଞ୍ଚଳକୁ ପାଇକ ବିଦ୍ରୋହର ମହାନ ସ୍ମାରକୀ ପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ତେଣୁ ଏହାକୁ ରାଜନୈତିକ ପ୍ରସଙ୍ଗ ନ କରି ଦାବିର ଯଥାର୍ଥତା ପ୍ରତିପାଦନ କରିପାରିଲେ, ଭାରତ ଇତିହାସରେ ଓଡ଼ିଶାର ଗୌରବ ଅଧିକ ସ୍ୱର୍ଣ୍ଣମୟ ହୋଇପାରିବ।

# ଭାରତର ଅର୍ଥରେ ଭାରତ ସହ ଯୁଦ୍ଧ



ସୌମେନ୍ଦ୍ର ଜେନା

**ଏ**ବେ ଭାରତ-ଚୀନ ସଂପର୍କର ତିକ୍ତତାକୁ ନେଇ ଚୀନା ବସ୍ତୁ ବର୍ଜନ ଅଭିଯାନ ସୋସିଆଲ ମିଡିଆଠାରୁ ଆରମ୍ଭ କରି ସମ୍ବାଦପତ୍ର ଯାଏ ଚର୍ଚ୍ଚା ଧରିଛି। ଏହାକୁ ନେଇ ଅନେକ ପ୍ରକାର ମତ ମଧ୍ୟ ପ୍ରକାଶ ପାଉଛି। ଚୀନ ଯେ ଭାରତକୁ ଭାରତର ଅର୍ଥରେ ଖତମ୍ କରିବାପାଇଁ ମାଇନର ଜାଲ ବିଛାଇ ଚାଲିଛି ଏହା ଶତକଡା ଶହେ ସତ। କିନ୍ତୁ ବ୍ୟବସାୟ ବାଣିଜ୍ୟ କରୁଥିବା ଲୋକେ ଆମକଥାକୁ ବିଶ୍ୱାସ କରିବା ସହଜ ନୁହେଁ। ପେଟିଏମ୍‌ର ମାଲିକଙ୍କୁ ଏନେଇ ପ୍ରଶ୍ନ କରାଯିବା ସମୟରେ ସେ ଯେପରି ନୀରବତା ଅବଲମ୍ବନ କଲେ ସେମିତି ଫ୍ଲିପକାର୍ଟର ମାଲିକ ମଧ୍ୟ ଚୁପ୍ ରହିପାରନ୍ତି। କିନ୍ତୁ ବାଣିଜ୍ୟ ମାଧ୍ୟମରେ ବୋମା ବିସ୍ଫୋରଣର ସହଜସାଧ୍ୟ ମାର୍ଗଟିକୁ ଆପଣାଇ ଚୀନ ଯେପରି ସମଗ୍ର ପୃଥିବୀରେ ଆଧିପତ୍ୟ ବିସ୍ତାର କରିବାରେ ଲାଗିଛି ଏବଂ ନିଜସ୍ୱାର୍ଥର ପରିପନ୍ଥୀ ଅନ୍ୟ ଦେଶକୁ ଧମକ ଦେବାରେ ଲାଗିଛି, ଏସବୁରୁ ଆଗାମୀ ଦିନର ଭୟାବହତା ସଂପର୍କରେ ଏବେଠାରୁ ଅନୁମାନ କରାଯାଇପାରେ। ଚୀନର ସେନା ଦରମା ନପାଇ ଧାରଣା ଦେବାଟା ଯେମିତି ସତ୍ୟ, ସେନାଙ୍କୁ ଅର୍ଥ ଦେବାପାଇଁ ଚୀନ ପାଖରେ ଅର୍ଥାଭାବ ମଧ୍ୟ ସେମିତି ସତ୍ୟ। କାରଣ ଚୀନର ସରକାରୀ ନିୟନ୍ତ୍ରିତ ଗଣମାଧ୍ୟମକୁ ଆଧାର କରି ବିଶ୍ୱରେ ବିଶ୍ଳେଷଣ କରାଯାଇଥାଏ। ଆଭ୍ୟନ୍ତରୀଣ ଚୀନର ତଥ୍ୟ ଆଦୌ ପୃଥିବୀକୁ ଆସିପାରେ ନାହିଁ। କେବଳ ବାଣିଜ୍ୟିକ ତଥ୍ୟକୁ ବାଦ ଦେଲେ ଆଭ୍ୟନ୍ତରୀଣ ତଥ୍ୟ ସଂଗ୍ରହ ଉପରେ ମଧ୍ୟ କଟକଣା ରହିଛି। ତେବେ ମୁକ୍ତ ବାଣିଜ୍ୟ ଅର୍ଥନୀତିକୁ ଆଧାର କରି ସାରା ପୃଥିବୀରୁ ଚୀନ ଯେତେ ଅର୍ଥଶୋଷଣ କରୁଛି ବୋଧହୁଏ ଏତେ କେହି କରିପାରୁନାହାନ୍ତି। ତେଣୁ ବାଣିଜ୍ୟିକ ସ୍ୱାର୍ଥ ନେଇ ଚୀନ ବିଶ୍ୱକୁ ଜଳକା କରିବାକୁ ଚାହୁଁଛି। ସେହି ଯୋଜନାରେ ୟୁଜ୍ ଏଣ୍ଡ ଥ୍ରୋ ପରି ଶସ୍ତା ମାଲ ସବୁ ବିଦେଶରେ ଭରି ଲାଭଖୋର ବ୍ୟବସାୟୀଙ୍କ ମାଧ୍ୟମରେ ଚୀନ ଯେପରି ନିଜ ରଣକୌଶଳ ନେଇ ବଢିଚାଲିଛି ସେମିତି ଭାରତ ମଧ୍ୟରେ ବି ବଢିବାରେ ଲାଗିଛି। ଏଠାକାର ବ୍ୟବସାୟୀମାନେ ସ୍ଥାନୀୟ କଳାକାରଖାନାରେ ତାଲାମାରି ଚୀନର ବସ୍ତୁରେ ନିଜ ଷ୍ଟିକର ଲଗାଇ ବିକ୍ରି କରିବାରେ ବ୍ୟସ୍ତ। ଦେଶର ସରକାର ମଧ୍ୟ ଏହି ବ୍ୟବସାୟୀଙ୍କ ପ୍ରତି ନରମ ଦୃଷ୍ଟିକୋଣ ନେଇ ଚାଲିଛନ୍ତି। ଯାହାଫଳରେ ଭାରତର ଗୁଣାତ୍ମକ ବସ୍ତୁର କାରଖାନାରେ ତାଲା ଝୁଲିବା ବେଳେ ଚୀନର ଶସ୍ତା ମାଲ ଭାରତର ବଜାରରେ ଭରି ହୋଇଯାଇଛି। ଏହିପରି ଭାରତରୁ ଲବ୍ଧ ଅର୍ଥରେ ଭାରତକୁ ଶେଷ କରିବାକୁ ଚୀନର ସୁଚିନ୍ତିତ ଯୋଜନା କାର୍ଯ୍ୟ କରୁଛି।

କେତେକ କହୁଛନ୍ତି ଯେ ଆମେରିକାର ୩୭୨୪ ବିଲିଅନ୍ ଡଲାର ବ୍ୟବସାୟକୁ ଟପି ଚୀନ ୪୦୨୮ ବିଲିଅନ ବାଣିଜ୍ୟ କରି ପ୍ରଥମସ୍ଥାନ ଅଧିକାର କଲାଣି। ଜର୍ମାନୀ, ଜାପାନ ଓ ଆମେରିକାକୁ ଏହି ଦେଶ ଉତ୍ପାଦନରେ ଅତିକ୍ରମ କଲାଣି। ଆମେରିକାର ଅର୍ଥନୀତି ୧୮.୫୬ ଟ୍ରିଲିଅନ ଡଲାର ଥିଲାବେଳେ ଚୀନ ୨୩.୨ ଟ୍ରିଲିଅନ୍ ଡଲାରର ଅର୍ଥନୀତିରେ ପରିଣତ ହୋଇଛି। ସେମିତି ଆମେରିକାର ବାର୍ଷିକ ସାମରିକ ବ୍ୟୟ ୫୯୭ ବିଲିଅନ ଡଲାର ଥିବାବେଳେ ଚୀନ ୧୪୫.୮ ବିଲିଅନ ଡଲାର ଖର୍ଚ୍ଚ କରୁଛି। କିନ୍ତୁ ଏସବୁ ସତ୍ତ୍ୱେ ଅନ୍ୟଦେଶକୁ ଦଖଲ କରିବା, ଦଲାଇଲାମାଙ୍କୁ ସ୍ୱାଗତ କରୁଥିବା ଦେଶକୁ ଆକ୍ରମଣ ଭୟ ଦେଖାଇବା ଦ୍ୱାରା ଏହାର ପ୍ରତିକ୍ରିୟାଶୀଳତା ଯେ ପ୍ରଚଣ୍ଡ, ସାମ୍ୟବାଦୀ ମୁଖାପିନ୍ଧା ଚୀନର ଚେହେରା ଯେ ସାମ୍ରାଜ୍ୟବାଦୀଙ୍କ ଠାରୁ କୌଣସି ଗୁଣରେ କମ୍ ନୁହେଁ ତାହା ଜାଣିହେବ।

ଭାରତର ବଜାରକୁ ଦଖଲ କରିବାକୁ ଚୀନର ଉଦ୍ୟମ କିପରି ଜାରି ରହିଛି ତାହା ଅନୁଧ୍ୟାନ କରିବା ଦରକାର। ୨୦୧୦-୧୧ରେ ଚୀନରୁ ଭାରତର ଆମଦାନୀ ୪୩.୫ବିଲିଅନ ଡଲାର ଥିଲାବେଳେ ୨୦୧୬-୧୭ରେ ଏହା ବଢି୬୧.୩ ବିଲିଅନ ଡଲାର ହୋଇଛି। କିନ୍ତୁ ସେହି ସମୟରେ ଭାରତରୁ ଚୀନକୁ ରପ୍ତାନୀ ୨୦୧୦-୧୧ରେ ୧୪.୨ବିଲିଅନ ଡଲାର ଥିଲାବେଳେ ୨୦୧୬-୧୭ରେ ଏହା ହ୍ରାସପାଇ ୧୦.୨ ବିଲିଅନ ଡଲାରକୁ ଚାଲିଆସିଛି। ବାଣିଜ୍ୟିକ ତଫାତ୍ ୫୧.୧ ବିଲିଅନ ଡଲାର ରହିଛି। ଚୀନ ଭାରତକୁ ବର୍ଷକୁ ୨୧.୯ବିଲିଅନ ଡଲାରର ଇଲେକ୍ଟ୍ରିକାଲ ଉପକରଣ, ୧୧.୧ ବିଲିଅନ ଡଲାରର ଯନ୍ତ୍ରପାତି ଓ ଯନ୍ତ୍ରାଂଶ, ୫.୬ ବିଲିଅନ ଡଲାରର ଜୈବିକ ସାର, ୧.୮ ବିଲିଅନ ଡଲାରର ପ୍ଲାଷ୍ଟିକ, ୧.୫ ବିଲିଅନ ଡଲାରର ଜାହାଜ ଓ ବୋଟ୍ ରପ୍ତାନୀ କରୁଛି। ଅଥଚ ଅନେକ ଭାରତୀୟ ବସ୍ତୁର ପ୍ରବେଶଲାଗି ଚୀନ ତା ଦେଶରେ ଅନୁମତି ଦେଉନାହିଁ। ଭାରତରୁ ଚୀନ ୧୬୨୩ ମିଲିଅନ ଡଲାରର ଖଣିଜଦ୍ରବ୍ୟ, ସ୍ଲାଗ ଓ ପାଉଁଶ। ୧୩୪୮ ମିଲିଅନ୍ ଡଲାରର ତୁଳା, ୮୮୭ ମିଲିଅନ ଡଲାରର ଜୈବିକ ରସାୟନ, ୭୮୯ ମିଲିଅନ ଡଲାରର ଜାଲେଣି ୭୦୮ ମିଲିଅନ ଡଲାରର ତମ୍ବା ଓ ଅନ୍ୟାନ୍ୟସାମଗ୍ରୀ ଆମଦାନି କରୁଛି। ସେମିତି ବିଦେଶୀ ପୁଞ୍ଜି ନିବେଶ କ୍ଷେତ୍ରରେ ଜାପାନ ଭାରତରେ ୨୫.୭ବିଲିଅନ, ଆମେରିକା ୨୦.୩ ବିଲିଅନ୍, ଚୀନ ୧.୬୪ ବିଲିଅନ ଡଲାର ପୁଞ୍ଜିନିବେଶ କରିଛନ୍ତି। ଅନ୍ୟଦେଶମାନେ ଭାରତରେ ବାଣିଜ୍ୟିକ ବିକାଶ ପାଇଁ ଅଧିକ ପୁଞ୍ଜିନିବେଶ କରିଥିବାବେଳେ ଚୀନ କମ୍ ପୁଞ୍ଜିନିବେଶ କରି ଅଧିକ ଲାଭ ପାଉଛି। ଭାରତରେ ଭାରତୀୟ କମ୍ପାନୀମାନଙ୍କ ଉତ୍ପାଦିତ ସାମଗ୍ରୀକୁ ପ୍ରାଧାନ୍ୟ ମିଳୁନଥିବା ବେଳେ ଚୀନ ସାମଗ୍ରୀକୁ କିପରି ଅଧିକ ପ୍ରାଧାନ୍ୟ ଦିଆଯାଉଛି ତାହା ଦେଖାଯାଉ। ପ୍ୟାରିସ ଚୁକ୍ତିପରେ ଆଗାମୀ ଦିନରେ ଅକ୍ଷୟ ଉର୍ଜାକୁ ଗୁରୁତ୍ୱ ଦେବାପାଇଁ ବିକଳ୍ପ ଶକ୍ତିକ୍ଷେତ୍ରରେ ଭାରତ ସୌରଶକ୍ତିକୁ ପ୍ରାଧାନ୍ୟ ଦେବାକୁ କାର୍ଯ୍ୟ କରୁଛି। ୨୦୨୨ସୁଦ୍ଧା ୧୦୦ ଗିଗାୱାଟ୍ (୧ଗିଗାୱାଟ=୧୦୦୦ ମେଗାୱାଟ୍) ସୌରଶକ୍ତି ଉତ୍ପାଦନର ଲକ୍ଷ୍ୟ ଭାରତ ସରକାର ରଖିଛନ୍ତି। କିନ୍ତୁ ଭାରତରେ ଯୋଗାଣ ହେଉଥିବା ସୋଲାର ପ୍ୟାନେଲ କ୍ଷେତ୍ରରେ ୮୦ପ୍ରତିଶତ ବଜାରକୁ ଚୀନା କମ୍ପାନୀ ଦଖଲ କରିନେଇଛନ୍ତି। ଚୀନା ସରକାରଙ୍କ ବିଦେଶକୁ ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ଅଧିକ ସବସିଡି ପ୍ରଦାନ, ରକ୍ଷଣବାଦୀ ଦୃଷ୍ଟିକୋଣ,ସୁବିଧାରେ ଉତ୍ପାଦନକାରୀଙ୍କୁ ଋଣ ଯୋଗାଣ ବ୍ୟବସ୍ଥା ଦ୍ୱାରା ସେମାନେ ଭାରତରେ ସ୍ଥାନୀୟ ଉତ୍ପାଦନକାରୀଙ୍କ ତୁଳନାରେ ୮ ରୁ ୧୦ ପ୍ରତିଶତ ଶସ୍ତାରେ ମାଲ ଯୋଗାଇ ଦେଉଛନ୍ତି। ଆମେରିକା ଓ ଇଉରୋପ ଚୀନର ଶସ୍ତାମାଲ ଗଦା ହେବା ବିରୁଦ୍ଧରେ କଟକଣା ଲଗାଉଛନ୍ତି, ଅଥଚ ଭାରତ ସିଧାସଳଖ ଚୀନା ଦ୍ରବ୍ୟକୁ ଶସ୍ତାରେ ଭାରତକୁ ପ୍ରବେଶ କରିବାଲାଗି ସୁଯୋଗ ଦେଉଛି।




ଅନ୍ୟ ଏକ ଉଦାହରଣ ନିଆଯାଇ ପାରେ। ନୂଆଦିଲ୍ଲୀର ସଦର ବଜାରସ୍ଥିତ ବାଣିଜ୍ୟିକ ସଂଘରେ ୮୩ଟି ଅନ୍ୟ ସଂଘ ରହିଛନ୍ତି ଏମାନେ ମୋଟରେ ୩୫,୦୦୦ ବିକ୍ରେତା ସଦସ୍ୟ ଅଛନ୍ତି। ଏମାନେ ବାର୍ଷିକ, ୩୦୦୦କୋଟି ଟଙ୍କାର ବ୍ୟବସାୟ କରିଥାନ୍ତି। ୧୦ବର୍ଷ ଆଗରୁ ଯେଉଁମାନେ ଖେଳଣା, ପ୍ଲାଷ୍ଟିକ ବକେଟ, ଭାରତୀୟ ଦେବାଦେବୀଙ୍କ ପ୍ରତିମା ପାଇଁ ସ୍ଥାନୀୟ ଉତ୍ପାଦନକାରୀଙ୍କ ଉପରେ ନିର୍ଭର କରୁଥିଲେ ଏବେ ସେମାନେ ସିଧାସଳଖ ଚୀନରୁ ଏସବୁ କିଣିଆଣି ଏଠାରେ ବିକ୍ରି କରୁଛନ୍ତି।

ଗୋଟିଏ ପଟେ ଚୀନ ବିଶ୍ୱବଜାରକୁ ପ୍ରତିହତ କରିବା ପାଇଁ ଆମାଜନ ବିରୁଦ୍ଧରେ ଆଲିବାବା, ଗୁଗୁଲ ବିରୁଦ୍ଧରେ ବାଇଡୁ, ଫେସବୁକ୍ ବିରୁଦ୍ଧରେ ଉଇଚ୍ଯାଟ, ଆପଲ ବିରୁଦ୍ଧରେ ଜିଓମି ପରି ସଂସ୍ଥାକୁ ଛିଡା କଲା। ଅନ୍ୟଦେଶର ସଂସ୍ଥା ଚୀନରେ ଯେପରି ଅଧିକ ବାଣିଜ୍ୟ ନକରିପାରିବେ ସେଥିପାଇଁ ନିଜ ଦେଶର ଏହିସବୁ କମ୍ପାନୀଗୁଡିକୁ ସୁରକ୍ଷା ପ୍ରଦାନ କଲା। ଆବଶ୍ୟକ ସ୍ଥଳେ ବିଦେଶୀ କମ୍ପାନୀ ବିରୁଦ୍ଧରେ ଆଇନଗତ କଟକଣା ମଧ୍ୟ ଜାରିକଲା। ଚୀନ ସରକାରଙ୍କ ସୁରକ୍ଷା ଏବଂ ସହଯୋଗ କ୍ରମେ ଏହିସବୁ କମ୍ପାନୀ କିଛି ବର୍ଷରେ ଆନ୍ତର୍ଜାତିକ ସ୍ତରର ବିକଳ୍ପ ବହୁରାଷ୍ଟ୍ରୀୟ କମ୍ପାନୀ ହୋଇ ଉଭାହେଲେ। ଚୀନର କାର କମ୍ପାନୀ ଗିଲି ଏକଦା କିଙ୍ଗକଙ୍ଗ୍, ରୋଲସ ରୟସ ପରି ମଡେଲଗୁଡିକ ବଜାରକୁ ଛାଡୁଥିଲା। ୨୦୧୦ରେ ଭଲଭୋର ଯାତ୍ରୀବାହୀ କାର ବ୍ୟବସାୟସହ ସଂପର୍କ ତୁଟାଇ ଏବେ ଅଡି, ବିଏମଡବ୍ଲ୍ୟୁ ଏବଂ ମର୍ସିଡିଜ୍ କମ୍ପାନୀର ଆରାମଦାୟକ କାର ମଡେଲ କ୍ଷେତ୍ରରେ ଇଲେକଟ୍ରିକ କାର ୨୦୧୯ ବେଳକୁ ସଡକକୁ ଛାଡିବା ଲାଗି ପ୍ରତିଯୋଗିତା ଆରମ୍ଭ କରିଦେଇଛି।

ଅନ୍ୟପକ୍ଷରେ ନିକଟରେ ଚଳିତମାସ ୧୩ତାରିଖ ଦିନ ମୃତ୍ୟୁବରଣ କରିଥିବା ୨୦୧୦ର ଶାନ୍ତିପାଇଁ ନୋବେଲ ପୁରସ୍କାର ପ୍ରାପ୍ତ ସଂଗ୍ରାମୀ ଲିଉଜିଆବୋଙ୍କୁ ନରୱେର ନୋବେଲ କମିଟି କର୍ତ୍ତୃପକ୍ଷ ପୁରସ୍କାର ପାଇଁ ବାଛିଥିବାରୁ ଚୀନ ୨୦୧୦ରେ ସରକାରୀ ସ୍ତରରେ ନରୱେ ସହ ଅନେକ କ୍ଷେତ୍ରରେ ସଂପର୍କ ଛିନ୍ନ କରିଥିଲା। ସେମିତି ହେଗସ୍ଥିତ ବିଶ୍ୱ ଅଦାଲତ ଦକ୍ଷିଣ-ଚୀନସାଗର ମାମଲାରେ ଚୀନସରକାରଙ୍କ ବିରୁଦ୍ଧରେ ରାୟ ପ୍ରକାଶ କଲାପରେ ଚୀନରେ ଥିବା ଯୁକ୍ତରାଷ୍ଟ୍ର ଆମେରିକାର ଫାଷ୍ଟଫୁଡ୍ ସଂସ୍ଥା ମାକ୍‌ଡୋନାଲଡ୍, କେଏଫସି ଏବଂ ପିଜାହଟକୁ ଟାର୍ଗେଟ କରାଯାଇଥିଲା। ସେହିପରି ସେନ୍‌କାକୁ ଦ୍ୱୀପକୁ ନେଇ ଚୀନ ଓ ଜାପାନ ମଧ୍ୟରେ ବିବାଦ ଦେଖାଦେବାରୁ ୨୦୧୨ରେ ଚୀନରେ ଜାପାନର କମ୍ପାନୀ ନିସାନ ଓ ହୋଣ୍ଡା ଉପରେ ପ୍ରବଳ ଚାପ ପ୍ରୟୋଗ କରାଯାଇଥିଲା। ଏପରିକି ନାନ୍‌ଜିଙ୍ଗ୍ ଗଣହତ୍ୟାକୁ ଅସ୍ୱୀକାର କରି ଏକ ପୁସ୍ତକକୁ ହୋଟେଲ କୋଠରୀରେ ରଖିବା ସୁଯୋଗ ନଦେବାରୁ ଚୀନ କର୍ତ୍ତୃପକ୍ଷ ଜାପାନର ଏକ ହୋଟେଲଗ୍ରୁପକୁ ବର୍ଜନ କରିବା ଲାଗି ଚୀନା ଲୋକଙ୍କୁ ଆଦେଶ ଦେଇଥିଲେ।

ନିକଟରେ ଏପ୍ରିଲ ୨୦୧୭ରେ ଦକ୍ଷିଣ କୋରିଆ ନିଜ ଦେଶରେ ଆମେରିକାର ଥଡ କ୍ଷେପଣାସ୍ତ୍ର ବ୍ୟବସ୍ଥା ମୁତୟନ ଲାଗି ଅନୁମତି ପ୍ରଦାନ କରିବାପରେ ଚୀନର ସରକାରୀ ଗଣମାଧ୍ୟମ ଦକ୍ଷିଣ କୋରିଆର ଲୋଟ୍ଟେ ଗ୍ରୁପକୁ ବର୍ଜନ କରିବାକୁ ଚୀନାବାସୀଙ୍କୁ ଆହ୍ୱାନ ଦେଇଥିଲା। ଅଥଚ ଏପରି ଆହ୍ୱାନ ଭାରତରେ ଦେଲାବେଳେ ଅନେକ ଲୋକଙ୍କର ଭ୍ରୁକୁଞ୍ଚନ ହୋଇଥାଏ। ଅତୀତରେ ଭାରତର ଦୁର୍ବଳ ମେରୁଦଣ୍ଡ ସଂପନ୍ନ ଗଣମାଧ୍ୟମଗୁଡିକ ଏନେଇ ଆନ୍ଦୋଳନକାରୀ ଓ ସାମାଜିକ କର୍ମୀମାନଙ୍କୁ ସମାଲୋଚନା କରିବାରେ ଅବହେଳା କରିନଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚର ଅଭିଯାନକୁ ଦେଶର ଅନେକ ସମ୍ବାଦପତ୍ର ଘୃଣା କରିଥିଲେ। ଏସବୁ ପ୍ରାଚୀନ କାଳର ରକ୍ଷଣପ୍ରାୟ ଚିନ୍ତା ବୋଲି କହିବା ସହ ଭାରତର ଅର୍ଥନୀତିରେ ଏସବୁ ପ୍ରତିବନ୍ଧକ ବୋଲି ମନ୍ତବ୍ୟ ଦେଇଥିଲେ। କିନ୍ତୁ ଏବେ ସେମାନେ ଚୀନର ଗଣମାଧ୍ୟମଠାରୁ ଶିକ୍ଷାଲାଭ କରିବା ଉଚିତ୍। ନିଜର ବୌଦ୍ଧିକ ଅପାରଗତାକୁ ଘୋଡାଇବା ଲାଗି ସେମାନେ ଦେଶ ସ୍ୱାର୍ଥ ରକ୍ଷାକାରୀ ପଦକ୍ଷେପଗୁଡିକ ବିରୁଦ୍ଧରେ ନିମ୍ନମାନର ମନ୍ତବ୍ୟ ନଦେବା ଉଚିତ୍।

ଡ୍ରାଫଣ୍ଟ ନାମକ ଏକ ପରାମର୍ଶଦାତା ସଂସ୍ଥା ବା କନ୍‌ସଲଟାନ୍‌ସୀ ଭାରତରେ ଚୀନା କମ୍ପାନୀଗୁଡିକର ପ୍ରବେଶ ପାଇଁ କାର୍ଯ୍ୟ କରୁଛି। ଭାରତର କେତେକ ଷ୍ଟାର୍ଟଅଫ କମ୍ପାନୀରେ ରାତାରାତି କିଛି ଅର୍ଥ ନିବେଶକରି ଭାରତକୁ ସହଜରେ ପ୍ରବେଶ କରିବା ପରେ ଚୀନା କମ୍ପାନୀଗୁଡିକ ନିଜ କାର୍ଯ୍ୟକୁ ସୁଦୃଢ କରିବାରେ ଲାଗିଛନ୍ତି। ସ୍ମାର୍ଟଫୋନ୍ କ୍ଷେତ୍ରରେ ୨୦୧୪ରେ ଭାରତୀୟ କମ୍ପାନୀଗୁଡିକର ୪୫ପ୍ରତିଶତ ଓ ବିଦେଶୀ କମ୍ପାନୀଗୁଡିକର ୪୬ ପ୍ରତିଶତ ଅଂଶ ଥିଲାବେଳେ ଚୀନା କମ୍ପାନୀର ଅଂଶ ୯ ପ୍ରତିଶତ ରହିଥିଲା। ୨୦୧୭ରେ ଚୀନା କମ୍ପାନୀଙ୍କ ବଜାର ଦଖଲ ୫୪ପ୍ରତିଶତ ହୋଇଥିଲାବେଳେ ଭାରତୀୟ କମ୍ପାନୀ ୧୮ ପ୍ରତିଶତ ଓ ଅନ୍ୟ ବିଦେଶୀ କମ୍ପାନୀ ୨୮ ପ୍ରତିଶତକୁ ଖସିଆସିଛନ୍ତି।

ଭାରତର କେତେକ ଷ୍ଟାର୍ଟଅଫ କମ୍ପାନୀମାନେ ସହଜ ଅର୍ଥ ଚୀନ ନିବେଶକଙ୍କଠାରୁ ପାଇବା ପାଇଁ ଖୁସି ହୋଇଛନ୍ତି। ଯେଉଁ ପ୍ରମୁଖ ୧୦ଟି ଭାରତୀୟ କମ୍ପାନୀ ଚୀନା ନିବେଶ ଲାଭ କରିଛନ୍ତି ସେଗୁଡିକର ହିସାବ ମିଲିଅନ ଡଲାରରେ ହିସାବ କଲେ ଫ୍ଲିପକାର୍ଟ ୧୪୦୦, ପେଟିଏମ୍ ୭୦୦,ସ୍ନାପଡିଲ ୬୦୦, ମେକ୍ ମାଇଁ ଟ୍ରିପ୍ ୫୧୦, ଓଲା -୫୦୦, ଇବିବୋଗ୍ରୁପ୍ ୨୫୦, ପେଟିଏମ୍ ମଲ ୨୦୦, ହିକେ ମେସେଞ୍ଜର ୧୭୫, ପ୍ରାକ୍‌ଟୋ ୧୪୫, ମୋବିକ୍ୱିକ୍ ୮୨ବିଲିଅନ ଡଲାର ପାଇଛନ୍ତି। ଚୀନର ଯେଉଁ ସବୁ ପ୍ରମୁଖ ନିବେଶକ ଭାରତର ଷ୍ଟାର୍ଟଅଫରେ ନିବେଶ କରିଛନ୍ତି ସେମାନେ ହେଲେ ଆଲିବାବା ଗ୍ରୁପ୍, ସ୍ୱଷ୍ଟିକ, ଟେନ୍‌ସେଣ୍ଟ,ଟାଇବୋର୍ଣ୍ଣ କ୍ୟାପିଟାଲ ମ୍ୟାନେଜମେଣ୍ଟ, ଆର୍କ୍ସ କ୍ୟାପିଟାଲ ପାର୍ଟନର୍ସ ଟିଆର କ୍ୟାପିଟାଲ, ସୁନୱେଇ କ୍ୟାପିଟାଲ ପାର୍ଟନର୍ସ, ଏଣ୍ଟ ଫାଇନାନ୍‌ସିଆଲ, ସିଟ୍ରିପ, ଡ୍ରାଗନ ଏସିଆ।

ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ ସଂଯୋଜକ ଅଶ୍ୱିନୀ ମହାଜନ ପେଟିଏମ୍ ବଦଳରେ ଭୀମ ଆପକୁ ବ୍ୟବହାର କରିବା ପାଇଁ ଆହ୍ୱାନ ଦେବା ସହ ଆଗାମୀ ଦିନରେ ବିସିସିଆଇ ପ୍ରାୟୋଜକ ତାଲିକାରୁ ଚୀନା କମ୍ପାନୀକୁ ବାଦ ଦେବାଲାଗି ଚିଠିଲେଖିବେ ବୋଲି ପ୍ରକାଶ କରିଛନ୍ତି। ଭାରତର ବାଣିଜ୍ୟ ଲବ୍ଧ ଧନରେ ଭାରତ ବିରୋଧୀ ଯୁଦ୍ଧ କରିବାକୁ ଚୀନର ଯୋଜନା ସଫଳ ହେବାରେ ଲାଗିଛି। କାରଣ ଭାରତର ଲାଭଖୋର ବେପାରୀ, ସ୍ୱାର୍ଥପର ରାଜନେତା, ସ୍ୱାଭିମାନ ନଥିବା ଗ୍ରାହକ, ତତ୍‌କାଳ ସ୍ୱାର୍ଥ ଦେଖୁଥିବା ନୀତିନିର୍ଦ୍ଧାରକ ଏଥିପାଇଁ ମୁଖ୍ୟତଃ ଦାୟୀ। ଆଗାମୀ ଦିନରେ ଚୀନର ଏହି ଅଭିଯାନ ଅତି ବ୍ୟାପକ ହେବ ଏଥିରେ ସନ୍ଦେହ ନାହିଁ।

*ଭାରତୀୟ ସମ୍ବାଦ ସେବା*
*ଭୁବନେଶ୍ୱର-୩*

# ନ୍ୟାୟପାଳିକା ବନାମ କାର୍ଯ୍ୟପାଳିକା ଓ ଭାଷା



ଗଜାନନ ମିଶ୍ର

**ଉ**ଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ କାନ୍ଦିବା ରହସ୍ୟ ଏ ଯାଏ ସଠିକ୍ ଯେମିତି ଜଣା ଯାଇ ନାହିଁ। ମୁଖ୍ୟ ବିଚାରପତିଙ୍କ ମତାମତ- କାର୍ଯ୍ୟପାଳିକା ତାର ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରୁ ନ ଥିବାରୁ ନ୍ୟାୟପାଳିକା ସାମ୍ବିଧାନିକ ଦାୟିତ୍ୱ ତୁଲାଇ ହସ୍ତକ୍ଷେପ କରୁଛି -କହିବା ଅର୍ଥ ଆମ ସାଧାରଣ ନାଗରିକ ପାଖରେ ସେତିକି ଅବୁଝା ହୋଇ ରହି ଯାଉଛି। ଏହାକୁ ପ୍ରତିହତ କଲାଭଳିଆ ମତାମତ ପୁନଶ୍ଚ ଦେଇଛନ୍ତି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରି - ସମସ୍ତଙ୍କ ସୀମା ସମ୍ବିଧାନରେ ନିର୍ଦ୍ଧାରିତ ହୋଇଛି ଏବଂ ଲୋକଙ୍କ ମଙ୍ଗଳ ପାଇଁ ସୀମା ଭିତରେ ରହି ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡିବ। କିଏ ଠିକ୍ , କେମିତି ଠିକ୍ ଏ ସବୁର ଭିତରକୁ ନ ଯାଇ ଆମେ ଖାଲି ଏତିକି ନିଶ୍ଚୟ କହି ପାରିବା ଯେ ସାଧାରଣ ନାଗରିକଟିଏ ଏ ଯାଏ କାହାଠୁ କିଛି ବିଶେଷ ସୁବିଧା ପାଇ ପାରି ନାହିଁ କି କାହାକୁ ଠିକ୍ ଭାବରେ ବୁଝି ପାରି ନାହିଁ। ଅନ୍ୟ ଅର୍ଥରେ କହିଲେ ଠିକ୍ ହେବ ଯେ ଲୋକଟିଏକୁ ବା ନାଗରିକକୁ କୌଣସି ବିଭାଗ ସିଏ ନ୍ୟାୟପାଳିକା ହେଉ କି କାର୍ଯ୍ୟପାଳିକା ହେଉ କି ଆଇନ ପ୍ରଣୟନକାରୀ ବ୍ୟାବସ୍ଥାପକ ସଭା ହେଉ ଠିକ୍ ଭାବରେ ଅନୁଧ୍ୟାନ ବା ବୁଝି ପାରି ନାହାନ୍ତି। ସେଥିପାଇଁ ତ ସାଧାରଣ ଲୋକଟିଏ ସେମିତି ତାହାର ସୁଖେଦୁଃଖେ ରହିଛି ଯେମିତି ଥିଲା ବରଂ ଅବସ୍ଥା ଆହୁରି ଖରାପ ଆଡକୁ ଗତି କରୁଛି ଦିନକୁଦିନ, ଆହୁରି ଅନ୍ଧାର ଭିତରେ ରହିଯାଉଛି ସିଏ, ଆହୁରି ରହସ୍ୟ ଭିତରେ ଫଶି ଆକ୍ତାମାକ୍ତା ହେଉଛି। ନା ଜୀବନ ତା ପାଖରୁ ଯାଉଛି ନା ରହୁଛି ତା ପାଖରେ ଶାନ୍ତିରେ ! ଧଳାହାତୀଙ୍କର ଯାହା ମେଦ ବୃଦ୍ଧି ହୋଇ ଚାଲିଛି ଭାରତବର୍ଷରେ। ଆମ ଓଡିଶା କଥା ବିଚାରକୁ ନେଲାବେଳେ ଅବସ୍ଥା ଆହୁରି ଅସମ୍ଭାଳ। ଆଇନ ତିଆରି ଚାଲିଛି ତ କାର୍ଯ୍ୟପାଳିକା କାର୍ଯ୍ୟ ନିର୍ବାହ କରୁଛି ଆଉ ଗୋଟିଏ ପ୍ରକାରେ, ନ୍ୟାୟାଳୟ ଆଉ ଗୋଟିଏ ବାଗରେ ଆଦେଶ ବା ନିଜସ୍ୱ ମତାମତ ଦେଇ ସନ୍ତୁଷ୍ଟ ରହୁଛି। ଯିଏ ଯାହାର ବାଟରେ ବେଶ୍ ଖୁସିରେ ନାଗରିକଙ୍କ ଟଙ୍କାରେ। କେହି କିନ୍ତୁ ନାଗରିକ ବା ଲୋକଙ୍କ ପାଇଁ ପ୍ରକୃତରେ କାନ୍ଦୁଛି ବୋଲି ବିଶ୍ୱାସ ହେଉ ନାହିଁ। ଲୋକ ଏଣେ ଅନ୍ଧାରରେ, ଦାଦନ ଖଟି ଚାଲିଛନ୍ତି ବାହାରେ। ଖାଇବାକୁ ନାହିଁ ରାଜ୍ୟରେ, ଯେଉଁମାନେ ଅଛନ୍ତି ସେମାନଙ୍କ ପାଖକୁ ବି ପହଂଚି ପାରୁ ନାହିଁ ଦି ଟଙ୍କିଆ ଚାଉଳ ବା ପାଂଚ ଟଙ୍କିଆ ଡାଲମା ଭାତ। ଘର ନାହିଁ। ମଧ୍ୟସ୍ଥିଗଣ ରାଜନୈତିକ ପୃଷ୍ଠପୋଷକତା ପାଇ ମାରି ନେଉଛନ୍ତି ସବୁ। ସାଧାରଣ ଲୋକେ ଜଳକା। ଠିକଣା ସମୟରେ ମାଂସ ଫୁଟେ ମଦ ପାଉଚଟିଏ ଦେଇପାରିଲେ ଭୋଟ ପକ୍କା।

ଆମ ସମ୍ବିଧାନର ମୁଖଶାଳା ସ୍ପଷ୍ଟ କହୁଛି ଯେ ଲୋକମାନେ ହେଉଛନ୍ତି ସର୍ବୋଚ୍ଚ କ୍ଷମତାର ଅଧିକାରୀ ଏବଂ ସମ୍ବିଧାନ ତାଙ୍କଠୁ ଉଦ୍ଭବ ହେଉଛି। ବାସ୍ତବିକ ସାମାଜିକ, ଅର୍ଥନୈତିକ, ରାଜନୈତିକ ନ୍ୟାୟ ପାଇଁ, ପ୍ରତ୍ୟେକଙ୍କର ଭାବନା, ଆଶା ବିଶ୍ୱାସର ମୁକ୍ତ ପରିପ୍ରକାଶ ପାଇଁ, ଏବଂ ସବୁ କ୍ଷେତ୍ରରେ ସମାନତା ପାଇଁ ବା ସୁଯୋଗ ସୃଷ୍ଟି ପାଇଁ ରହିଛି ସମ୍ବିଧାନ। ଆମ ସମ୍ବିଧାନ ହେଉଛି ଦେଶର ଆତ୍ମା ତଥା ପବିତ୍ର ଗ୍ରନ୍ଥ। ଏ ଗ୍ରନ୍ଥର ମୂଳ ବିଷୟବସ୍ତୁ ହେଉଛି ସାଧାରଣ ଲୋକ। ଆମର ଶାସନ ପ୍ରଣାଳୀ ହେଉଛି ଲୋକଙ୍କର, ଲୋକଙ୍କ ପାଇଁ ଓ ଲୋକଙ୍କ ଦ୍ୱାରା। ଲୋକଙ୍କର ପୁଞ୍ଜି ଓ ପରିଚିତି ତାଙ୍କର ଭାଷା, ଲୋକଙ୍କର ସବୁପ୍ରକାରର ଉନ୍ନତି ପାଇଁ ସମସ୍ତେ ଏଠି ସମର୍ପିତ। କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଆଇନ ପ୍ରଣୟନକାରୀ ସଂସ୍ଥା - ଏ ଦିନିହେଁ ସମ୍ବିଧାନକୁ ଆଖି ଆଗରେ ରଖି କାର୍ଯ୍ୟ କରି ଚାଲିବେ, ଲୋକଙ୍କ ଉନ୍ନତି ପାଇଁ। ଲୋକାଭିମୁଖୀ ଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏ କାର୍ଯ୍ୟ କରିଗଲାବେଳେ ପରସ୍ପର ପ୍ରତି ଆରୋପ ପ୍ରତ୍ୟାରୋପ ଶୋଭା ପାଏ ନାହିଁ କାରଣ ଏମିତିରେ ରାଷ୍ଟ୍ର ନିର୍ମାଣର ମହତ୍ କାର୍ଯ୍ୟ ସାଧିତ ହୋଇପାରେ ନାହିଁ। ବରଂ ଦରକାର ସହଯୋଗ, ପ୍ରତି ପଦକ୍ଷେପରେ ଓ ଦରକାର ନିର୍ମଳ ହୃଦୟ। ଆମର ଗଣତାନ୍ତ୍ରିକ ପଦ୍ଧତିରେ ଜନଗଣର ଭାଷା ହିଁ ମୁଖ୍ୟ ସ୍ଥାନ ଅଧିକାର କରିଥାଏ। ଆମର ସମ୍ବିଧାନ, ଏହାର ସତର ଭାଗରେ ଥିବା ଧାରା ୩୪୩ ରୁ ୩୫୧ ଯାଏ ଭାଷାକୁ ନେଇ ସୁଚିନ୍ତିତ ଓ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି। ଦେଶର ଭାଷାରେ ସବୁ କାର୍ଯ୍ୟ ଚାଲିଲେ, ଲୋକେ ବୁଝି ପାରିବେ, ବିଶ୍ୱାସ କରିବେ, ଆସ୍ଥା ରଖିବେ ସରକାର ଉପରେ, ନ୍ୟାୟପାଳିକା ଉପରେ। ଏହାକୁ ଆଉ ସବୁ ବିଭାଗ ମନେ ରଖିବା ଉଚିତ। ପାକିସ୍ଥାନ ଯଦିଓ ଏକପ୍ରକାର ସ୍ୱେଚ୍ଛାଚାରିତା ଶାସନ ଭିତରେ ରହିଛି ତଥାପି ସେଠାକାର ଉଚ୍ଚତମ ନ୍ୟାୟାଳୟ ଇଂରେଜି ପରିବର୍ତ୍ତେ ଉର୍ଦ୍ଦୁ ଭାଷାରେ ସବୁ କାର୍ଯ୍ୟ କରିବାକୁ ଆଦେଶ ଦେବା ସହିତ ପଦକ୍ଷେପ ନେଇ ସାରିଛି , ଲୋକଙ୍କ ପାଇଁ ସେ ଅଛି ବୋଲି ପ୍ରମାଣ ଦେଇ ସାରିଛି। ଅପରପକ୍ଷରେ ଆମର ହେଉଛି ଅନ୍ୟତମ ଶ୍ରେଷ୍ଠ ଗଣତାନ୍ତ୍ରିକ ସରକାର ସମଗ୍ର ବିଶ୍ୱରେ। ଲୋକଙ୍କ ବିଶ୍ୱାସଭାଜନ ପାଇଁ କିଆଁ ଏ ଯାଏ ବିଦେଶୀ ଇଂରେଜି ଭାଷା ପରିବର୍ତ୍ତେ ଉଚ୍ଚତମ ନ୍ୟାୟାଳୟ ହିନ୍ଦୀ ସମେତ ଅନ୍ୟାନ୍ୟ ରାଜ୍ୟ ସରକାରୀ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରି ନାହିଁ ଏବଂ ଆଦେଶ ଦେଇ ନାହିଁ ଯେ ସମସ୍ତେ ନିଜ ନିଜ ସରକାରୀ ଭାଷାରେ ସମସ୍ତ କାର୍ଯ୍ୟମାନ କରି ଲୋକଙ୍କ ସେବା କରିବେ। କଣ ଅସୁବିଧା ? ଯାହା ବି ଅସୁବିଧା ଥାଉ ନା କାହିଁକି ଲୋକଙ୍କ ମଙ୍ଗଳ ନିମନ୍ତେ, ଲୋକଙ୍କୁ ଜଣେଇଦେବା ନିମନ୍ତେ ଲୋକଙ୍କ ଭାଷାରେ ଯଦି ଆଦେଶ/ ଚିଠି ଆଦି ପ୍ରକାଶ ନ ପାଏ ଆଉ ଲୋକଙ୍କୁ ଯଦି ଅନ୍ଧାରରେ ରଖାଯାଏ ତାହେଲେ ତାହା ଆଦୌ ଶୁଭଙ୍କର ନୁହେଁ ଗଣତନ୍ତ୍ର ପାଇଁ। କାନ୍ଦିଲେ , ମୁହଁଫୁଲାଇ ରୁଷିଲେ,ଲୋକଙ୍କ ସମସ୍ୟାର ସମାଧାନ ହୁଏ ନାହିଁ। ନିରପେକ୍ଷ ଭାବରେ, ସମ୍ବିଧାନର ବିଧିବିଧାନ ପାଳନପୂର୍ବକ ଉଚିତ୍ ପଦକ୍ଷେପ ନେଲେ ଯାଇ କାର୍ଯ୍ୟ ସିଦ୍ଧି ହୁଏ। ଲୋକ ସଂଖ୍ୟା ଦୃଷ୍ଟିରୁ ବି ସମଗ୍ର ବିଶ୍ୱରେ ଆମର ସଂଖ୍ୟା ମାଣ୍ଡାରୀନ ଚୀନ ପରେ ଦ୍ୱିତୀୟ ସ୍ଥାନରେ ରହିବ। ଆମ ଭାରତର ହିନ୍ଦୀ ସମେତ ଆଉ କେତୋଟି ଭାଷା କଣ ବିଶ୍ୱର ମାନ୍ୟତା ପାଇବାର ଯୋଗ୍ୟତା ରଖି ନାହାନ୍ତି ? ଆମର ହୀନମନ୍ୟତାକୁ ପରିହାର କରି ଆମେ ଆଉ କେବେ ମାଟିର ବାସ୍ନାରେ ଦୃଢ ରହି ଲଢି ଶିଖିବା ? ଆମର ଆଉ ବିଦେଶୀ ଶାସନ ନାହିଁ। ସ୍ୱଦେଶୀ ଶାସନରେ ସ୍ୱଦେଶୀ ଭାଷାର ବ୍ୟବହାର କଣ ହୋଇପାରିବ ନାହିଁ? ଆମ ସମ୍ବିଧାନର ଅଷ୍ଟମ ସୂଚୀରେ ଇଂରେଜି ଭାଷା ସ୍ଥାନ ପାଇ ନାହିଁ। ଆମର ସମ୍ବିଧାନ ପ୍ରଣୟନକାରୀ ମହାନ ବ୍ୟକ୍ତିଗଣ ଚିର ନମସ୍ୟ। ଆମେ ତାଙ୍କଠୁ ବେଶୀ ପଣ୍ଡିତ ହୋଇ ପାରିବା ନାହିଁ। ତେଣୁ କହିବାରେ ଦ୍ୱିଧା ନାହିଁ ଯେ ସମ୍ବିଧାନରେ ନ ଥିବା ଏକ ବିଦେଶୀ ଭାଷାକୁ ଏତେ ଗୁରୁତ୍ୱ ଦେବାର ଅର୍ଥ କଣ ? ଲୋକଙ୍କୁ ଅନ୍ଧାରରେ ରଖି ଶାସନ କରିବା ନିଶ୍ଚୟ।

ଆମ ଓଡିଶାରେ ଭାଷା ଆଇନ ୧୯୫୪ କହୁଛି ସବୁ ଓ ଯେ କୌଣସି କାର୍ଯ୍ୟରେ ଓଡିଆ ବ୍ୟବହାର ହେବ। ଓଡିଶା ସରକାର ୬.୬.୧୯୭୨ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି ଯେ ଅଧସ୍ତନ ଅଦାଲତର ଭାଷା ହେଉଛି କେବଳ ଓଡିଆ ( ଦ ସୋଲ ଲାଙ୍ଗୁଏଜ) ଏ ଯାଏ କାହିଁକି ସ୍ୱୟଂ ବିଚାର ବିଭାଗ ଏହା ମାନୁ ନାହିଁ। ଓଡିଶା ଉଚ୍ଚ ନ୍ୟାୟାଳୟ ସାଧାରଣ ନିୟମ ଓ ପରିପତ୍ର ଆଦେଶବଳୀ (ଜି. ଆର୍.ସି ଓ) ପୁସ୍ତକାଟିଏ ପ୍ରଣୟନ କରିଛନ୍ତି ସେଥିରେ ଇଂରେଜି ଭାଷା କୋଉ ଆଧାରରେ ରହିଛି ଏ ଲେଖକର ଅଗୋଚର କିନ୍ତୁ ଇଂରେଜି ରହିବା ଦ୍ୱାରା ଏହା ସମ୍ବିଧାନର ଖିଲାପ, ଗଣତନ୍ତ୍ରର ଖିଲାପ, ଆଇନର ଖିଲାପ ହେଉଛି ବୋଲି କହିବାକୁ ହେବ। ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ ବିଚାରକୁ ନେବା ହୁଅନ୍ତୁ ବୃହତ୍ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି। ପୁନଶ୍ଚ କହିବାକୁ ଗଲେ ଅଦାଲତର ସବୁ ଖର୍ଚ୍ଚ ଲୋକଙ୍କ ଟଙ୍କା ଦ୍ୱାରା ହେଉଛି। ଲୋକେ ଜାଣିବେ ନାହିଁ କଣ ଆଦେଶ ହେଉଛି, କଣ ଚିଠି ଆସିଛି ? ଆଇନ ଅନୁସାରେ କାର୍ଯ୍ୟ ହେଉଛି କି ନାହିଁ ଦେଖିବା ବିଚାରବିଭାଗର କାମ ବୋଲି କଣ କେହି ଆଇନଠୁ ଉପରେ ? ନ୍ୟାୟପାଳିକା ପ୍ରଥମେ ମାନିବା ଉଚିତ୍ ଆଇନ, ତାପରେ ଅନ୍ୟର ବିଚାର କରିବା କଥା। ସମ୍ବିଧାନ / ଆଇନ କହୁଛି ପନ୍ଦର ବର୍ଷ ଯାଏ ଇଂରେଜି ରହିବ। ସମ୍ବିଧାନ କହୁଛି ଯେଉଁ ରାଜ୍ୟରେ ଭାଷା ଆଇନ ତିଆରି ହୋଇଛି ସେ ରାଜ୍ୟରେ ଆଉ ଇଂରେଜି ବ୍ୟବହାର କରାଯିବ ନାହିଁ। ଇଂରେଜିରେ କଲେ ସୁବିଧା ହେଉଛି କହି ସମ୍ବିଧାନକୁ ଉଂଲଘନ କରି ଆଇନକୁ ନ ମାନି ସାଧାରଣ ଲୋକଙ୍କୁ ଅସୁବିଧାରେ/ ଅନ୍ଧାରରେ ରଖିବା ଉଚିତ କି ? ଯେତେ ବି କଷ୍ଟ ହେଉ ଲୋକଙ୍କ ଭାଷାରେ ଶାସନ/ବିଚାର ହେବା ଆବଶ୍ୟକ। ଯାହାର ଅସୁବିଧା ହେଉଛି ସେ ଦୂରେଇ ରହିବ। ଯିଏ ପାରିବ ସିଏ ଆଗେଇ ଆସିବ ଲୋକଙ୍କ ସେବା କରିବାକୁ - ଇଏ ହେଉଛି ସିଦ୍ଧ କଥା। ଛତିଶଗଡ ଭଳି ପଡୋଶୀ ରାଜ୍ୟର ବିଚାରପତିଗଣ ଯଦି କହିପାରୁଛନ୍ତି ଇଂରେଜି ପରିବର୍ତ୍ତେ ତାଙ୍କ ରାଜ୍ୟଭାଷାରେ ଦରଖାସ୍ତ /ବାଦପତ୍ର/ ଲିଖିତ ଜବାବ ଦାଖଲ କରିବାକୁ ଆମ ରାଜ୍ୟରେ ଓଡିଆରେ ଦାଖଲ କର ବୋଲି କହିବାରେ ଅସୁବିଧା କଣ ? ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କୁ ମୋର ଗୁହାରି ଯେ ତୁରନ୍ତ ସ୍ନାତକ ଆଇନ ପାଠ (ଏଲ ଏଲ ବି) ପାଠ ରାଜ୍ୟଭାଷାରେ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହିତ ତାଙ୍କ ଅଧସ୍ତନ ସମସ୍ତ ଜିଲ୍ଲା ବିଚାରପତିଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ରାଜ୍ୟ ଭାଷାରେ ଅଦାଲତର ସବୁ କାର୍ଯ୍ୟ କରିବାକୁ। ଯଦି ରାଜ୍ୟ ସରକାର ସଂବିଧାନ ଅନୁସାରେ ଓଡିଆଭାଷାରେ , ଆଇନ ଅନୁସାରେ ସବୁ କାର୍ଯ୍ୟ କରିବେ ନାହିଁ, ନିର୍ଦ୍ଦିଷ୍ଟ ତାରିଖ ପରେ, ତେବେ ସମ୍ବିଧାନ ଧାରା ୩୫୬ ଅନୁପାଳନରେ ରାଜ୍ୟରେ ଜରୁରୀ କାଳୀନ ପରିସ୍ଥିତି ଜାରି କରଯାଉ ଓ ମାନ୍ୟବର ରାଜ୍ୟପାଳ ମହୋଦୟ ରାଜ୍ୟ ଶାସନକୁ ହାତକୁ ନେବା ହୁଅନ୍ତୁ ଯେହେତୁ ମାନ୍ୟବର ରାଜ୍ୟପାଳ ନିଜେ ଭାଷା ଅଧ୍ୟାଦେଶ ଜାରି କରିସାରିଛନ୍ତି।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ (୨୬)

ଧାରାବାହିକ ଉପନ୍ୟାସ



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com



ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

**ଚ**ମ୍ପା ଆଖିରୁ ଆଉ ବୋହୁ ନଥିଲା ଲୁହ। ଲୁହ ସବୁ ଯେପରି କଠିନ ହୋଇଯାଇ, ସ୍ଥିର ହୋଇ ରହିଥିଲେ ଦୁଇ ଗାଲ ଉପରେ!

"ପ୍ରାୟ ଅଢ଼େଇଶହ ଗ୍ରାମ୍ ଓଜନର ଟ୍ୟୁମରଟିଏ ବାହାରିଲା ପୁଅ ପେଟରୁ। ପରୀକ୍ଷା ପାଇଁ ବାହାକୁ ପଠାଯିବ!" ଡାକ୍ତର ତ୍ରିପାଠୀ କହିଲେ ଏବଂ ଯୋଗକଲେ - "ଆଉ ବ୍ୟସ୍ତ ହେବାର କିଛିନାହିଁ। ଚେତା ଆସିବାକୁ ଦୁଇ-ତିନି ଘଣ୍ଟା ଲାଗିଯାଇପାରେ। କାଲି ସକାଳଯାଏ ସାଲାଇନ୍ ଚାଲିବ। ତା'ପରେ ଖାଇବ ତରଳ ଖାଦ୍ୟ। ତା'ପରଦିନକୁ ରୁଟି ତରକାରି। ପାଞ୍ଚଦିନ ପରେ ଷ୍ଟିଚ୍ ଖୋଲାହେବ।"

ଠିକେ ଠିକେ ବୁଝାଇଦେଇ ଡାକ୍ତର ତ୍ରିପାଠୀ ବାହାରିଗଲେ ସେ କେବିନ୍ ଭିତରୁ। ତାଙ୍କ ପଛେ ପଛେ ଦି'ଜଣ ନର୍ସ ବି।

ଭୁଲି ହୋଇଯାଇଥିଲା ଭୋକ ଶୋଷ। ଜୀବନ ଯନ୍ତ୍ରଣା। ଦିନ ରାତି। ନିଃଶ୍ୱାସ ପ୍ରଶ୍ୱାସ। ଚମ୍ପା ଆଉ କାନ୍ଦୁ ନଥିଲା। ଲୁହ ଆଉ ନିର୍ଯାତନା ଦେଉନଥିଲା ତା'ଆଖି ଓ ଗାଲକୁ। ସେ ଜଗି ବସି ରହିଥିଲା ପୁଅକୁ। ଗୋଡ଼ ପାଖରେ ବସିଥିଲା ଚକ୍ରଧର ଏବଂ ଚାରିଆଡେ ମାଙ୍କଡ ପରି ଡେଉଁଥିବା ଖବିସା ଟୋକାଟା କେମିତି ସ୍ଥିର ଓ ନିଶ୍ଚଳ ହୋଇ ଶୋଇ ରହିଛି, ସେଇ ଦୃଶ୍ୟକୁ ଦେଖୁଥିଲା ବିଷର୍ଣ୍ଣ ମନରେ।

ଧୀରେ ଥିରେ ଚେତା ଫେରୁଥିଲା ପୁଅର।

ଏବେ ଚାରିଆଡ଼େ କେବଳ ଝଡ ପରର ନିରବତା। ଅପରେସନ୍ ସରିବାର ଚାରିଦିନ ବିତିଗଲାଣି। ଅପରେସନ ଘରୁ ବାହାରିବାର ତିନି ଚାରିଘଣ୍ଟା ଭିତରେ ପୁଅର ଚେତା ଫେରିଆସିଥିଲା। ତା'ପରେ ଆରମ୍ଭ ହୋଇଯାଇଥିଲା କଷ୍ଟ। ଛୁଆଟା ଏକଦମ ଆଉଟି ପାଉଟି ହୋଇଯାଇଥିଲା ଯନ୍ତ୍ରଣାରେ। ଦି'ଦିନ କାଳ ଖାଇବା ଶୋଇବା ଛାଡ଼ି ଚକ୍ରଧର ଓ ଚମ୍ପା ପୁଅ ପାଖେ ପାଖେ ଜଗି ବସିଥିଲେ। ଗତକାଲିଠାରୁ ଯନ୍ତ୍ରଣା କମି ଯାଇଛି। ଭାରି ଦୁର୍ବଳ ହୋଇଯାଇଛି ଚନ୍ଦନ। ଛ'ବର୍ଷର ଅବୋଧ ଛୁଆଟା। ପେଟ ଚିରା ହୋଇ ସିଲେଇ ହେଇଛି।

ଆଜିକୁ ଦଶଦିନ ହେଲାଣି ଗାଁରୁ ଆସିବାର। ଘରବାରି ତେଣେ ଚୋର ତସ୍କର ଖାଇଯିବେଣି। କ'ଣଟା ଆଉ ଅଛି ଯେ ଖାଇବେ? ବାରିରେ ଲେଉଟିଆ ଶାଗ ଦି'ପଟାଳି ଲାଗିଥିଲା, ମୁଣ୍ଡଫଟା ଖରାରେ ସେଗୁଡ଼ା ଜଳି ପାଉଁଶ ହୋଇଯିବଣି। ଘରୁ ଆସିବାଦିନ ରଘୁଆ ମା'କୁ ଚମ୍ପା କାନେ କାନେ କହି ଆସିଥିଲା ବାରି ଚଉଁରା ପାଖରେ ସଞ୍ଜବେଳେ ଟିକେ ସଞ୍ଜବତୀ ଲଗାଇ ଦେଉଥିବାକୁ। କେଜାଣି, ସେତକ ସେ କରୁଥିବ କି ନାଇଁ! ରଘୁଆ ମା'ଟା ଭାରି ହିଂସକୁଟିଆ ପ୍ରକୃତିର। ମୁହଁରେ ଭାରି ଚିକ୍କଣ କଥା କହୁଥିବ, ଅନ୍ୟର ଦୁଃଖରେ ଆହା ଆହା ହେଉଥିବ, ହେଲେ ମନ ଭିତରେ ତା'ର ଯାବତୀୟ ଅଳିଆ ଚିନ୍ତା ଘାଣ୍ଟି ହେଉଥିବ। ବାହାର ଘରେ ରହିଥିବା ଧାନ ବସ୍ତାଟାକୁ ମୂଷାମାନେ ଗୋଟି ଗୋଟି କରି ବୋହି ନେବେଣି। ଘର ଭିତରେ ଥିବା ଲୁଗାପଟା କେଇ ଖଣ୍ଡକୁ ଉଇ ଚରିଯିବେଣି। ସବୁ ଖଇରାତ୍ ହୋଇଯିବଣି!

ଚମ୍ପା ବେଥାପି ହେଉଥିଲା। ଚକ୍ରଧର ବି।

ଅପରେସନ୍ ପରେ ଡାକ୍ତରବାବୁଙ୍କର ଆଉ ଦେଖାଦର୍ଶନ ନାଇଁ। କେବଳ ଜଣେ ଦି'ଜଣ ନର୍ସ ବେଳେବେଳେ ଆସି ପୁଅକୁ ଔଷଧ ଇଞ୍ଜେକ୍ସନ୍ ଦେଇ ଚାଲିଯାଉଛନ୍ତି। ସେମାନଙ୍କ ଫଣଫର ମୁହଁକୁ ଚମ୍ପା ଭରସା କରି ସେମାନଙ୍କୁ କିଛି ପଚାରି ପାରୁନଥିଲା।

ସେଦିନ ସଂଧ୍ୟାବେଳେ ଜଣେ ନର୍ସ ଆସି ଚକ୍ରଧର ହାତକୁ କାଗଜ ଖଣ୍ଡେ ଧରାଇ ଦେଇ କହିଲା- "କାଲି ପୁଅର ସିଲେଇ ଖୋଲାହେବ, ସକାଳ ଦଶଯାଏ ବେଳେ। ସେଇଦିନ କିମ୍ବା ତା'ପରଦିନ ଡିସ୍‌ଚାର୍ଜ କରାଯିବ। ତୁମର ଆଉ ବାରହଜାର ସାତଶହ ଟଙ୍କା ବାକି ଅଛି ଦେବାପ ପାଇଁ। ଆଜି ରାତି କିମ୍ବା କାଲି ସକାଳ ସୁଧା ସେତକ ଡିପୋଜିଟ୍ କରିସାରିବା ପରେ ଯାଇ ସିଲେଇ ଖୋଲାହେବ। ଡାକ୍ତର ବାରମ୍ବାର କହି ଯାଇଛନ୍ତି। ଏଇ ଅଧଘଣ୍ଟା ପୂର୍ବରୁ ଫୋନ୍ ବି କରିଥିଲେ।

କେତେ ଟଙ୍କା? - ବୋଧହୁଏ କେହି ଶୁଣିପାରିଲେ ନାଇଁ ନର୍ସର କଥାକୁ। ତାହା କଥା ହୋଇଥିଲେ ସିନା ଶୁଭିଥା'ନ୍ତା କାନକୁ! ତାହା ତ ଏକ ପ୍ରଚଣ୍ଡ ବିସ୍ଫୋରଣ। ବିସ୍ଫୋରଣ କ'ଣ କାନକୁ ଶୁଭେ? ତାହା କେବଳ ଛିନ୍‌ଛତ୍ର କରେ, ନଷ୍ଟଭ୍ରଷ୍ଟ କରେ, ରକ୍ତାକ୍ତ କରେ।

ନିର୍ଘାତ ବୋକାଙ୍କ ପରି ଚକ୍ରଧର ଚାହିଁଲା ନର୍ସ ମୁହଁକୁ। ତା'ପାଟିରୁ ବଚନ ବାହାରୁ ନଥିଲା। ତା'ର ଆଉ ବୋଧେ କିଛି ପଚାରିବାର ନଥିଲା କି ବୁଝିବାର ନଥିଲା। ସେ କିଛି କହିପାରୁ ନଥିଲା। ବାସ୍ତବିକ ସେ କେବେ କଥା କହିଥିଲା କି ନା ସନ୍ଦେହ। ସେ ବୋଧହୁଏ ମୂକ, ଜନ୍ମରୁ ହିଁ ମୂକ।

ଚକ୍ରଧରର ଅବସ୍ଥା ଦେଖି ନର୍ସ ଜଣକ ସାମାନ୍ୟ ହଡବଡେଇ ଗଲା। ଇଂରାଜୀରେ ଲେଖାଯାଇଥିବା ଖର୍ଚ୍ଚ ତାଲିକାଟିକୁ ସେ ଓଡ଼ିଆରେ ଅନୁବାଦ କରି ପଢ଼ି ଶୁଣେଇଲା - "ଔଷଧପତ୍ର, ଇଞ୍ଜେକ୍ସନ, ଅପରେସନ ଉପକରଣ ଆଦିର ଦାମ ସାତହଜାର ଟଙ୍କା। ଦୁଇଟା ବ୍ଲଡ୍ କିଣିବାକୁ ପଡିଲା ଅନ୍ୟ ନର୍ସିଂହୋମରୁ। ବୋତଲ ପିଛା ଦୁଇ ହଜାର ହେଲେ ଦୁଇ ବୋତଲକୁ ଚାରିହଜାର ଟଙ୍କା। ଓ.ଟି. ଚାର୍ଜ ଅଢ଼େଇ ହଜାର ଟଙ୍କା। ଏଗାର ଦିନର କେବିନ ଭଡା ପାଞ୍ଚହଜାର ଟଙ୍କା। ଡାକ୍ତରଙ୍କ ଫିସ୍ ଦୁଇହଜାର ଦୁଇଶହ ଟଙ୍କା। ତୁମେ ଆଗରୁ ଦେଇଥିଲ ଆଠହଜାର ଟଙ୍କା। ଅବଶିଷ୍ଟ ବାରହଜାର ସାତଶହ ଟଙ୍କା ଆଜି ରାତିରେ, କିମ୍ବା କାଲି ସକାଳ ଦଶଟା ଭିତରେ ଡିପୋଜିଟ୍ କରିବାକୁ ଡାକ୍ତର କହିଛନ୍ତି।"

ଚକ୍ରଧର ହାତରେ କ'ଣ ଧରିଥିଲା? ନର୍ସ ଧରାଇ ଦେଇଥିବା କାଗଜ ଖଣ୍ଡେ ନା ମୁଣ୍ଡାଏ ଜଳନ୍ତା କୋଇଲା? ହାତରେ ସେଇଟିକୁ ଧରି ଠିଆ ହୋଇଥିବା ବେଳେ ତା'ର ଅଷ୍ଟାଙ୍ଗ ଶରୀର ଭୟଙ୍କର ଭାବରେ କମ୍ପି ଉଠୁଥିଲା। ପ୍ରବଳ ଶୋଷରେ ଶୁଖିଯାଉଥିଲା ତା'ତଣ୍ଟି। ସମୁଦ୍ରର ଜୁଆର ପରି ଚତୁର୍ଦ୍ଦିଗରୁ ତୁହାକୁ ତୁହା ମାଡି ଆସୁଥିଲା ଘନ ଅନ୍ଧକାର। ତାକୁ ପ୍ରବଳ ଶୋଷ। ଅଥଚ ପୃଥିବୀର ସମସ୍ତ ନଈ, ନାଳ, କୂଅ, ପୋଖରୀ ଶୁଖିଯାଇଥିଲା। ସେ ଅଣନିଶ୍ୱାସୀ ହୋଇଯାଉଥିଲା, ଅଥଚ କୋଉଠି ବି ନଥିଲା ଫୁଙ୍କାଏ ପବନ!

"ସବୁ ଟଙ୍କା ପେମେଣ୍ଟ ନକଲେ ଡାକ୍ତର ଷ୍ଟିଚ୍ ଖୋଲିବେ ନାହିଁ କି ଡିସ୍‌ଚାର୍ଜ କରିବେ ନାହିଁ।" ପରୋକ୍ଷ ଚେତାବନୀଟିଏ ଦେଇ ଶ୍ୟାମଳୀ ନର୍ସଟି ବାହାରିଗଲା ସେ କେବିନ୍ ଭିତରୁ।

ଏକ ଅସହାୟ ଆର୍ତ୍ତନାଦରେ ସେତେବେଳକୁ ପରିଣତ ହୋଇ ସାରିଥିଲେ ସ୍ୱାମୀ-ସ୍ତ୍ରୀ ଦୁହେଁ। ସାରା ସଂସାରରେ ଯେମିତି ଲାଗିଯାଇଥିଲା ମାରାତ୍ମକ ଏକ ଦଙ୍ଗା! ସେଇ ବିନାଶକାରୀ ଦଙ୍ଗାର ଭୟଙ୍କର କୋଳାହଳ ଭିତରେ ପେଷି ହୋଇଯାଇ ନିଜର ଅସ୍ତିତ୍ୱ ହରାଇ ବସୁଥିଲେ ସେ ଦୁହେଁ। ସେମାନଙ୍କ ଚାରିପାଖରେ ସୀମାହୀନ ସାଗର। ସାଗର ଉପରେ ଉନ୍ମତ୍ତ ଢେଉ। ଢେଉ ଉପରେ କ୍ଷୁଦ୍ର ଏକ ଡଙ୍ଗା। ନାଉରୀ ନଥିବା ସେଇ ଦୁର୍ବଳ ଡଙ୍ଗା ଉପରେ ସେମାନେ ଦୁଇଜଣ ଯାତ୍ରୀ। ମାତ୍ର ଦୁଇଜଣ!

ବୁଡିଯିବ କି ଡଙ୍ଗା! ସେମାନଙ୍କ ସ୍ଥିତି ବିଲୟ ହୋଇଯିବକି ଏଇ ବିଶାଳ ସାଗରର ଅଥଳ ଜଳରାଶି ଭିରେ!!

ଚକ୍ରଧର ଜାଣି ସାରିଥିଲା, ଏତେ ବଡ଼ ଆଶାକରି ଯେଉଁ ସ୍ଥାନକୁ ସେ ପୁଅକୁ ଆଣି ଆସିଥିଲା, ତାହା ଏକ ମରଣଜନ୍ତା। ସେ ଯେ ଏକ ମାରାତ୍ମକ ଷଡ଼ଯନ୍ତ୍ରର ଶିକାର ହୋଇ ଦୟନୀୟ ଭାବରେ ପ୍ରତାରିତ ହୋଇଛି, ଏ ବିଷୟରେ ତା'ର ଆଉ ବିନ୍ଦୁଏ ମାତ୍ର ସନ୍ଦେହ ନଥିଲା।

ବୋଧହୁଏ ଗୋଟାଏ ଯୁଗ ପରେ ସଚେତନ ହେଲା ଚକ୍ରଧର। ଚମ୍ପାକୁ ପଚାରିଲା, "ଆଉ କେତେ ଟଙ୍କା ଅଛି ତୋ ପାଖରେ?"

- "ଟଙ୍କା! ଆଉ ଆସିବ କୁଆଡୁ?" ଖନି ମାରିଯାଉଥିଲା ଚମ୍ପାର ପାଟି।

*କ୍ରମଶଃ...*

# ନଈ ନିୟତି



**ରକ୍ଷକ ନାୟକ**

**ଆ**ମେ ପହଞ୍ଚିଲା ବେଳକୁ
ନଈରେ ସୁଅ କମି ଯାଇଥିଲା
ଆମେ ପାଣି ଛୁଉଁ ଛୁଉଁ
ଜଳ ଅନଳ ହୋଇଗଲା।

ପୋଡା ନଈ; ଲମ୍ବିଛି ଯେ ଲମ୍ବିଛି
ଆଖି ପାଉନି
ଡେଇଁ ଯାଇଛି ମନର ମୁହାଣକୁ।

ଆମେ ଚଳତହୀନ, ସ୍ଥବିର
ଏଇ ନଈ କୂଳରେ।

ଆମକୁ କୁହାଯାଇଥିଲା
ନଈ ବହୁଛି କେବଳ ଆମ ପାଇଁ
ଆମକୁ ନେଇଯିବ, ଆମ ଠିକଣାକୁ
କେବଳ ପହଞ୍ଚି ପାରିଲେ ହେଲା।

ଅଧା ବୟସ କଟିଗଲା
ପହଁରା ଶିଖିବାରେ।

ହାତଗୋଡ ଭାଙ୍ଗିଛି
କେତେ ଯେ ପାଣି ପିଇଛୁ
ତା'ର ଇୟତା ନାହିଁ;
ନିଜକୁ ଗତିଯୁକ୍ତ କରିବା
ଗତିକୁ ନିଜ ପାଖକୁ ଆଣି
ତାକୁ ବାହନ କରିବା
କାଠିକର ପାଠ।

ନଈମାନଙ୍କର ମୃତ୍ୟୁ
ଗୋଟେ ବଡ କଥା ନୁହେଁ
କେତେ କେତେ ନଈ ମରିଛି
ଇତିହାସରେ ଚିହ୍ନ କେବଳ।

ଅକସ୍ମାତ ପାଣି ଆସିଛି
ଅକସ୍ମାତ ଗତିପଥ ବଦଳିଛି
ଉଭାନ ହୋଇଛି।
ମରଣଠୁ ପ୍ରତ୍ନତତ୍ତ୍ୱ ଶୃଙ୍ଖଳା ପଡିଛି।

ଆମେ ପୋଡା ନଈ କୂଳରେ
ବାହୁନୁଛୁ। ଅବଶିଷ୍ଟ ଆୟୁଷକୁ
ଗଛ କରି ତା'ଉପରେ ଚଢ଼ି
ଅନଉଛୁ; କେବେ ପାଣି ଆସିବ!
ଆମେ ପହଁରିବୁ।

ଅନ୍ୟ ନଈ ସଂଧାରେ ବି
ଯାଇ ହେଉନି, ଭୂଗୋଳ ବାଟ ଓଗାଳୁଛି।

*ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ,*
*ରାଜଭବନ, ଭୁବନେଶ୍ୱର-୮*

# କୁନାବାପାଙ୍କ କୁନିକଥା



୯

**ଶ୍ରା**ବଣର ବର୍ଷାଭିଜା ସଂଧ୍ୟାବେଳଟାରେ ରେନକୋଟ ପିନ୍ଧି ଗୋଟାଏ ହାଟୁଆ ବ୍ୟାଗକୁ ଗାଡ଼ି ଡିକିରେ ପକଇେ ଗାଡିକୁ ପୁରୁଣା ବସ୍‌ଷ୍ଟାଣ୍ଡ ଆଡେ ମୁହାଁଇଲେ କୁନାବାପା। ପୁରୁଣା ବସ୍‌ଷ୍ଟାଣ୍ଡ ତ ସାହିତ୍ୟିକ ଆଉ ସାମ୍ବାଦିକଙ୍କ ଖଟି, ଆଉ କୁନାବାପାଙ୍କର ମଧ ସାହିତ୍ୟରେ ଟିକେ ରଚି। ତେଣୁ ପ୍ରାୟ ପ୍ରତି ରବିବାର ହାଟଯିବା ବାଟରେ ଖଟିଆଡେ ଟିକେ ବୁଲିଦେଇ ବନ୍ଧୁ ମିଳନ, ଆଉ ମସଲାଦିଆ ଚାହା ସହିତ ରାଇଜଯାକର ଭିତିରିଆ ଖବର ବୁଝିନିଅନ୍ତି। ସାହିତ୍ୟିକ ବନ୍ଧୁମାନଙ୍କ ସହ କିଛି ସମୟ ସାହିତ୍ୟଚର୍ଚ୍ଚା ଭିତରେ ନୂଆ ବହିର ବାସ୍ନାବି ରହିଥାଏ। ତେଣୁ ରବିବାରର ସଂଧ୍ୟାରେ ଏକ ନମ୍ବର ହାଟରୁ ପରିବା ଆଣିବା ବାହାନରେ ବନ୍ଧୁମିଳନ ଓ ସାହିତ୍ୟ ଚର୍ଚ୍ଚା ଉଭୟ ହୋଇଯାଏ। ମାନେ ଯାହାକୁ କହନ୍ତି 'ଠାକୁର ଦେଖାକୁ' କଦଳୀ ବିକା'।

ଘରୁ ବାହାରି ବସ୍‌ଷ୍ଟାଣ୍ଡ ଖଟିରେ ପହଞ୍ଚିବା ବେଳକୁ ବର୍ଷାଟିକେ ବିରାମ ନେଇଥିଲା। ଯଦିଓ ବର୍ଷାର ପ୍ରାଦୁର୍ଭାବରେ ଟିକେ ଗହଳି କମ୍ ଥିଲା, ତଥାପି ପାର୍କିଙ୍ଗ ଫି ବାବଦ କୋଡିଏ ଟଙ୍କା ବଞ୍ଚେଇବା ପାଇଁ କାର୍ ନେଇ ପରିବାର ସହ ମାର୍କେଟ ବିଲ୍ଡିଙ୍ଗ ବୁଲିବାକୁ ଆସିଥିବା କିଛି ବଡବଡିଆଙ୍କ କାରଗୁଡିକ ଅଯଥା ଗହଳିର ପରିବେଶ ସୃଷ୍ଟି କରୁଥିଲା। ଗାଡିକୁ ଯଥାସ୍ଥାନରେ ରଖି କିଛି ବନ୍ଧୁଙ୍କ ସହ ଚାହା ଓ ପକଡିର ମଜା ନେଉ ନେଉ ଘଣ୍ଟାରେ ଆଠ ବାଜିଗଲା। ବନ୍ଧୁମାନଙ୍କଠୁ ବିଦାୟ ନେଇ ହାଟଆଡେ ବାହାରିଲେ କୁନାବାପା। ହାଟରେ ପଶୁ ପଶୁ ଆଗ ଆଳୁ, ପିଆଜ, ଅଦା, ରସୁଣ ଭଳି ସୁଖିଲା ପରିବା କିଣି ପରିବା ବ୍ୟାଗକୁ ଦୋକାନି ଜିମା ଦେଇ ସବୁଜ ପରିବା'ର ସନ୍ଧାନରେ ବାହାରିଲେ କୁନାବାପା। ଆଗୁଆ ଆଳୁକିଣାର କାରଣ ପଚାରିଲେ ପ୍ରେମରେ ରାଷ୍ଟ୍ରଭାଷାରେ କୁହନ୍ତି, 'ବିହାର ମେଁ ଲାଲୁ, ଓଡ଼ିଶା ମେଁ ଆଲୁ' ମାନେ ଆଳୁ ବିନା ଓଡ଼ିଆଙ୍କ ରୋଷେଇ ଚଳେନି। ଭୁବନେଶ୍ୱରର ଏକ ନମ୍ବର ହାଟରେ କ'ଣ ନମିଳେ ଯେ, ଗୋଟାଏ ଚିଠାଦେବି। ତଥାପି କଟକୀ ପୋଟଳ, ଦେଶୀଆଳୁ, ବାଇଗଣ, ଛଚିନ୍ଦ୍ରା, କୁନ୍ଦୁରି, ବାଇଗଣ, ଛୋଟସାରୁ, ବଡସାରୁ, କଖାରୁ, କାକୁଡି, ବିଟ୍, ଗାଜର, ସିମଲା ଲଙ୍କା, ଯାହା ପାଇଲେ ସବୁଥିରୁ କିଛିକିଛି କିଣି ବ୍ୟାଗରେ ଭରିଲେ। ଏଇ ସମୟରେ ହଠାତ ଶୁଭିଲା, ଶହେ.. ଆଠ, ଶହେ.. ଆଠ। କ'ଣ ବୋଲି ଭାବି ସେଆଡକୁ ଚାଲିଲେ। ଏଇ ହାଟ ଭିତରେ କାହାର କିଛି ଅସୁବିଧା ହେଲା କି? ଶହେଆଠକୁ କାହିଁକି କିଏ ମନେ ପକେଇଲା? ବୁଝୁ ବୁଝୁ ଜଣାପଡିଲା ଟମାଟ ଶହେ ଗ୍ରାମକୁ ଆଠଟଙ୍କା। ନୂଆ ପିଲାଟି ବୋଧେ ବେପାର କରୁଛି, ତେଣୁ ଶହକୁ ଆଠ ଯାଗାରେ ଶହେ ଆଠ କହୁଛି। ସେମିତି ବି ହାଟ ମାନଙ୍କରେ ପରିବାବାଲାଙ୍କ ଅଜବ 'ଢଗ'ରେ ଡାକ। ତେବେ ସେଇ ସମୟରେ ବର୍ଷାଟା ଛେଚିଦେଲା ନିର୍ଘାତ। ସେଇ ଟମାଟବାଲାର ଜରିତଳେ ଠିଆ ହେଇଗଲେ କୁନାବାପା। ଆଉ କିଛିଲୋକ ମଧ ପାଖକୁ ଲାଗିକି ଠିଆ ହେଲେ, ଆଉ ଚର୍ଚ୍ଚା ଚାଲିଲା ପଲ୍ଲୀରୁ ଦିଲ୍ଲୀ। ଟମାଟ ରେଟଟା ଶୁଣି ସମସ୍ତେ ଟମାଟ ଉପରେ ନିଜ ଅଭିଜ୍ଞତା ଝାଡ଼ିଲେ। କିଏ କହିଲା ଆଉ ପରିବା କିଣିହେବନି, କିଏ ରାଜ୍ୟ ସରକାରଙ୍କୁ ତ କିଏ କେନ୍ଦ୍ର ସରକାରଙ୍କୁ ଦୋଷଦେଲେ। କିଏ ଜଣେ ଚାଷୀ ବାଟରେ ପରିବା ଢାଳି ପ୍ରତିବାଦ କରିବା ଯୋଗୁ, ଖାଦ୍ୟାଭାବ ହୋଇ ରାଜ୍ୟ ଲକ୍ଷ୍ମୀଛଡ଼ା ହେବାକଥା ବି କହିଲେ। ଜଣେ ସାଧାରଣ ଜନତାଙ୍କୁ ମଧ ଦାୟୀ କଲେ। ଏମିତି ବହୁଳ ତର୍କ ବିତର୍କ ଭିତରେ ବର୍ଷା ଟିକେ କମିବାରୁ ଦୋକାନଟି ଫାଙ୍କାହେଲା। ଅଢ଼େଇଶ ଟମାଟକୁ କୋଡିଏ ଟଙ୍କାରେ କିଣି ଘରମୁହାଁ ହେଲେ କୁନାବାପା। ଘରେ ପହଞ୍ଚିଲା ବେଳକୁ ରାତି ଦଶ ହେଲାଣି। ସାନଭାଇ ହାତକୁ ବ୍ୟାଗ ଦରେଇ ଗାଡି ରଖିବାକୁ ଗଲେ କୁନାବାପା। ଦରଓଦା ପୋଷାକକୁ ଓହ୍ଲେଇଲା ବେଳକୁ କୁନାବୋଉ ବଡପାଟିକରି କହିଲେ - ହଇହେ କ'ଣ ଛଅଟା ଟମାଟ ଆଣିଛ? ଛଅଟା, ନଅଟା କ'ଣ ଘରକୁ ଆଣନ୍ତି? କ'ଣ ସତରେ ଟମାଟ ଦିଟଙ୍କାରୁ ଅଶୀଟଙ୍କା ହୋଇଯାଇଛି? ଉତ୍ତରରେ କୁନାବୋଉ କହିଲେ-ନାଇଁମ ଦେଖ ମୁଁ ଗଣିକରି ସାତଟା ଆଣିଛି। ଦେଖ ଟେବୁଲ ତଳକୁ ଗଡିଯାଇଥିବ। ତା'ପରେ ତମେ କେମିତି ଜାଣିଲ ଟମାଟ ରେଟ? କୁନାବୋଉ କହିଲେ - ଆମେବି ଦେଶ ଦୁନିଆର ଖବର ରଖୁଛୁ।

ରାତ୍ରୀଭୋଜନ ସାରି ସମସ୍ତେ ଶୋଇବାକୁ ଗଲେ। କୁନାବୋଉ ପରିବାର ହିସାବରେ ଲାଗିବାବେଳେ, କୁନାବାପା ବହୁତ ଗୁଡିଏ ପ୍ରଶ୍ନ ମନରେ ଧରି ଭାବି ବସିଲେ। ପ୍ରତିବର୍ଷ କିଛିନା କିଛି ଦ୍ରବ୍ୟର ମୂଲ୍ୟ ଆକାଶଛୁଆଁ ହେଉଛି। ଆଉ ତାକୁ ହିଁ ଦେଖି ଚାଷୀଟିଏ ଅଧିକ ଲାଭ ଆଶାରେ ସେଇ ଫସଲକୁ ହିଁ ଚାଷ କରୁଛି। ତା'ପରବର୍ଷ ପୁରି ସେହି ଦ୍ରବ୍ୟର ମାତ୍ରାଧିକ ଉତ୍ପାଦନ ତଥା ସଂରକ୍ଷଣ ଅବ୍ୟବସ୍ଥା ହେତୁ ଫସଲ ନଷ୍ଟ ହୋଇ ପୁଣି ଦରଦାମ ଉଚ୍ଚ ରହୁଛି। ତେଣୁ ଏ ଦରଦାମର ନିୟନ୍ତ୍ରଣ କିଏ କରିପାରିବ? ବର୍ଷାଧିପତି ଇନ୍ଦ୍ର, ସରକାର, ଚାଷୀ, ଖାଉଟି ନା ସ୍ୱୟଂ ନାରାୟଣ?

**- ଶାରଦା ପ୍ରସାଦ ମହାପାତ୍ର**

# ଆସିଛିରେ ବର୍ଷା



**ନୃସିଂହ ଚରଣ ବେହେରା**

**ଗ୍ରୀ**ଷ୍ମର ପ୍ରଚଣ୍ଡ ରୌଦ୍ର ତାପ ପରେ
ହଠାତ୍ ଦିନେ ବର୍ଷା ଆସେ, ଧୀରେ ଧୀରେ
ପ୍ରିୟତମା ବିଜୁଳିକୁ ଧରେ ଡାକେ ଘଡ ଘଡି
ଆଉ ଝିପି ଝିପି ହୋଇ ବର୍ଷିଯାଏ ତୁହାକୁ ତୁହା।।

ବର୍ଷା ପୁଣି ଆସେ ଆକାଶର ବକ୍ଷକୁ ଚିରି
ଖୋଜିବୁଲେ ବର୍ଷିବାର ଠିକଣା
ସେ କେବେ ବୁଲିଯାଏ ନଈ, ସାଗର ପାଖକୁ
କେବେ ବର୍ଷିଯାଏ ଗରୀବର ପଖାଳ କଂସାରେ।।

ସିଟି ମାରି ମାରି ନାଚି ଚାଲେ ବର୍ଷା
ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗା
ବର୍ଷା ଯାଏ ଦୀନମାଝିର ଶୁଖିଲା କ୍ଷେତକୁ
ଯିଏ ଭିଜି ସାରିଥାଏ ଲୁଣି ଲୁହର ବର୍ଷାରେ।।

ମେଘର ବାଟକୁ ଚାହିଁ ଚାହିଁ ନିରାଶାରେ
ବର୍ଷା ଆଗମନେ କେତେ ଦୀନମାଝି
ଫେରିଯାନ୍ତି ମୌସୁମି କୋଳକୁ ଖୁସିରେ
ବର୍ଷା ଆସେ ସାଥେ ଆଣି ଶୀତଳ ସ୍ପର୍ଶ।।

ମେଘ ମହ୍ଲାରରେ ଆହ୍ଲାଦିତ କରେ ଜୀବନ
ବର୍ଷା ଜୀବନରେ ଆଣେ ମାର୍ମିକ ଶିହରଣ
ଆଉ ଭରିଦିଏ ନୂତନ ଉନ୍ମାଦନା
ଯାହା କେବଳ ଅନୁଭବ କରିହୁଏ
ଭାଷାରେ ଯାହା ଆଟେ ଅବର୍ଣ୍ଣନୀୟ।।

*ଭୋଇ ନଗର, ଭୁବନେଶ୍ୱର*

# ପିଞ୍ଜରା



**ଲକ୍ଷ୍ମୀପ୍ରିୟା ଦାଶ**

**ମୋ** ହାତରେ ହାତ ମିଶାଇ
ତୋ ଆଖିର ଭାଷା ବୁଝିବା ପୂର୍ବରୁ ହିଁ କହିଲୁ,
ଯା'ଙ୍କୁ ମୁଁ ଚିହ୍ନିଲା ଚିହ୍ନିଲା ଲାଗୁଛି।
ତୁ ମତେ କେବେ ଚିହ୍ନିପାରିଥିଲୁ କି?
ଦୋ ଦୋ ଚିହ୍ନା ହେବୁ ତ ନିଶ୍ଚିତ!

ଏବେ ଚିହ୍ନିବାର ବୟସରେ ଜୀବନ
ନାନା ରକମର ଖବରର ଦୁନିଆରେ
କେତେ ଜଣଙ୍କ ଭାଗ୍ୟରେ ଜୁଟେ ଯେ
ବିନା ଖବରଟିଏ ସୃଷ୍ଟିକରି ଆପଣା ଜୀବନ
ଆପେ ବଞ୍ଚିଯିବା!

ତୁ ମତେ ଏମିତି ଏକ ଖବର
ବନାଇବାର ଚେଷ୍ଟାରେ ଥିଲୁ।
ମୋ ଜନ୍ମଜନ୍ମର ତପସ୍ୟା, ଏଯାବତ୍ ବଞ୍ଚିଥିବା
ଜୀବନର ବିଶ୍ୱାସ ସବୁ ତୋ ଶଠତାର
ଭୋକିଲା ପେଟରେ ଯାଉଥିଲା ତ ମୁଁ ଚିହ୍ନିଗଲି!

ନଖାୟୁଧ ମୁହଁରୁ ବଞ୍ଚିଆସିଥିବା ସୌଭାଗ୍ୟ ପରେ
ନଜର ଆସୁନଥିବା ଅନେକ ଛୋଟଛୋଟ
ମୁହୂର୍ତ୍ତ, ଜୀବନ ପରଶି ଦିଅନ୍ତି ସାମ୍ନାରେ ତ'
ଅକସ୍ମାତ୍ ଜୀବନର ମୂଲ୍ୟ ଭାରୀ ହୋଇଯାଏ।

ଏଣିକି ତୁ ମତେ ଚିହ୍ନ କି ନ ଚିହ୍ନି
ମୁଁ କିନ୍ତୁ ଧନ୍ୟବାଦ ଦେବି ତୋତେ,
ଜୀବନକୁ ନଖାୟୁଧମାନଙ୍କ ମୁହଁରୁ ବଞ୍ଚାଇବାକୁ
ନିଜ ପାଇଁ ପିଞ୍ଜରାଟିଏ କେମିତି ବାନ୍ଧିବାକୁ ହୁଏ
ତୁ' ଯେ ଶିଖାଇଛୁ ମୋତେ!

*ମାର୍ଫତ୍ - ଦୀପକ କୁମାର ମିଶ୍ର*
*ପ୍ଲଟ୍-୧୮୬, ଲେନ୍-୨*
*ବିମାନଘାଟୀ ଅଞ୍ଚଳ*
*ଭୁବନେଶ୍ୱର*

# ସ୍ୱଚ୍ଛ ଭାରତ ଅଭିଯାନ!

**ସୁକାନ୍ତ କୁମାର ନନ୍ଦ**


**ସ**ମସ୍ତେ ନିଜ ନିଜ ରାସ୍ତାରେ ଯାଇ ସାରିଥିଲେ ସେତେବେଳକୁ। ଭଡ଼ାରେ ଆସିଥିବା ଝାଡୁ ଟୋକେଇ ଠାରୁ ନେଇ ଚଳଚ୍ଚିତ୍ର ଅଭିନେତ୍ରୀ ଯାଏଁ। ସାମ୍ବାଦିକମାନେ କାର୍ଯ୍ୟକ୍ରମର ସଫଳ ରୂପାୟନରେ ଲାଗି ଯାଇଥିଲେ। ମନ୍ତ୍ରୀ ମହୋଦୟ ଡାକ ବଙ୍ଗଳାରେ ବିଜୟ ଉଲ୍ଲାସର ହସ ହସୁଥିଲେ। ସ୍ୱଚ୍ଛ ଭାରତ ଅଭିଯାନରେ ସେ ବି ଆଜିଠୁ ଯୋଡ଼ି ହୋଇଗଲେ। ନୁହେଁ ତ ଆଉ କ'ଣ? ଲୋକମାନଙ୍କର ସେ ଯୋଉ ବାହା ବାହା। "ରାଜ୍ୟର ଜଣାଶୁଣା ମନ୍ତ୍ରୀ, ହେଲେ ଦେଖ ହାତରେ ଝାଡୁଧରି ଏତେବଡ଼ ଦେଶ ସେବା।"

ହେଲେ ମନ୍ତ୍ରୀ ଆଉ ତାଙ୍କର ଚମ୍‌ଚାମାନେ ଫେରିଯିବା ପରେ ଡାକ ବଙ୍ଗଳାରେଏଠି ସେଠି ଛିନ୍‌ଛତର ହୋଇ ପଡି ରହିଥିବା ମଦ ବୋତଲଠୁ ନେଇ ମଟନ୍ ଚିକେନ୍ ଅଇଁଠା ଖଲିପତ୍ର ସଫାରେ ରାତି ଅଧଯାଏଁ ବ୍ୟସ୍ତ ଥିବା ଚକରାଟା ଭାବୁଥିଲା, ଏ ସ୍ୱଚ୍ଛ ଭାରତ ଅଭିଯାନଟା କ'ଣ?

*ମାରଢ଼ା, ଗୋପୀନାଥପୁର*
*ସାଲେପୁର, କଟକ*



# ହାଉସ୍‌ୱାଇଫ୍



**ଲକ୍ଷ୍ମୀଧର ସାହୁ (ଲାଲୁ)**

**ମୁଁ** ବାପା, ମାଆଙ୍କର ଏକମାତ୍ର ଝିଅ। ମୋ'ର ଶୈଶବ ବେଶ୍ ଗେଲବସରରେ କଟିଛି। ଦୁଃଖ ଯନ୍ତ୍ରଣା, କଷ୍ଟ ବା ଜଟିଳ କାମ କିଛି ଜାଣି ନଥିଲି। କାହିଁକି ନା ମୋ ବାପା, ମାଆ ମୋତେ ସେ ସବୁକୁ ଅନୁଭବ କରିବାକୁ ସୁଯୋଗ ଦେଇ ନଥିଲେ। ମୁଁ ଝିଅଟିଏ ବୋଲି ସେମାନଙ୍କ ମନରେ କେବେ ବି ଦୁଃଖ ନ ଥିଲା। ସାହିପଡ଼ିଶା ବନ୍ଧୁବାନ୍ଧବ ସମସ୍ତଙ୍କ ଆଗରେ ଗର୍ବରେ ସେ କହୁଥିଲେ ଏଲିନା ମୋ ଝିଅ ନୁହେଁ ସେ ମୋ ଗେହ୍ଲାପୁଅ।

ଏଲିନା...... ଏଲିନା ଶତପଥି। ଦିନ ପରେ ଦିନ ଗଡ଼ିଚାଲିଲା। ଷୋଳଟି ଫଗୁଣରେ ପାଦ ଥାପିଲି ମୁଁ। ମୋ ମନରେ ଆଦ୍ୟ ଯୌବନର ମୃଦୁ ଭୂକମ୍ପନ ଭ୍ରମ ସୃଷ୍ଟି କଲା। ସତେ ଯେମିତି ଶିହରି ଉଠୁଥିଲା ଦେହ ଓ ମନ। ଛଳଛଳ ଝରଣା ପରି ଚଳଚଞ୍ଚଳ ହେଉଥିଲା ମୋ ପାଦ। ହଜାରେ ଥର କହିଲେ ଭୁଲ ହେବ ଲକ୍ଷେଥର ଶିଉଳିରେ ପାଦ ଖସାଇ ଦେବାକୁ ଇଚ୍ଛା ହେଉଥିଲା। ଏମିତିବି ଇଚ୍ଛା ହେଉଥିଲା ମନର ଝରକା ଖୋଲି ଉଡ଼ିଯିବାକୁ ମୁକ୍ତବିହଙ୍ଗ ପରି କେଉଁ ଏକ ଦିଗ୍‌ବଳୟ ଆଡ଼େ। କାନ ପାଖରେ କୋଇଲିର କୁହୁକୁହୁ ସ୍ୱର ମୋ ଭିତରଟାକୁ ଆନ୍ଦୋଳିତ କରୁଥିଲା। ଅଥୟ କରୁଥିଲା ରାତି ରାତି ଅନିଦ୍ରା ହୋଇ ସ୍ୱପ୍ନ ରାଇଜରେ ଘୂରି ବୁଲିବାକୁ। ମନ ଭିତରେ ଧିରେ ଧିରେ ଜୁଆରିନଇ କୂଳ ଲଂଘୁଥିଲା। ବସନ୍ତର ଆମ୍ବ ବଉଳର ମହମହ ବାସ୍ନା ଅବିରତ ମୋ ନିକଟକୁ ଛୁଟି ଆସୁଥିଲା। ଶ୍ରାବଣ ବି ମନଇଚ୍ଛା ବର୍ଷିଯାଉଥିଲା। ବୟସର ଅଜଣା ପଥରେ ମୁଁ ବାଟବଣା ହୋଇଯାଉଥିଲି। ଠିକ୍ ଏତିକିବେଳେ ମୋ କାନରେ ପଡ଼ିଥିଲା ବାପା, ମା'ଙ୍କର କଥାବାର୍ତ୍ତା। ସେମାନେ ମୋ ବାହାଘର ବିଷୟରେ କଥା ହେଉଥିଲେ। ଏତିକିରେ ମୋ ମନ ଭିତରେ ଭରିଗଲା ଅସୁମାରୀ ଆଶା, ସ୍ୱପ୍ନ ଆଉ ଅଭିଳାଶ। ସବୁ ବାପା ମାଆଙ୍କ ପରି ମୋ ବାପା, ମାଆ ଭଲ ଘର ଭଲ ବର ଦେଖି ଯାହା ସାଙ୍ଗରେ ମୋର ବାହାଘର କରିଦେଲେ, ସେ ଥିଲେ ସୁବ୍ରତ।

ଆଉ ଆମ ଘରେ ଧୀରେ ଧୀରେ ମୋର ଅଧିକାର କମି ଆସୁଥିଲା ଓ ମୁଁ କୁଣିଆଟିଏ ପାଲଟି ଯାଉଥିଲି ଯେମିତି। ତେଣୁ ମୋ ଶାଶୁଘର ହିଁ ଥିଲା ମୋ ପାଇଁ ସବୁକିଛି। ମୋର ସୁନ୍ଦର ପରିବାର କହିଲେ ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର ଏବଂ ମୋର ପୁଅ ଝିଅ। ଦିନେ ସୁବ୍ରତଙ୍କ ସାଥିରେ ବଜାରକୁ କିଛି ସପିଙ୍ଗ୍ କରିବାକୁ ଗଲାବେଳେ ସେଠାରେ ତାଙ୍କ ବନ୍ଧୁ ରଜତବାବୁଙ୍କ ସାଙ୍ଗରେ ଦେଖାହେଲା। ସେ ପଚାରିଦେଲେ ସୁବ୍ରତ! ମ୍ୟାଡ଼ମ କ'ଣ କରନ୍ତି? ସୁବ୍ରତ - କିଛି ନାହିଁ, ହାଉସ୍‌ୱାଇଫ୍। ସେଇଠି ମୋ ମନଟି ଯେମିତି ମକଚି ହୋଇଗଲା। ଅଥଚ୍ ଭାବୁଥିଲି ସୁବ୍ରତ ଓ ତାଙ୍କ ପରିବାର ପାଇଁ ମୁଁ କ'ଣ ନ କରୁଛି। ନିଜେ ନାଚବାଲି ହୋଇ ଝିଅକୁ ନାଚ ଶିଖାଏ। ଶିକ୍ଷକ ହୋଇ ପୁଅଝିଅଙ୍କୁ ପାଠପଢ଼ାଏ। ଚାକରାଣୀ ହୋଇ ଘରଦୁଆର ଝାଡୁମାରେ ଓ ବାସନ ସଫା କରେ। ଧୋବଣୀ ହୋଇ ଲୁଗା ସଫା କରେ। ସ୍ୱାମୀଙ୍କୁ ଖୁସି କରିବାକୁ ଯାଇ ବେଶ୍ୟାଟିଏ ପରି ନିର୍ଲଜ ହୋଇ ସଦେହ ଦେଇବସେ। ତାଙ୍କ ଫେରିବା ବାଟକୁ ଚାହିଁ ଆଉ ରାତିରେ ବେଡପାର୍ଟନର ହୋଇ ତାଙ୍କୁ ଖୁସି କରାଏ। ଦଶମାସ ଗର୍ଭଯନ୍ତ୍ରଣା ସହ୍ୟ କରି ବଂଶରକ୍ଷା ପାଇଁ ଉତ୍ତରଦାୟାଦଙ୍କୁ ପୃଥିବୀର ଆଲୋକ ଦେଖାଏ। ଆୟାଟିଏ ପରି ସେମାନଙ୍କ ଲାଳନ ପାଳନ କରେ। ପରିବାରରେ କାହାର ଦେହ ଖରାପ ହେଲେ ରାତି ରାତି ଆଖିର ନିଦକୁ ଆଖିରେ ମାରି ସେବିକା ପରି ସେବା କରେ। ସମସ୍ତଙ୍କୁ ଖାଇବା ଦେଇସାରିବା ପରେ ଖାଏ। ଏପରିକି ମୋତେ କେଇଟା ରାତି ପେଟର ଭୋକକୁ ପେଟରେ ମାରି ଉପବାସ ରହିବାପୁ ପଡ଼େ। ବୋଧହୁଏ ମୋ ପାଇଁ ସୂର୍ଯ୍ୟୋଦୟ ସଅଳ ହୋଇଯାଏ। ନିଜର ନିତ୍ୟକର୍ମ ସାରି ପୂଜା କଲାବେଳେ ଈଶ୍ୱରଙ୍କୁ ନିଜର ଦୁଃଖ ଜଣାଇବା ସମ୍ଭବ ହୁଏନି। କାରଣ ସୁବ୍ରତଙ୍କ ଚା, ପୁଅଝିଅଙ୍କ ସ୍କୁଲ ଯିବା ପାଇଁ ଜଳଖିଆ, ଶାଶୁ ଶ୍ୱଶୁରଙ୍କ ଔଷଧ, ତା' ପରେ ଖାଦ୍ୟପ୍ରସ୍ତୁତି। ଫୁଲଗଛରୁ ଫୁଲ ଛିଣ୍ଡାଇଲା ବେଳେ ଗଛକୁ କ'ଣ କଷ୍ଟ ହୁଏନି। ମନଦୁଃଖ ହୁଏନି? ଫୁଲ ଛିଣ୍ଡାଇବାକୁ ଆସିଥିବା ଲୋକଟି ଏତେ ଖୁସିଥାଏ ଯେ ଗଛ ତା'ର ଖୁସି ଦେଖି ନିଜ କଷ୍ଟକୁ ଭୁଲିଯାଏ। ଏଠି କେତେକେତେ ରାତି ମୋତେ ଧର୍ଷିତା ହେବାକୁ ପଡ଼େ। ଜଣଙ୍କର ଅନିଚ୍ଛା ସତ୍ତ୍ୱେ ଯେଉଁ ସେକ୍ସ କରାଯାଏ, ତାହା କ'ଣ ଧର୍ଷଣ ନୁହେଁ? କେତେ ସହଜରେ କହିଦେଲେ ହାଉସ୍‌ୱାଇଫ୍! ଆଉ ତ କିଛି କହିପାରିଥାନ୍ତେ। ସ୍ତ୍ରୀଟିଏ ଏଠି ଲାଞ୍ଛିତ, ଅପମାନିତ, କୁଣ୍ଠିତ ଓ ଅଧିକାରଶୂନ୍ୟ ହୋଇ ବଞ୍ଚିବାକୁ ପଡ଼େ। ପରିବାର ଭିତରେ ତାକୁ ଗୌଣ କରିଦିଆଯାଏ। କିନ୍ତୁ ସେ ଆଖିର ଲୁହକୁ ଓଠାରେ ଆଉ ମନର କୋହକୁ ଛାତିରେ ଚାପିରଖେ। ତଥାପି ତା'ର ଆପତ୍ତି ନାହିଁ, ଅଭିଯୋଗ ନାହିଁ କି ଅଭିମାନ ନାହିଁ। ଦୀପଟିଏ ପରି ନିଜେ ତିଳ ତିଳ ହୋଇ ଜଳି ପରିବାରକୁ ଖୁସି ବାଣ୍ଟେ। ସ୍ୱାମୀ ମୋ ପାଇଁ ଇହ ଆଉ ପରକାଳର ଦେବତା। ପତି ପରମେଶ୍ୱର। ସ୍ତ୍ରୀ ପରା ଘରର ଲକ୍ଷ୍ମୀ। କଥାରେ ଅଛି, ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ, ସେ ସାତକଳସ, ଆଠଦୀପ ଛୁଇଁ ଦଶଦିଗପାଳ, ଅଗ୍ନିକୁ ସାକ୍ଷୀ ରଖି ବାହା ହୋଇଛି। ସ୍ୱାମୀ ପାଇଁ ଶଙ୍ଖାସିନ୍ଦୁର ପିନ୍ଧୁଛି। ସେ କାହିଁକି ଏମିତି କହିଲେ ତାହା କ'ଣ ପଚାରିପାରିଲି କି??

*ୟୁନିଟ୍-୯, ଭୁବନେଶ୍ୱର*

# ବର୍ଷା ପରେ ଆଗେଇଲା ଚାଷକାର୍ଯ୍ୟ

**ଭୁବନେଶ୍ୱର :** ଚାଷୀଙ୍କ ଉପରେ ଏବେ ଚଡ଼କ ପଡ଼ିଛି। କାରଣ ଯେଉଁସବୁ ଅଞ୍ଚଳରେ ଚାଷକାର୍ଯ୍ୟ ଆଗେଇଥିଲା, ସେଠାରେ ବନ୍ୟା ଯୋଗୁଁ ଏବେ ଫସଲହାନୀର ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷେ ଗତବର୍ଷ ତୁଳନାରେ ଧାନକୁ ବାଦ୍‌ଦେଲେ ଅଣଧାନ ଫସଲ ଚାଷ ଅଞ୍ଚଳ ବୃଦ୍ଧି ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲ୍ଲାକୁ ବାଦ୍‌ଦେଲେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାର ବର୍ତ୍ତମାନ ସୁଦ୍ଧା ଚାଷକାର୍ଯ୍ୟ ବିଶେଷ ପ୍ରଭାବିତ ହୋଇନାହିଁ। ତେବେ ଗତବର୍ଷ ଜୁଲାଇ ୧୫ ତାରିଖ ମଧ୍ୟରେ ଧାନଚାଷ ଅଞ୍ଚଳ ୧୪୮୪.୨୮୩ ହଜାର ହେକ୍ଟର ରହିଥିବା ବେଳେ ଚଳିତବର୍ଷ ଏହି ସମୟ ମଧ୍ୟରେ ଏହା ସାମାନ୍ୟ ବୃଦ୍ଧି ପାଇ ୧୫୧୫.୦୨୬ ହଜାର ହେକ୍ଟର ହୋଇଛି। ହେଲେ ଲଗାଣବର୍ଷା ଯୋଗୁଁ ଧାନ ଫସଲ କେତେକ ଜିଲ୍ଲାରେ ନଷ୍ଟ ହେବା ଆଶଙ୍କା କରାଯାଇଛି। ତେବେ ଧାନ ଫସଲକୁ ବାଦ୍‌ଦେଲେ ମକା ଫସଲ ଅପେକ୍ଷାକୃତ ଭାବେ ଭଲ ହୋଇଛି। ଅର୍ଥାତ୍ ଗତବର୍ଷ ଜୁଲାଇ ୧୫ ମଧ୍ୟରେ ୧୬୩.୪୯୪ ହଜାର ହେକ୍ଟର ଜମିରେ କରାଯାଇଥିବା ବେଳେ ଚଳିତବର୍ଷ ଏହା ୧୭୨.୭୦୭ ହଜାର ହେକ୍ଟରକୁ ବୃଦ୍ଧି ପାଇଛି। ସେହିପରି ଶସ୍ୟଜାତୀୟ ଫସଲ ଚାଷ ଅଞ୍ଚଳ ମଧ୍ୟ ବୃଦ୍ଧି ପାଇଛି। ବିଶେଷକରି ଡାଲିଜାତୀୟ ଫସଲ ଚାଷ ଅଞ୍ଚଳ ଗତବର୍ଷ ଅପେକ୍ଷା ଏଥର ଅଧିକ ହୋଇଛି। ଗତବର୍ଷ ୨୪୪.୦୫୭ ହଜାର ହେକ୍ଟରରେ ଡାଲିଜାତୀୟ ଫସଲ ଜୁଲାଇ ୧୫ ମଧ୍ୟରେ କରାଯାଇଥିବା ବେଳେ ଚଳିତବର୍ଷ ଏହା ୨୬୩.୨୨୯ ହଜାର ହେକ୍ଟରରେ ପହଞ୍ଚିଛି।

ସେହିପରି ତୈଳବୀଜ ଚାଷ ଅଞ୍ଚଳ ଚଳିତବର୍ଷ ୯୯.୮୧୪ ହଜାର ହେକ୍ଟରରେ ପହଞ୍ଚିଥିବା ବେଳେ ତନ୍ତୁଜାତୀୟ ଫସଲଚାଷ ଅଞ୍ଚଳ ୧୪.୦୨୪ ହଜାର ହେକ୍ଟର ଏବଂ ବିଭିନ୍ନ ପନିପରିବା ଚାଷ ୩୧୩.୪୧୯ ହଜାର ହେକ୍ଟରରେ ପହଞ୍ଚିଛି। ଏହା ଗତବର୍ଷ ଏହି ସମୟ ମଧ୍ୟରେ ୨୯୭.୦୨୪ ହଜାର ହେକ୍ଟରରେ ସୀମିତ ଥିଲା। ତେବେ ଲଙ୍କା, ହଳଦୀ ଏବଂ ଅଦା ଚାଷ ଅଞ୍ଚଳ ମଧ୍ୟ ୨ ହଜାର ହେକ୍ଟର ଗତବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ଜୁଲାଇ ୧୫ ତାରିଖ ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ଠାରୁ ୨୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଲଘୁଚାପଜନିତ ବର୍ଷା ଯୋଗୁଁ ଏହା ୧୭ ତାରିଖ ମଧ୍ୟରେ ୧୫ ପ୍ରତିଶତ ଅଧିକ ହୋଇଛି।

# ଆସିବ ନୂଆ ଲାପାରୋସ୍କୋପିକ୍ ମେସିନ୍

## ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

### କ୍ୟାପିଟାଲ ହସ୍ପିଟାଲରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା

**ଭୁବନେଶ୍ୱର :** କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ ସରକାର ଅଣ୍ଟାଭିଡ଼ିଛନ୍ତି। ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲଗୁଡ଼ିକରେ ଅତ୍ୟାଧୁନିକ ସେବା ଯୋଗାଇ ଦିଆଯାଉଥିଲା ବେଳେ ରାଜଧାନୀର ମୁଖ୍ୟ ସରକାରୀ ଡାକ୍ତରଖାନାରେ ଅତି ଜରୁରୀ ଅତ୍ୟାଧୁନିକ ସେବାରୁ ରୋଗୀ ବଞ୍ଚିତ ହେଉଛନ୍ତି। ବିଭିନ୍ନ ଗଣମାଧ୍ୟମରେ ହସ୍ପିଟାଲର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରୋଗ ନିଦାନ ମେସିନ ଅଚଳ ସମ୍ପର୍କରେ ପ୍ରଚାର ହେଲା ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଓଡ଼ିଶା ମେଡିକାଲ କର୍ପୋରେସନ୍‌କୁ ଏଇ ନୂଆ ମେସିନ୍ କିଣି ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି। ମେସିନ୍ କିଣା ପାଇଁ ଆବଶ୍ୟକ ହେଉଥିବା ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ହସ୍ପିଟାଲକୁ ନୂତନ ଭାବେ ୭ ଡାଏଲିସିସ୍ ମେସିନ୍, ନୂଆ ଡିଜିଟାଲ ଏକ୍ସରେ ମେସିନ୍ ଓ ନୂଆ ଲାପାରୋସ୍କୋପିକ୍ ମେସିନ୍ ଆସିବାର ରହିଛି। ବହୁ ଦିନ ହେଲା ଅଚଳ ହୋଇ ରହିଥିଲା ଡାଏଲିସିସ୍ ବିଭାଗ




ବର୍ତ୍ତମାନ ଖୋଲାଯାଇଛି। ଏହାକୁ ଆଖି ଆଗରେ ରଖି ଆଉ ୭ ଡାଏଲିସିସ୍ ମେସିନ୍ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି। କ୍ୟାପିଟାଲ ହସ୍ପିଟାଲକୁ ଅସ୍ତ୍ରୋପଚାର ପାଇଁ ବହୁ ରୋଗୀ ଭର୍ତ୍ତି ହୋଇଥାନ୍ତି। ନୂତନ ପଦ୍ଧତିରେ ଅସ୍ତ୍ରୋପଚାର ଲାଗି କ୍ୟାପିଟାଲ ହସ୍ପିଟାଲକୁ ନୂଆ ଲାପାରୋସ୍କୋପିକ୍ ମେସିନ୍ ଆସିବ ବୋଲି ଜାଣିବାକୁ ମିଳିଛି। ଏହି ପଦ୍ଧତିରେ ଆଉ ଶରୀରର ବିଭିନ୍ନ ଅଂଶକୁ କାଟି ଅସ୍ତ୍ରୋପଚାର କରାଯିବ ନାହିଁ। କେବଳ ଶରୀରର ଆବଶ୍ୟକ ହେଉଥିବା ସ୍ଥାନରେ ଛୋଟ କଣା କରି ଅସ୍ତ୍ରୋପଚାର କରାଯିବ। ହସ୍ପିଟାଲରେ ସର୍ଜରୀ ବିଭାଗରେ ୫ ବର୍ଷ ପୂର୍ବେ ଲାପାରୋସ୍କୋପିକ୍ ୟୁନିଟ୍ ଖୋଲା ଯାଇଥିଲା। ହେଲେ ଡାକ୍ତର ଓ ଟେକ୍ନିସିଆନ୍ ଅଭାବରୁ ଏହି ୟୁନିଟ୍‌ଟି ବନ୍ଦ ହୋଇପଡ଼ିଥିଲା। ବର୍ଷ ବର୍ଷ ଧରି ବିଭାଗଟି ବନ୍ଦ ହୋଇରହିଥିଲାରୁ ପୁରୁଣା ମେସିନ୍ ଗୁଡ଼ିକ ଅଚଳ ହୋଇପଡ଼ିଛି। ତେଣୁ ନୂତନ ମେସିନ୍ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି। ସେହିଭଳି ହସ୍ପିଟାଲରେ ଥିବା ଏକ୍ସରେ ମେସିନ୍ ବହୁତ ପୁରୁଣା ହୋଇଗଲାଣି। ତେଣୁ ସରକାର ଏହାକୁ ଅପଗ୍ରେଡ୍ କିମ୍ବା ନୂଆ ମେସିନ୍ କିଣିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ପୁରୁଣା ମେସିନ୍ ଅପଗ୍ରେଡ କରିବା ବଦଳରେ ନୂଆ ମେସିନ୍ କିଣିବାକୁ ନିଷ୍ପତ୍ତି ହୋଇଛି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ପଞ୍ଚାୟତିରାଜ ବିଭାଗର ନିଷ୍ପତ୍ତି

# ଟଙ୍କା ନେଇ ଘର କରିନଥିଲେ ହିତାଧିକାରୀଙ୍କୁ ଦଣ୍ଡ

**ଭୁବନେଶ୍ୱର :** ଗ୍ରାମ୍ୟ ଗୃହ ନିର୍ମାଣରେ ଅନିୟମିତତା ଓ ଲାଞ୍ଚ କାରବାରର ଯାଞ୍ଚ ଭିଜିଲାନ୍ସ ଆରମ୍ଭ କରିବା ପରେ ବହୁ ବେନିୟମ କାରବାର ପଦାକୁ ଆସିଛି। ଦୁର୍ନୀତି ଓ ଅନିୟମିତତାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲା ବେଳେ ଗିରଫ ମଧ୍ୟ କରିଛି। ତେବେ କେବଳ ଅଫିସର ଗିରଫ ହେବେନାହିଁ। ଯଦି କୌଣସି ହିତାଧିକାରୀ ଗୃହ ନିର୍ମାଣ ପାଇଁ ଟଙ୍କା ନେଇ ଘର କରିନଥିବେ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବେ ସରକାର। ଏ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ସଚିବ ଦେଓରଂଜନ କୁମାର ସିଂ। ସେ କହିଛନ୍ତି, ଯେଉଁ ହିତାଧିକାରୀ ଏ ଯୋଜନାରେ ସରକାରୀ ତହବିଲରୁ ଟଙ୍କା ନେଇ ଚଞ୍ଚକତା କରି ଘର କରିନାହାନ୍ତି ସେମାନେ ଟଙ୍କା ଫେରସ୍ତ କରନ୍ତୁ। ସେମାନଙ୍କୁ ପୁଣି ଯୋଜନାରେ ସାମିଲ କରାଯିବ। କିଛି ଅସୁବିଧା ହେବନି। ମାତ୍ର ଆଗକୁ ଧରାପଡିଲେ ଅସାଧୁ କର୍ମଚାରୀଙ୍କ ସହ ହିତାଧିକାରୀଙ୍କ ବିରୋଧରେ ମଧ୍ୟ ସରକାର ପଦକ୍ଷେପ ନେବେ। ଜିଲ୍ଲାପାଳ ସମ୍ମିଳନୀରେ ପିସି କାରବାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମୁଖ୍ୟ ଶାସନ ସଚିବ ମଧ୍ୟ ଜିଲ୍ଲାପାଳଙ୍କୁ ଚିଠି ଲେଖି ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଲେ। ଭିଜିଲାନ୍ସ ଏ ଦିଗରେ ଆଉ ପାଦେ ଆଗକୁ ଯାଇ ଆରମ୍ଭ କରିଦେଲା ପିସି ମୂଳୋତ୍ପାଟନ ଅଭିଯାନ। ପୂରାକୁ ପୂରା ମିଶନ ମୋଡରେ ଭିଜିଲାନ୍ସ ଟିମ୍ ବିଭିନ୍ନ ବ୍ଲକ ଓ ପଞ୍ଚାୟତ ଅଫିସରେ ଛାନ୍‌ଭିନ୍ କରିବା ପରେ ପିସିର ଗୁମର ଫିଟୁଛି। କେଉଁଠି ହିତାଧିକାରୀଙ୍କଠାରୁ ପର୍ଯ୍ୟାୟକ୍ରମେ ପିସି ଆଦାୟ କରାଯାଇ ଅଫିସର ଓ କର୍ମଚାରୀଙ୍କ ମଧ୍ୟରେ ଭାଗ ବଣ୍ଟାଯାଉଛି ତ ଅନ୍ୟ କେଉଁଠି ସ୍ଥାନୀୟ ଲୋକପ୍ରତିନିଧି ପିସି ଆଦାୟ କରି ସରକାରୀ ଅଧିକାରୀଙ୍କୁ ଦେଇଛନ୍ତି। ଗ୍ରାମାଞ୍ଚଳରେ ବର୍ଷ ବର୍ଷ ଧରି ପିସି କାରବାର ସହ ଅନିୟମିତତାକୁ ବହୁ ସରକାରୀ କର୍ମଚାରୀ ଓ ରାଜନେତା ମିଳିତ ଭାବେ ପ୍ରୋତ୍ସାହିତ କରି ଆସୁଥିଲେ। ମାତ୍ର ଏଥିରେ ଲଗାମ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ କଡା ନିର୍ଦ୍ଦେଶ ସହ ଭିଜିଲାନ୍ସର ତନାଘନା ପରେ ସାରା ରାଜ୍ୟରେ ଏବେ ଦୁର୍ନୀତିଗ୍ରସ୍ତ ଅଫିସର, ରାଜନେତା ଓ ମଧ୍ୟସ୍ଥିଙ୍କ ମଧ୍ୟରେ ଭୟ ସଂଚାର ହୋଇଛି। ତେବେ କେବଳ ଅଫିସର ନୁହଁ, ଘର କରିନଥିବା ହିତାଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି।

# ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ଯୋଜନା ପଣ୍ଡ

**ଗୁଣପୁର :** ରାୟଗଡା ଜିଲା ଗୁଣପୁର ଏନଏସି ଅଧ୍ୟକ୍ଷା କବିତା ଶବରଙ୍କୁ ପଦବୀରୁ ହଟାଇବା ପାଇଁ ଚାଲିଥିବା ଅନାସ୍ଥା ପ୍ରସ୍ତାବ ନାଟକର ଅବସାନ ଘଟିଛି। ପୂର୍ବତନ ଅଧ୍ୟକ୍ଷ ସାନ ଗୌଡଙ୍କ ସମର୍ଥିତ କୁହାଯାଉଥିବା ବର୍ତ୍ତମାନର ଅଧ୍ୟକ୍ଷାଙ୍କୁ ଗାଦିଚ୍ୟୁତ କରିବା ପାଇଁ ଗୌଡଙ୍କ ବିରୋଧୀ ଗୋଷ୍ଠି ବହୁବାର ଦଳୀୟ ବରିଷ୍ଠ ନେତାଙ୍କ ନିକଟରେ ଫେରାଦ ହେବା ପରେ କୌଣସି ସୁଫଳ ପାଇଁ ନଥିବା କୁହାଯାଉଛି। ବିରୋଧୀ ପକ୍ଷରେ ୧୧ ଜଣ ସଦ୍ୟସ ଥିବାବେଳେ ଆବ୍ୟଶକ ଆଉ ଜଣେ ମାତ୍ର ସଦ୍ୟସଙ୍କୁ ହାତେଇ ଆଣିବା ପାଇଁ ଯୋଜନାରେ ଥିଲେ। ଅଧ୍ୟକ୍ଷାଙ୍କ ସମର୍ଥିତ ଉପାଧ୍ୟକ୍ଷ ମୁଖୀ ଭେଙ୍କଟ ରାବଣା କରିଥିବା ଅଭିଯୋଗର କୌଣସି କାର୍ଯ୍ୟନୁଷ୍ଠାନ ହୋଇ ନଥିବାରୁ ସେ ଗୌଡଙ୍କ ଶିବିର ଛାଡି ଚାଲିଯାଇଥିବା ଆଲୋଚନା ହେଉଛି। ଭିତିରି ଖବରରୁ ଶୁଣାଯାଏ ଉପାଧକ୍ଷଙ୍କ ୱାର୍ଡ କତୁରୁ ଗ୍ରାମରେ ଥିବା ୨୨ ଏକର ସରକାରୀ ଜମିକୁ ଏକଲବ୍ୟ ଓ ଆଦର୍ଶ୍ୟ ବିଦ୍ୟାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇଥିଲା। ଏଥିରେ କେତେକ ଜମି ବିଜେଡି ନେତା ହାତେଇ ନେଇଥିବା ଘଟଣାକୁ କେନ୍ଦ୍ର କରି ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଖପ୍ପା ହୋଇ ଗୌଡ ଶିବିର ଛାଡି ବିରୋଧୀ ଶିବିରରେ ଯୋଗ ଦେଇଥିଲେ। ଆଉ ଜଣ ମାତ୍ର ସଦ୍ୟସଙ୍କ ସୁଯୋଗ ଉଣ୍ଡି ବସିଥିବା ବିରୋଧୀ ଗୋଷ୍ଠୀ ଏହାକୁ ଢ଼ାଲ କରି ଉପାଧ୍ୟକ୍ଷଙ୍କୁ ନେଇ ୧୨ଜଣଙ୍କ ସ୍ୱାକ୍ଷର ଥାଇ ରାୟଗଡା ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ। କିନ୍ତୁ ଭୋଟଦିନ ବିରୋଧୀ ଶିବିରରେ ଥିବା ୧୧ ଜଣ ସଦସ୍ୟ ଭୋଟ ପାଇଁ ଆସିଥିବା ବେଳେ ଅନ୍ୟଜଣଙ୍କ ଅନୁପସ୍ଥିତ ସମସ୍ତ ଯୋଜନାକୁ ପଣ୍ଡ କରିଦେଇଥିଲା। ଅନାସ୍ଥା ପ୍ରସ୍ତାବ ନେଇଥିବା ବିରୋଧୀ କାଉନ୍‌ସିଲର ମାନେ ହୀନସ୍ଥା ହେବା ଭୟରେ ନିଜ ସ୍ୱାର୍ଥହୀତ ପାଇଁ ରାତି ଅଧିଆ ଗୌଡ ଶିବିର ପଟେ ମୁହାଁଉଥିବା ଚର୍ଚ୍ଚା ଜୋର ଧରିଛି।

# ମଧ୍ୟାହ୍ନ ଭୋଜନ ବନ୍ଦ ଯୋଗୁଁ ଅଡୁଆରେ ଛାତ୍ରଛାତ୍ରୀ

**ଡାବୁଗାଁ :** ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ବହୁ ବିଦ୍ୟାଳୟରେ ଛୁଟି ପୂର୍ବରୁ ମଧ୍ୟାହ୍ନ ଭୋଜନର ଚାଉଳ ଦିଆଯାଇ ନଥିବା ଓ ବିଦ୍ୟାଳୟ ଖୋଲିବା ଠାରୁ ଏପର୍ଯ୍ୟନ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଛି। ଯେଉଁଠି ଶିକ୍ଷକମାନଙ୍କ ଦ୍ୱାରା ଚାଲିଛି ଧାର ଉଧାର କରି ଚଳାଇ ଆସୁଥିବା ବେଳେ ଯେଉଁଠି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ମଧ୍ୟାହ୍ନ ଭୋଜନ ଚାଲିଛି, ସେମାନେ ଚାଉଳ ଯୋଗାଡ ନ କରିପାରି ମଧ୍ୟାହ୍ନ ଭୋଜନ ବନ୍ଦ କରିଦେଇଛନ୍ତି। ସରକାର ଯୋଗାଇ ଆସୁଥିବା ବେଳେ ଚାଉଳ ଉଠାଇ ବିଦ୍ୟାଳୟ ମାନଙ୍କରେ ସଠିକ୍ ସମୟରେ ନ ପହଞ୍ଚାଇବା ଯୋଗୁଁ ମଧ୍ୟାହ୍ନ ଭୋଜନରେ ଏପରି ଅବ୍ୟବସ୍ଥା ହୋଇଥିବା ଶିକ୍ଷକ, ଅଭିଭାବକମାନଙ୍କ ଠାରୁ ଶୁଣିବାକୁ ମିଳୁଛି। ଠିକାଦାର ଠିକ୍ ସମୟରେ ପହଞ୍ଚାଇ ପାରୁନାହାନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରାଇବା ନିମନ୍ତେ ତତ୍ପର ହେବା ନେଇ ସ୍ଥାନୀୟ ଅଭିଭାବକ ଦୃଢ଼ଦାବି ଜଣାଇଛନ୍ତି। ଏପରି ଅବ୍ୟବସ୍ଥାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଚନ୍ଦ୍ର ସାହୁଙ୍କୁ ଯୋଗଯୋଗ କରିବାକୁ ବିଦ୍ୟାଳୟର ଶିକ୍ଷକମାନେ ମଧ୍ୟାହ୍ନ ଭୋଜନ ଚଳାଉଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଏପରି ଅବ୍ୟବସ୍ଥା ହୋଇଛି ବୋଲି ମତବ୍ୟକ୍ତ କରିଥିଲେ।

# ବ୍ୟବସାୟୀ ମହାସଂଘର ନିଷ୍ପତ୍ତି : ବିକିବେନି ଚାଇନା ମାଲ୍

**କଟକ :** ରାଜ୍ୟରେ ବ୍ୟବସାୟୀମାନେ ଚୀନ୍ ଉତ୍ପାଦିତ ସାମଗ୍ରୀ କିଣିବେ ନାହିଁ କି ବିକିବେ ନାହିଁ। ମାଲଗୋଦାମରେ ଆୟୋଜିତ ବ୍ୟବସାୟୀ ମହାସଂଘର ସାଧାରଣ ପରିଷଦ ବୈଠକରେ ଏଭଳି ଏକ ଚରମ ନିଷ୍ପତ୍ତି ନିଆଯାଇଛି। ଜନସାଧାରଣଙ୍କୁ ମଧ୍ୟ ଏ ସମ୍ପର୍କରେ ସଚେତନ କରିବା ପାଇଁ ଗୋଟିଏ ଦିନ ସାରା ରାଜ୍ୟରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ଚଳିତ ମାସ ଶେଷ ସପ୍ତାହରେ ଭୁବନେଶ୍ୱର ବ୍ୟବସାୟୀ ମହାସଂଘର ସାଧାରଣ ପରିଷଦ ବୈଠକରେ ସାରାରାଜ୍ୟରେ ବନ୍ଦ ପାଳନ ତାରିଖ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏହି ବୈଠକରେ ଓଡ଼ିଶା ବ୍ୟବସାୟୀ ମହାସଂଘ, କଟକ ବଣିକ ସଂଘର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଅଞ୍ଚଳର ବଣିକ ସଂଘର ସଭାପତି ଓ ସଂପାଦକମାନେ ଉପସ୍ଥିତ ଥିଲେ। ବୈଠକ ସମ୍ପର୍କରେ ସୂଚନା ଦେଇ କଟକ ବଣିକ ସଂଘର ସାଧାରଣ ସମ୍ପାଦକ ବି.କେ. ମହାନ୍ତି କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ ଦେଶର ଏକ ନମ୍ବର ଶତ୍ରୁ ପାଲଟିଛି ଚୀନ୍। କିନ୍ତୁ ଭାରତୀୟ ବଜାରରେ ବିଭିନ୍ନ ସାମଗ୍ରୀ ବିକ୍ରି କରି ଚୀନ୍ ସବୁଠୁ ଅଧିକ ଅର୍ଥ ସଂଗ୍ରହ କରୁଛି। ତେଣୁ ଚୀନ୍ ସାମଗ୍ରୀ ବର୍ଜନ ପାଇଁ ରାଜ୍ୟର ବ୍ୟବସାୟୀମାନେ ଏଭଳି ନୀତିଗତ ନିଷ୍ପତ୍ତି ନେବା ସହିତ ସାଧାରଣ ଜନତାଙ୍କୁ ମଧ୍ୟ ଚୀନ୍ ସାମଗ୍ରୀ ନ କିଣିବାକୁ ଆହ୍ୱାନ ଦେଉଛନ୍ତି। ବୈଠକରେ ଜିଏସ୍‌ଟି ପ୍ରଭାବ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଜିଏସ୍‌ଟିର ଅନୁକୂଳ ଓ ପ୍ରତିକୂଳ ପ୍ରଭାବ ସମ୍ପର୍କରେ ବ୍ୟବସାୟୀମାନେ ମତ ରଖିଥିଲେ। ତେବେ ଯଦି କୌଣସି ପରିସ୍ଥିତିରେ ତ୍ରୁଟିପୂର୍ଣ୍ଣ ଢଙ୍ଗରେ ଜିଏସ୍‌ଟି ଲାଗୁ କରିବାକୁ ଅଧିକାରୀସ୍ତରରେ ଉଦ୍ୟମ ହୁଏ, ତେବେ ତାହାକୁ ବ୍ୟବସାୟୀମାନେ ବିରୋଧ କରିବାକୁ ନିଷ୍ପତ୍ତି ହୋଇଥିଲା। କଟକ ବଣିକ ସଂଘର ଉପସଭାପତି ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ବ୍ୟବସାୟୀ ମହାସଂଘ ସମ୍ପାଦକ ସୁଧାକର ପଣ୍ଡା, ମହାସଂଘର ମୁଖ୍ୟ ପରାମର୍ଶଦାତା ତଥା କଟକ ବଣିକ ସଂଘର ସାଧାରଣ ସମ୍ପାଦକ ବି.କେ. ମହାନ୍ତି, କଟକ ବଣିକ ସଂଘର ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ, ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଗଲା ସ୍କୁଲ ପାଚେରୀ

**ଡାବୁଗାଁ :** ଡାବୁଗାଁ ବ୍ଲକରେ ଗତ ୪ଦିନ ଧରି ଲଗାଣ ବର୍ଷା ଲାଗିରହିଥିବାରୁ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବହୁ ଜମିରେ ବାଲିଚର ମାଡିଯିବା ଯୋଗୁଁ ଧାନ ତଳି ସହ ବୁଣାଧାନ ନଷ୍ଟ ହୋଇଯାଇଛି। ଡାବୁଗାଁର ବ୍ଲକର ବଡଓଲମା, ମେଜେନା ଅଞ୍ଚଳର ଶତାଧିକ ଏକର ଜମିରେ ବାଲିଚର ମାଡିଯିବାରୁ ଧାନତଳି ନଷ୍ଟ ହୋଇଯାଇଛି। ଅନ୍ୟପଟେ ନୂଆଗୁଡା, ରେଭନ୍ୟୁଗୁଡା, ହରିଜନ ସାହିର ଡ୍ରେନ୍ ପାଣି ମେଡିକାଲ କଲୋନୀ ଭିତରେ ପଶି ଆଣ୍ଠୁଏ ପାଣି ପ୍ରବାହିତ ହେଉଥିବାରୁ ଯାତାୟତରେ ବହୁତ ଅସୁବିଧା ଉପୁଜିଥିବା ବେଳେ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ପାଚେରୀ ଭାଙ୍ଗିଯାଇଛି। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପଛପଟ ପାଚେରୀ ଭାଙ୍ଗିଯାଇ ମାଟିରେ ମିଶିଯାଇଛି। ଜଳ ବିହୁନେ ସୃଷ୍ଟି ନାଶ, ଜଳ ଅଭାବେ ସୃଷ୍ଟି



ନାଶ ଏହାର ନମୂନା ଏବେ ଦେଖିବାକୁ ମିଳିଛି। ଲଗାତର ବର୍ଷାରେ ଡ୍ରେନ୍ ପାଣି ଆସି ରାସ୍ତା ଉପରେ ଅଳିଆ ଆବର୍ଜନା ଗଦା ହେଉଛି। ଏହାଦ୍ୱାରା ପରିବେଶ ଦୂଷିତ ସହ ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ନିଶ୍ଚୟ। ଯାହାକି ଏପରି ଦୃଶ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରାସ୍ତାରେ ଦେଖିବାକୁ ମିଳିଛି। ଏଣୁ ପ୍ରଶାସନ ତତ୍ପର ହୋଇ ଭାଙ୍ଗିଯାଇଥିବା ଘରର ସହାୟତା, ଡ୍ରେନ୍‌ର ମରାମତି, ରାସ୍ତାଘାଟ ସଫା ସୁତୁରା ଓ ବାଉଣ୍ଡରୀ ମରାମତି ପ୍ରଭୃତି କରାଯିବା ନେଇ ଦୃଢ଼ ଦାବି ହେଉଛି।

# ୫୨ ଶିଶୁଶ୍ରମିକ ଉଦ୍ଧାର

**ଭାପୁର/ଦଶପଲ୍ଲା/ଫୁଲବାଣୀ :** ଅପରେସନ ମୁସ୍କାନ୍-୩ ଜରିଆରେ ରାଜ୍ୟର ୩ଟି ଜିଲ୍ଲାରେ ଚଢ଼ଉ କରାଯାଇ ୫୨ ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଖୋର୍ଦ୍ଧା, ନୟାଗଡ଼ ଓ କନ୍ଧମାଳ ଜିଲ୍ଲା ସିଡବ୍ଲୁସି ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇ ଏମାନଙ୍କୁ ଶିଶୁମାନଙ୍କୁ ଠାବ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ, ପୋଲିସ ଓ ଚାଇଲ୍ଡ ଲାଇନ ସଦସ୍ୟଙ୍କ ମିଳିତ ଉଦ୍ୟମରେ ଭାପୁରୁ ସଦର ମହକୁମାରେ ଅବସ୍ଥିତ ସାଇଫଡୁ ପ୍ଲାଜା ହେଟେଲ ଉପରେ ଚଢ଼ଉ କରାଯାଇ ୨ ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁ ଟାଙ୍ଗୀ ବଲ୍କ ମଙ୍ଗଳଯୋଡ଼ି ଗ୍ରାମର କାର୍ତ୍ତିକ ବେହେରା (୯) ଓ ବେଗୁନିଆ ବ୍ଲକ୍ ଆଣ୍ଡୀ ଗ୍ରାମର କୃଷ୍ଣଚନ୍ଦ୍ର ରାଉତ (୧୨)ଙ୍କୁ ଉଦ୍ଧାର କରି ନୟାଗଡ଼ ଶିଶୁ ମଙ୍ଗଳକାରୀ କମିଟି (ସିଡବ୍ଲ୍ୟୁସି) ନିକଟରେ ହାଜର କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ନୟାଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ଦଶପଲ୍ଲା ଦୁର୍ଗାବଜାରରେ ଚଢ଼ଉ କରାଯାଇ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ନିୟୋଜିତ ୪ ଜଣ ବାଳଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏହି ଚଢ଼ଉରେ ପୋଲିସ, ଶିଶୁ ସୁରକ୍ଷା ସମିତିର କର୍ମକର୍ତ୍ତା ସାମିଲ ହୋଇଥିଲେ। ଉଦ୍ଧାର ଶିଶୁମାନଙ୍କୁ ନୟାଗଡ଼ ନିଆଯାଇ ଶିଶୁ ସୁଧାର ଗୃହରେ ରଖାଯାଇଛି। ଅନ୍ୟପକ୍ଷରେ ଅପରେସନ ମୁସ୍କାନ-୩ ଅଭିଯାନରେ ୪୬ ଜଣ ଶିଶୁଙ୍କୁ ଫୁଲବାଣୀ ସିବଡ୍ଲୁସି ଉଦ୍ଧାର କରିଛି। ଉଦ୍ଧାର କରାଯାଇଥିବା ୪୬ ଶିଶୁଙ୍କ ମଧ୍ୟରେ ନୟାଗଡ଼, ବୌଦ୍ଧ ଓ କନ୍ଧମାଳ ଆଦି ୩ଟି ଜିଲ୍ଲାର ଶିଶୁ ଅଛନ୍ତି। ଫଲୁବାଣୀର ୨୩, ବାଲିଗୁଡ଼ାର ୨୦ ଓ ତୁମିଡ଼ିବନ୍ଧର ୩ ଜଣ ଶିଶୁ ଅଛନ୍ତି। ଏମାନେ ସମସ୍ତେ ବିଭିନ୍ନ ହୋଟେଲ ଓ ଦୋକାନରେ ଶିଶୁଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ।

# ଜନଗହଳି ସ୍ଥାନରେ ରହିବ ଭ୍ରାମ୍ୟମାଣ ଶୌଚାଳୟ


**ଭୁବନେଶ୍ୱର :** ସ୍ୱଚ୍ଛ ଭାରତ ମିଶନ୍ ଅଧୀନରେ ଭୁବନେଶ୍ୱରରେ ଚାଲିବ ଭ୍ରାମ୍ୟମାଣ ଶୌଚାଳୟ। ଯାତ୍ରୀବାହୀ ବସ୍‌କୁ ନୂଆରୂପ ଦିଆଯାଇ ଶୌଚାଳୟରେ ପରିବର୍ତ୍ତିତ କରାଯିବ ଏବଂ ତାହା ସକାଳ ଓ ସନ୍ଧ୍ୟା ସମୟରେ ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ୍, ଐତିହ୍ୟ କ୍ଷେତ୍ର ନିକଟରେ ରହିବ। ବସ୍‌ରେ ଖଚିତ ଭ୍ରାମ୍ୟମାଣ ଶୌଚାଳୟ ଯେପରି ରୋଗ ଜୀବାଣୁମୁକ୍ତ ଓ ପରିଷ୍କାର ରହିବ ସେଥିଲାଗି ଗୁରୁତ୍ୱାରୋପ କରାଯିବ। ସୌରଶକ୍ତିସମ୍ପନ୍ନ ଏହି ବସ୍‌ରେ ପରୀକ୍ଷାମୂଳକଭାବେ ଏପରି ୫ଟି ଭ୍ରାମ୍ୟମାଣ ଶୌଚାଳୟ ବସ୍ ଚଳାଇବାକୁ ନିଷ୍ପତ୍ତି ହୋଇଥିଲା। ଗତ ଫେବୃଆରୀ ମାସରେ ଗ୍ରହଣ କରାଯାଇଥିବା ଏହି ନିଷ୍ପତ୍ତି ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି। ଭୁବନେଶ୍ୱରକୁ ଅନ୍ୟ ଜିଲାରୁ ପ୍ରତ୍ୟହ ଅନେକ ଲୋକ ଆସିଥାନ୍ତି। ତେଣୁ ସେମାନଙ୍କୁ ଖୋଲା ସ୍ଥାନରେ ମଳ ମୂତ୍ର ତ୍ୟାଗ କରିବାଠାରୁ ଦୂରେଇ ରଖିବା ସହ ପରିବେଶକୁ ସଫା ରଖିବା ପାଇଁ ବସ୍‌କୁ ଶୌଚାଳୟରେ ପରିବର୍ତ୍ତିତ କରି ଲୋକଙ୍କ ନିକଟରେ ପହଞ୍ଚାଇବା ଯୋଜନା ହୋଇଛି। ମହାରାଷ୍ଟ୍ରର ପୁଣେ ଏବଂ ଆମେରିକାର ସାନଫ୍ରାନ୍‌ସିସ୍‌କୋ ସହରରେ ଏପରି ଶୌଚାଳୟ ବେଶ୍ ଲୋକପ୍ରିୟ ହୋଇପାରିଛି। କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ସେଥିରେ ଶୌଚାଳୟ ସହିତ ହାତ ଧୋଇବା ଲାଗି ବେସିନ୍ ଲାଗିବ। ପ୍ରତ୍ୟେକ ଶୌଚାଳୟ ଲାଗି ଦ୍ୱାର ବାହାରକୁ ରହିବ ଏବଂ ବସ୍ ଉପରେ ପାଣିଟାଙ୍କି ରହିବା ବ୍ୟବସ୍ଥା ହେବ। ଏଥିସହ ବସ୍‌ରୁ ବାହାରିବାକୁ ଥିବା ମଇଳା ଆସି ତଳେ ଲାଗିଥିବା ଏକ ଟାଙ୍କିରେ ରହିବ ଏବଂ ସେପ୍ଟେଜ୍ ଗାଡ଼ି ସେଠାକୁ ଯାଇ ଆବର୍ଜନା ସଂଗ୍ରହ କରି ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ନେଇ ପକାଇବ। ଯଦ୍ୱାରା ସେଠାରେ ପରିବେଶ ପ୍ରଦୂଷିତ ହେବାର ସମ୍ଭାବନା ରହିବ ନାହିଁ। ତେବେ ଏହା ଏକ ଭ୍ରାମ୍ୟମାଣ ଶୌଚାଳୟ ହୋଇଥିବାରୁ ସେଥିରେ ବିଦ୍ୟୁତ୍ ସଂଯୋଗ ବଡ଼ଗଡ଼ କେନାଲ ବ୍ରିଜ୍ ଉଦ୍‌ଘାଟିତ କଳ୍ପନାରୁ ବଡ଼ଗଡ଼କୁ ନିର୍ମାଣ ହେବ ଚାରିଟିକିଆ ରାସ୍ତା ବଦଳରେ ସୌରଚାଳିତ ଶକ୍ତି ବ୍ୟବହାର କରାଯିବ ଏବଂ ଏହାର ପ୍ୟାନେଲ୍ ମଧ୍ୟ ବସ୍ ଉପରେ ରହିବ। ଏହି ପ୍ରକଳ୍ପ ଲାଗି ଓଡ଼ିଶା ସହରାଞ୍ଚଳ ଭିତିଭୂମି ଉନ୍ନୟନ ପାଣ୍ଠି (ଓୟୁଆଇଡିଏଫ୍) ଅନ୍ତର୍ଗତ ଇନୋଭେଟିଭ୍ ପ୍ରକଳ୍ପରୁ ଯୋଗାଇ ଦିଆଯିବ। ତେବେ ଏସବୁ ଶୌଚାଳୟକୁ ଟେଣ୍ଡର ଜରିଆରେ ଘରୋଇ ସଂସ୍ଥାଙ୍କୁ ଦିଆଯିବ ଏବଂ ପରିଚାଳନା ତଥା ରକ୍ଷଣାବେକ୍ଷଣକୁ ଦୃଷ୍ଟିରେ ରଖି ଜଣେ ବ୍ୟବହାରକାରୀ ପିଛା ୧୦/୧୨ ଟଙ୍କା ଆଦାୟ କରାଯାଇ ପାରେ। ଏଥିସହ ଖର୍ଚ୍ଚ ଭରଣା ଲାଗି ଶୌଚାଳୟ ବାହାରେ ଏବଂ ଭିତରେ ବିଜ୍ଞାପନ ପାଇଁ ସ୍ଥାନ ରହିବ। ୫ଟି ବସ୍ ଲିଙ୍ଗରାଜ ମନ୍ଦିର ନିକଟସ୍ଥ ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର ରେଳ ଷ୍ଟେସନ ଓ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ରହିବ। ତେବେ ଏ ସମ୍ପର୍କରେ ଆଗକୁ ହେବାକୁ ଥିବା ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ।

# ରାଜଧାନୀରେ ଚାଲିବ ଇ-ରିକ୍ସା, ଆସିବ ଇ-ଯାନ ନୀତି

**ଭୁବନେଶ୍ୱର :** ରାଜଧାନୀର ରାଜରାସ୍ତାରେ ଚାଲିବ ଇ-ରିକ୍ସା। ଏହାଦ୍ୱାରା ରାଜଧାନୀବାସିନ୍ଦା ଅନେକ ସୁବିଧା ପାଇବେ। ଯାତାୟତ ଖର୍ଚ୍ଚ ମଧ୍ୟ ବେଶ୍ ହ୍ରାସ ପାଇବ। ଏଥିପାଇଁ ଖୁବ୍ ଶୀଘ୍ର ଇ-ଯାନ ନୀତି ଆସିବ। ପେଟ୍ରୋଲ, ଡିଜେଲ୍ ଗାଡ଼ି ପରିବର୍ତ୍ତେ ଇଲୋକ୍ଟ୍ରୋନିକ୍ସ ଗାଡ଼ି ପରିବେଶ ଅନୁକୂଳ ହୋଇଥିବାରୁ ଏହାର ପ୍ରଚଳନ ପାଇଁ ସ୍ମାର୍ଟ ସିଟି ଭୁବନେଶ୍ୱରରେ ଯୋଜନା ପ୍ରସ୍ତୁତ ହୋଇଛି। ବିଡିଏ,ବିଏମ୍‌ସି ପକ୍ଷରୁ ବିଶ୍ୱ ବ୍ୟାଙ୍କ ଗ୍ରୁପ୍‌ର ଅନ୍ତର୍ଜାତୀୟ ଅର୍ଥ ନିଗମ 'ଆଇଏଫ୍‌ସି' ସହାୟତାରେ ଭୁବନେଶ୍ୱର ଇ-ବାହନ ନୀତି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଛି। ଗତ ଦୁଇମାସ ମଧ୍ୟରେ କରାଯାଇଥିବା ପ୍ରାରମ୍ଭିକ ତଥ୍ୟ ଆଧାରରେ ଆଇଏଫ୍‌ସି ଦ୍ୱାରା ନିଯୁକ୍ତ ଅଧିକାରୀ ବିଭିନ୍ନ ସୂଚନା ପ୍ରଦାନ କରିବା ସହ ଡିଜେଲ୍ ବାହନ ତୁଳନାରେ ଇ-ବାହନର ପରିଚାଳନା ଖର୍ଚ୍ଚ ପ୍ରାୟ ଏକ ଦଶମାଂଶ ହେଉଥିବା ଦର୍ଶାଇଥିଲେ। ଉଦାହରଣ ସ୍ୱରୂପ ଡିଜେଲ୍ ଚାଳିତ ଅଟୋରେ କିଲୋମିଟର ପିଛା ହାରାହାରି ୨ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଇ-ରିକ୍ସା ବା ଇ-ଅଟୋରେ ଏହି ଖର୍ଚ୍ଚ କିଲୋମିଟର ପିଛା ହାରାହାରି ୨୦ ପଇସା ହେଉଛି। ଇ -ରିକ୍ସା ପାଇଁ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାରମାନଙ୍କ ଦ୍ୱାରା ପ୍ରୋତ୍ସାହନ ଦିଆଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଇବାହନକୁ ପ୍ରୋତ୍ସାହିତ କରିବା ପାଇଁ ମାତ୍ର ୩ ପ୍ରତିଶତ ଏକକାଳୀନ ବାହନ ରେଜିଷ୍ଟ୍ରେସନ୍ ଫି ଆଦାୟ କରାଯାଉଥିବା ବେଳେ ଡିଜେଲ୍ ବାହନ ଉପରେ ଏହା ୬ ପ୍ରତିଶତ ରହିଛି। ସେହିଭଳି ଜାତୀୟ ଇଲେକ୍ଟ୍ରିକ୍ ମୋବିଲିଟି ମିଶନ୍ ଆଧାରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଇ-ବାହନ କ୍ଷେତ୍ରରେ ବିଭିନ୍ନ ସ୍ୱତନ୍ତ୍ର ସ୍କିମ୍ ଜରିଆରେ ପ୍ରୋତ୍ସାହନ ଓ ସବ୍‌ସିଡି ପ୍ରଦାନ କରାଯାଉଛି। ଆଇଏଫ୍‌ସି ଦ୍ୱାରା ନିଯୁକ୍ତ ଅଧିକାରୀ ଭୁବନେଶ୍ୱର ସ୍ମାର୍ଟ ଜିଲ୍ଲା ଅଞ୍ଚଳରେ ପରିବେଶ ଅନୂକୂଳ ପରିବହନ ବ୍ୟବସ୍ଥା ଭାବରେ ପରୀକ୍ଷାମୂଳକ ଭାବେ ଇ-ବାହନ ପ୍ରଚଳନ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବେ। ଯେଉଁଥିରେ ସମ୍ଭାବିତ ପରିଚାଳନା ମଡେଲ୍, ଚାର୍ଜିଙ୍ଗ ପଏଣ୍ଟ ଭଳି ଆବଶ୍ୟକୀୟ ଭିତ୍ତିଭୂମି ଇତ୍ୟାଦିର ସୂଚନା ରହିବ। ଏଥିପାଇଁ ବିଡିଏ ଉପାଧ୍ୟକ୍ଷ ତଥା ବିଏମ୍‌ସି କମିଶନର ଡ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ସିଇଓ ଆର୍ ଭିନିଲ୍ କ୍ରିଷ୍ଣା, ଆଞ୍ଚଳିକ ପରିବହନ ଅଧିକାରୀ, ଅନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫ୍‌ସି)ର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞଙ୍କ ସମେତ ବିଡିଏ, ବିଏମ୍‌ସି, ବିଏସ୍‌ସିଏଲ୍ ଓ ବିପିଟିଏସ୍‌ର ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆଇଏଫ୍‌ସି ଦ୍ୱାରା ନିଯୁକ୍ତ ଡେଲଏଟ୍ ଓ ସି-ଷ୍ଟେପ୍ ର ଅଧିକାରୀ ଇବାହନ ନୀତି ସମ୍ପର୍କରେ ପ୍ରାରମ୍ଭିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏ କ୍ଷେତ୍ରରେ ରହିଥିବା ବିଭିନ୍ନ ସମ୍ଭାବନା ଓ ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଆଇଏଫ୍‌ସି ଦ୍ୱାରା ନିଯୁକ୍ତ ଅଧିକାରୀଙ୍କୁ ଭୁବନେଶ୍ୱର ଇ-ବାହନ ନୀତି ପ୍ରସ୍ତୁତ କରିବା ଏବଂ ସହରରେ ଇ-ବାହନ ପ୍ରଚଳନ ଯୋଜନା ପ୍ରସ୍ତୁତ କରିବାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

# ୟୁରୋନୋଭା କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ଭୁବନେଶ୍ୱର ମେୟର

**ଭୁବନେଶ୍ୱର :** ପ୍ରାଣୀବିଜ୍ଞାନ ଓ ଚିକିତ୍ସା କ୍ଷେତ୍ରରେ ଅତ୍ୟାବଶ୍ୟକ ଥିବା ୟୁରୋନୋଭା ପ୍ରଡକ୍ଟସର ଏକ ଆଞ୍ଚଳିକ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା। ନୀଳାଦ୍ରିବିହାର ଜିଏ ୧୦୨ ପ୍ଲଟରେ ଏହାର ଉଦ୍‌ଘାଟନୀପର୍ବ ଅବସରରେ ମେୟର ଶ୍ରୀ ଜେନା କହିଥିଲେ ଯେ ଦିନକୁଦିନ ଫ୍ରିଜିଂ ଓ ଚିଲିଂ ଉତ୍ପାଦର ଆବଶ୍ୟକବତା ବଢ଼ିଚାଲିଛି। ତେଣୁ ଏ କ୍ଷେତ୍ରରେ ଏନ୍‌ସ୍ୟୁର ଇନୋଭେସନ୍ସ ରାଜ୍ୟରେ ସଫଳ ସାବ୍ୟସ୍ତ ହୋଇପାରିବ। ପରିବେଶ ଉପଯୋଗୀ, ଶକ୍ତି ସଞ୍ଚୟ ଓ ସ୍ୱଳ୍ପ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏହାର ମୁଖ୍ୟ ଆଧାର ବୋଲି କହିଥିଲେ ସଂସ୍ଥାର ପ୍ରମୁଖ ସୁଭାଶିଷ ସିଂହ। ଔଷଧୀୟ ଗବେଷଣା, ମେଡିସିନ୍ ସଂରକ୍ଷଣ ଓ ଉନ୍ନତ ଚିକିତ୍ସା



କ୍ଷେତ୍ରରେ ଏହା ବିଶେଷ ଉପଯୋଗିତା ରଖିଥିବା ସେ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଦେବୀପ୍ରସାଦ ମଲ୍ଲିକ, ମୋନାଲିସା ସାହୁ ଏବଂ ପୂର୍ବତନ କର୍ପୋରେଟର ତଥା ସମାଜସେବୀ ରଞ୍ଜନ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ବହୁ ଜନସାଧାରଣ ଓ ୟୁରୋନୋଭାର କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# କଳାଯାଦୁର ଗାଁ ମେୟଙ୍ଗ୍

ଉପସ୍ଥାପନା
ଜାହ୍ନବୀସୁତ



ରହସ୍ୟମୟ ଲୋକବିଶ୍ୱାସର ଧାରା। ବିଜ୍ଞାନର ଅଗ୍ରଗତି ହେବା ସହ ମଣିଷ ଶିକ୍ଷିତ ମଧ୍ୟ ହୋଇଛି। କିନ୍ତୁ ଏବେ ବି ଅନେକେ ପରମ୍ପରା ଓ ବିଶ୍ୱାସ ରହିଛି, ଯାହା ଉପରେ ମଣିଷର ଅଗାଧ ଆସ୍ଥା ରହିଛି। ବିଜ୍ଞାନ ସେହିସବୁ ବିଶ୍ୱାସକୁ ଅନ୍ଧବିଶ୍ୱାସର ଆଖ୍ୟା ଦେଇଛି। କିନ୍ତୁ ମଣିଷର ମନ ସହଜରେ ସେଥିରୁ ଦୂରେଇପାରୁ ନାହିଁ। ଏବେ ବି ମନ୍ତ୍ରତନ୍ତ୍ରକୁ ନେଇ ଅନେକ ପ୍ରଶ୍ନ ରହିଛି ମଣିଷମନରେ। ଏବେ ଆସନ୍ତୁ ଯିବା ଆମ ଦେଶର ଉତ୍ତରପୂର୍ବ ରାଜ୍ୟ ଆସାମକୁ। ଏହି ରାଜ୍ୟର ମୋରିଗାଓଁ ଜିଲ୍ଲାରେ ରହିଛି ଏକ ଗାଁ ମେୟଙ୍ଗ। ଯାହାକୁ ଦ ଲ୍ୟାଣ୍ଡ ଅଫ୍ ବ୍ଲାକ୍ ମ୍ୟାଜିକ୍ ବା କଳାଯାଦୁର ସ୍ଥାନ ବୋଲି କୁହାଯାଏ। ଆପଣ ଏହି ଗାଁକୁ ଗଲେ ଦେଖିବାକୁ ପାଇବେ ପ୍ରାୟ ଅନେକ ସ୍ଥାନରେ ଯାଦୁବିଦ୍ୟାରେ ଲୋକମାନେ ଲିପ୍ତ ଥିବେ। ଆଧୁନିକତାର ଅନେକ ସିଡି ଆମେ ଚଢ଼ିସାରିଥିଲେ ମଧ୍ୟ ଏହି ଗାଁର ଲୋକମାନେ କିନ୍ତୁ ଅଧିକ ବିଶ୍ୱାସ କରନ୍ତି ମନ୍ତ୍ରତନ୍ତ୍ର ଓ ଯାଦୁବିଦ୍ୟାରେ। ଏହି ସ୍ଥାନର ଏପରି ନାମକରଣକୁ ନେଇ ମଧ୍ୟ ଅନେକ ମତ ଦେଖାଦେଇଥାଏ। କେହି କେହି ମେୟଙ୍ଗ୍ ସଂସ୍କୃତ ଶବ୍ଦ ମାୟା ସହ ସମ୍ପର୍କ ରଖିଥିବା କଥା ମତ ଦେଇଥାନ୍ତି। ମାୟା ସାଧାରଣତଃ ଯାଦୁବିଦ୍ୟାର ଏକ ଅଂଶ ବୋଲି ମଧ୍ୟ ଗ୍ରହଣ କରାଯାଏ। ସେହିଭଳି ଆଉ କିଛି ବିଶ୍ୱାସ କରନ୍ତି ଯେ ମେୟଙ୍ଗ ଶବ୍ଦ ମା' ଶବ୍ଦରୁ ଆସିଛି। ଅର୍ଥାତ୍ ମାତୃଶକ୍ତି ସହ ଏହି ସ୍ଥାନର ବିଶେଷ ସମ୍ପର୍କ ରହିଛି। କାରଣ ଯାଦୁ ବା ତନ୍ତ୍ରମନ୍ତ୍ର ସାଧନା ପାଇଁ ମାତୃଶକ୍ତିଙ୍କ ଆରାଧନା କରାଯାଇଥାଏ। ଆଉ କେହି ବିଶ୍ୱାସ କରନ୍ତି ଯେ ମଣିପୁରର ମୋଇରାଙ୍ଗ୍ ଜନଜାତିର ଲୋକମାନେ ଏହି ସ୍ଥାନରେ ବସବାସ କରୁଥିଲେ। ଆଉ କାଳକ୍ରମେ ଏହି ମୋଇରାଙ୍ଗ୍ ଶବ୍ଦ ଅପଭ୍ରଂଶ ହୋଇ ମେୟଙ୍ଗରେ ପରିଣତ ହୋଇଛି। ତେବେ ଏହି ଗାଁ ବିଶେଷଭାବେ ଖ୍ୟାତି ଲାଭ କରିଛି କଳାଯାଦୁ ପାଇଁ ଏପରିକି ଏହି ଗାଁର ବର୍ଣ୍ଣନା ବିଭିନ୍ନ ପୁରାଣରେ କରାଯାଇଥିବା କଥା ବିଶ୍ୱାସ କରାଯାଏ। ସୂଚନା ଅନୁସାରେ ମହାଭାରତରେ ବର୍ଣ୍ଣିତ ଚରିତ୍ର ଘଟୋତ୍କଚ ଏହି ସ୍ଥାନର ବୋଲି ବିଶ୍ୱାସ କରାଯାଏ। ଆଉ ମହାଭାରତ ଯୁଦ୍ଧରେ ଘଟୋତ୍କଚ ଅନେକ ଯାଦୁ ପ୍ରୟୋଗ କରିଥିବା ମଧ୍ୟ ମହାଭାରତ ଗ୍ରନ୍ଥରେ ବର୍ଣ୍ଣନା ରହିଛି। ଆହୁରି ମଧ୍ୟ କୁହାଯାଏ ଯେ ଏ ପର୍ଯ୍ୟନ୍ତ ମଧ୍ୟ କଳାଯାଦୁ କରୁଥିବା ସାଧକମାନେ ମେୟଙ୍ଗଲ ଜଙ୍ଗଲ ଭିତରେ ରହିଛନ୍ତି। ଆଉ ସେମାନେ ଆଜି ମଧ୍ୟ କଳାଯାଦୁ ଦ୍ୱାରା ମଣିଷମାନଙ୍କୁ ପଶୁରେ ପରିଣତ କରିଦେଉଛନ୍ତି। ଆପଣ ଭାବନ୍ତୁ କେତେ ରହସ୍ୟମୟ ଏ ଭାବନା। ଆଉ ଆପଣ ଏହି ଗାଁକୁ ଗଲେ ଦେଖିବାକୁ ପାଇବେ ପ୍ରାୟ ପ୍ରତ୍ୟେକ ଘରେ ଯାଦୁବିଦ୍ୟାର ଅଭ୍ୟାସ କରୁଥିବେ ଅଧିବାସୀମାନେ। ସେମାନେ ବର୍ଷ ବର୍ଷ ଧରି ଏହି କଳାଯାଦୁ ବଂଶାନୁକ୍ରମିକ ଭାବେ କରୁଛନ୍ତି। ଆଉ ଏହି ଗାଁକୁ ଦେଖିବା ପାଇଁ ଏବେ ଅନେକ ପର୍ଯ୍ୟଟକମାନେ ଆସୁଛନ୍ତି। ବିଭିନ୍ନ ସମୟରେ ଏହି କଳାଯାଦୁରେ ବିଶ୍ୱାସ କରୁଥିବା ଲୋକମାନେ ମଧ୍ୟ ଏହି ଗାଁକୁ ଆସିଥାନ୍ତି। ବିଜ୍ଞାନର ଏତେ ଉନ୍ନତି ହୋଇ ଆଜି ମଣିଷ ମହାକାଶରେ ପହଞ୍ଚିସାରିଥିଲେ ମଧ୍ୟ ମେୟଙ୍ଗ୍‌ରର ଅଧିବାସୀମାନଙ୍କ ଏପରି ବିଶ୍ୱାସ ମନରେ ନିହାତି ଦ୍ୱନ୍ଦ୍ୱ ସୃଷ୍ଟି କରୁଛି।

କେତେ ରହସ୍ୟମୟ ଲୋକବିଶ୍ୱାସ ସତରେ! କଳାଯାଦୁରେ କ'ଣ ମଣିଷଙ୍କୁ ପଶୁରେ ପରିଣତ କରାଯାଇପାରେ? ତନ୍ତ୍ରସାଧନା କରି ମାତୃଶକ୍ତିଙ୍କୁ ସନ୍ତୁଷ୍ଟ କରି କଳାଯାଦୁ କରାଯାଇପାରେ? ଅବଶ୍ୟ ଆମେ ବିଜ୍ଞାନୀ ମଣିଷ ହିସାବରେ ନିହାତି କହିବା ଏହା ଅନ୍ଧବିଶ୍ୱାସ। କିନ୍ତୁ ଆସାମର ମେୟଙ୍ଗ୍ ଗାଁର ଲୋକମାନେ ଏବେ ବି ଏପରି ଧାରଣା ନେଇ ରହିଛନ୍ତି। ଇତିହାସ ଅନୁସାରେ ଆଧୁନିକ ଯୁଗ ପୂର୍ବରୁ ଅନେକ ସ୍ଥାନରେ ନରବଳୀ ପ୍ରଥା ରହିଥିଲା। ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହି ମେୟଙ୍ଗ୍ ଗାଁ ନିକଟରେ ଖନନ କରିବା ସମୟରେ ଅନେକ ପଦାର୍ଥ ମାଟି ତଳୁ ପାଇଥିଲେ। ଯାହାକୁ ନେଇ ସନ୍ଦେହ କରାଯାଉଛି



ମେୟଙ୍ଗ୍ ଗାଁରେ ମଧ୍ୟ ପୂର୍ବରୁ ଏହି କଳାଯାଦୁ ସାଧନା ପାଇଁ ନରବଳି ଦିଆଯାଉଥିଲା। ପନ୍ତତତ୍ତ୍ୱବିଦ୍ମାନେ ଏକ ନିର୍ଦ୍ଦିଷ୍ଟ ଧରଣର ଖଣ୍ଡା ମାଟିତଳୁ ଉଦ୍ଧାର କରିଥିଲେ। ଯାହାକୁ ସାଧାରଣତଃ ପ୍ରାଚୀନ କାଳରେ ନରବଳୀ ପାଇଁ ବ୍ୟବହାର କରାଯାଉଥିବା ବିଶ୍ୱାସ କରାଯାଏ। ଏହାସହ ଆହୁରି ଅନେକ



ଧାରୁଆ ଅସ୍ତ୍ର ପ୍ରନ୍ତତତ୍ତ୍ୱବିଦ୍‌ମାନେ ଉଦ୍ଧାର କରିଛନ୍ତି, ଯାହାକୁ ନେଇ ଏହି ସ୍ଥାନରେ ନଳବଳୀ ପ୍ରଥା ପୂର୍ବରୁ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଆସାମର ରାଜଧାନୀ ଗୌହାଟୀଠାରୁ ମାତ୍ର ୪୦ କିଲୋମିଟର ଦୂର ଏହି ମେୟଙ୍ଗ୍ ଗାଁ ଏପରି ବିଚିତ୍ର ତଥା ଅଦ୍ଭୁତ ବିଶ୍ୱାସ ପାଇଁ ଚର୍ଚ୍ଚାରେ ରହିଆସିଛି। ତେବେ ମେୟଙ୍ଗର ଏହି ଅଦ୍ଭୁତ ପରମ୍ପରାକୁ ନେଇ ସେତେଟା ଐତିହାସିକ ପ୍ରମାଣ ନାହିଁ। କିନ୍ତୁ ଲୋକବିଶ୍ୱାସରେ ଏହି ସ୍ଥାନର କଳାଯାଦୁ ଅନେକ ପ୍ରଭାବ ପକାଉଛି। ଅବଶ୍ୟ ଅହମ୍ ରାଜବଂଶର ବିବରଣୀ ଅନୁସାରେ ମେୟଙ୍ଗ୍‌ର ଇତିହାସ ବିଶେଷଭାବରେ ବର୍ଣ୍ଣନା କରାଯାଇ ନାହିଁ। ତେବେ ମେୟଙ୍ଗ୍‌ରେ ଏବେ ବି ଅନେକ ପରିବାର ଏହି କଳାଯାଦୁ କରୁଥିବାର ଦେଖିବାକୁ ମିଳେ। ତେବେ ଏଠାକାର ବାସିନ୍ଦାମାନଙ୍କ ଲୋକକଥାରେ ଅନେକ କଳାଯାଦୁର କାହାଣୀ ଶୁଣିବାକୁ ମିଳେ। ଏପରିକି ଶୁଣିବାକୁ ମିଳେ ଯେ କଳାଯାଦୁ ଦ୍ୱାରା ମଣିଷଙ୍କୁ ଶୂନ୍ୟରେ ମିଳାଇ ଦିଆଯାଇପାରେ। ବ୍ରହ୍ମପୁତ୍ର ନଦୀକୂଳରେ ଅବସ୍ଥିତ ଏହି ଗାଁ ତା'ର ଇତିହାସ ପାଇଁ ସବୁବେଳେ ପର୍ଯ୍ୟଟକମାନଙ୍କ ଆକୃଷ୍ଟ କରିଛି। ନିକଟରେ



ଥିବା ଜଙ୍ଗଲକୁ ନେଇ ମଧ୍ୟ ଅନେକ ଲୋକକଥା ଶୁଣିବାକୁ ମିଳେ। ଏଠାରେ ଡାହାଣି ରହୁଥିବା ନେଇ ମଧ୍ୟ ବିଶ୍ୱାସ କରାଯାଏ। ବିଜ୍ଞାନ ବଳରେ ଆମ ସମାଜ ଆଜି ଏତେ ଉନ୍ନତି କରିଥିଲେ ମଧ୍ୟ ପୂର୍ବଭାରତର ଆସାମ ରାଜ୍ୟର ଏହି ମେୟଙ୍ଗ୍ ଗାଁ କିନ୍ତୁ କଳାଯାଦୁ ଉପରେ ବିଶ୍ୱାସ ରଖିଛି। ଯାହାକୁ ନେଇ ସାଧାରଣ ମଣିଷର ମନରେ ସୃଷ୍ଟି ହେଉଛି ଅନେକ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଝାଟିମାଟି ...

ମଧ୍ୟରୁ ଦୁଇ ଜଣଙ୍କ ଭୋଟ ନାକଚ ହୋଇଥିବା ବେଳେ କୋବିନ୍ଦଙ୍କୁ ୧୨୭ ଓ ମୀରାଙ୍କୁ ୧୬ଖଣ୍ଡ ଭୋଟ ମିଳିଛି। କେ.ଆର ନାରାୟଣନ୍‌ଙ୍କ ପରେ ୭୧ବର୍ଷୀୟ କୋବିନ୍ଦ ଦଳିତ ବର୍ଗର ଦ୍ୱିତୀୟ ବ୍ୟକ୍ତି ଭାବେ ଦେଶର ମର୍ଯ୍ୟାଦାପୂର୍ଣ୍ଣ ରାଷ୍ଟ୍ରପତି ପଦ ମଣ୍ଡନ କରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରଥମ ବିଜେପି ନେତା ଭାବେ ମଧ୍ୟ ସେ ଏହି ଆସନରେ ଅଧିଷ୍ଠିତ ହେବେ। ଉତ୍ତରପ୍ରଦେଶର କାନପୁର ଅନ୍ତର୍ଗତ ପରୌଙ୍କ ଗ୍ରାମର ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା କୋବିନ୍ଦ କେବେହେଲେ ବି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ରାଷ୍ଟ୍ରପତି ହେବେ ବୋଲି ଚିନ୍ତା କରିନଥିବେ। କୃଷକ ପରିବାରର ଝାଟିମାଟି ଘରେ ରହି ପାଠପଢ଼ିଥିବା କୋବିନ୍ଦ ନିଜକୁ ପ୍ରତିପାଦନ କରିବାରେ ସଫଳ ହୋଇଛନ୍ତି। ବାପାଙ୍କ ଦୋକାନ ଓ ଚାଷ କାମରୁ ଯାହା ପଇସା ମିଳେ ସେଥିରେ ଚଳିବା ତାଙ୍କପକ୍ଷେ କଷ୍ଟକର ହୋଇଯାଏ। ଦିନେ ବାପାଙ୍କଠାରୁ ୫ ଟଙ୍କା ନେଇ କାନପୁରସ୍ଥିତ ଭଉଣୀ ଘରକୁ ସେ ଚାଲିଯିବା ସହ ସେଠାରେ ପାଠ ପଢ଼ିଥିଲେ। ଇଣ୍ଟର ମିଡିଏଟ୍, ସ୍ନାତକ ଓ ଆଇନ୍ ଡିଗ୍ରୀ ହାସଲ କରି ଆମ୍ବେଦକରଙ୍କ ଦ୍ୱାରା ସେ ବିଶେଷ ଅନୁପ୍ରାଣିତ ହୋଇଥିଲେ। ନିଜକୁ ଗଢ଼ିତୋଳିବା ଲାଗି ତାଙ୍କୁ ଶେଷରେ ଭଡାଘରେ ରହି ପାଠପଢ଼ିବାକୁ ପଡିଥିଲା। କୋବିନ୍ଦଙ୍କ ପାଠ ପଢ଼ା ଲାଗି ବାପାଙ୍କୁ ଜାଗା ବିକିବାକୁ ମଧ୍ୟ ପଡିଥିଲା। ଆଇନ୍ ପାଠ ଶେଷ ହେଲାପରେ କୋବିନ୍ଦ ପ୍ରଥମେ ଦିଲ୍ଲୀ ହାଇକୋର୍ଟରେ ପ୍ରାକ୍ଟିସ୍ କଲେ। ପରେ ସୁପ୍ରିମ୍‌କୋର୍ଟ ଷ୍ଟାଣ୍ଡିଂ କାଉନସେଲଭାବେ ୧୯୮୦ରୁ ୧୯୯୩ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଆର୍‌ଏସ୍‌ଏସ୍ ଦ୍ୱାରା ଅନୁପ୍ରାଣିତ ହୋଇ କୋବିନ୍ଦ ପରେ ୧୯୯୧ ମସିହାରେ ବିଜେପିରେ ଯୋଗ ଦେଇଥିଲେ। ୟୁପିରୁ ଦୁଇ ଦୁଇ ଥର ନିର୍ବାଚନ ଲଢ଼ି ତାଙ୍କୁ ପରାଜୟର ରାସ୍ତା ଦେଖିବାକୁ ପଡିଥିଲା। ୧୯୯୪ ଓ ୨୦୦୨ରେ ସେ ରାଜ୍ୟସଭାକୁ ସାଂସଦ ଭାବେ ଯାଇଥିଲେ। ୨୦୧୫ରେ ସେ ବିହାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସରଳ କଥାବାର୍ତ୍ତା ଓ ଉତ୍ତମ ବୁଝାମଣା ଯୋଗୁ ଜଣେ ଆଦର୍ଶ ମଣିଷର ଖ୍ୟାତି ହାସଲ କରିଥିବା ଦଳିତ ବର୍ଗର କୋବିନ୍ଦଙ୍କୁ ବିଜେପି ରାଷ୍ଟ୍ରପତି ପ୍ରାର୍ଥୀଭାବେ ଘୋଷଣା କରିଥିଲା। ଏବେ ସେ ବିଜୟୀ ହେବା ସହ ରାଇସିନା ହିଲ ଦଖଲ କରିବାରେ ସଫଳ ହୋଇଛନ୍ତି। ଜଣେ ଦଳିତ ବରିବ ପରିବାରର ବ୍ୟକ୍ତି ଜୀବନ ସଂଗ୍ରାମରେ ପଛେଇ ନଯାଇ ନିଜର ଦକ୍ଷତା ପ୍ରତିପାଦନ କରିବାରେ ଶେଷରେ ସମର୍ଥ ହୋଇଛନ୍ତି। କୋବିନ୍ଦ ରାଷ୍ଟ୍ରପତି ନିର୍ବାଚିତ ହେବାପରେ ତାଙ୍କ ଗାଁରେ ଉତ୍ସବ ପାଳନ ଆରମ୍ଭ ହୋଇଯାଇଛି। ଏହାଛଡ଼ା ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ଉପରାଷ୍ଟ୍ରପତି ଡଃ ହମିଦ ଆସନାରୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ କୋବିନ୍ଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ମୀରା କୁମାର ମଧ୍ୟ କୋବିନ୍ଦଙ୍କୁ ଶୁଭେଚ୍ଛା ଜଣାଇଥିଲେ। ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନରେ କୋବିନ୍ଦ କେନ୍ଦ୍ର ସରକାରଙ୍କ ସମର୍ଥିତ ପ୍ରାର୍ଥୀ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ...

ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବାରୁ ଓଡ଼ିଶାବାସୀଙ୍କ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଡକ୍ଟର କୋବିନ୍ଦଙ୍କୁ କହିଥିଲେ ଯେ, ଭାରତର ପତ୍ୟେକ ନାଗରିକଙ୍କ ହିତ ଦୃଷ୍ଟିରୁ ସମ୍ବିଧାନର ସାର୍ବଭୌମତ୍ୱକୁ ନବନିର୍ବାଚିତ ରାଷ୍ଟ୍ରପତି ସୁରକ୍ଷିତ ରଖିବେ ବୋଲି ତାଙ୍କର ବିଶ୍ୱାସ। ଉଲ୍ଲେଖଥାଉ କି, ରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନ୍‌ଡିଏ ପ୍ରାର୍ଥୀ ଡକ୍ଟର କୋବିନ୍ଦଙ୍କୁ ସମର୍ଥନ ଦେଇଥିଲେ। ବିଜେଡିର ସମସ୍ତ ବିଧାୟକ ଓ ସାଂସଦ କୋବିନ୍ଦଙ୍କ ସପକ୍ଷରେ ଭୋଟ ଦେଇଥିଲେ।

### ପାକିସ୍ତାନକୁ ...

ବିଶେଷକରି ଆମେରିକା ବିରୋଧରେ ଜେହାଦ ଚଳାଇଥିବା ଆତଙ୍କବାଦୀ ସଂଗଠନ ହକାନି ନେଟ୍‌ୱାର୍କକୁ ଦମନ କରିବା ଲାଗି ଆମେରିକା ଆବଶ୍ୟକ ପଦକ୍ଷେପ ନେଉନାହିଁ ବୋଲି ମାଟିସ୍ କହିଛନ୍ତି। ଆତଙ୍କବାଦ ଦମନ ପାଇଁ ପାକିସ୍ତାନକୁ ୯୦ କୋଟି ଡଲାର ସାମରିକ ସହାୟତା ଦେବା ଲାଗି ଆମେରିକା ଘୋଷଣା କରିଥିଲା। ଘୋଷଣା ଅନୁଯାୟୀ ୨୦୧୬ରେ ୫୫ କୋଟି ଡଲାର ସହାୟତା ଦିଆଯାଇଥିଲା। ଅବଶିଷ୍ଟ ୩୫ କୋଟି ଡଲାର ଚଳିତ ବର୍ଷ ଦିଆଯିବାକୁ ଥିଲା। ନିକଟରେ ଆମେରିକା ଆତଙ୍କବାଦ ପ୍ରାୟୋଜକ ଦେଶ ତାଲିକାରେ ପାକିସ୍ତାନକୁ ସାମିଲ କରିଥିଲା। ଆମେରିକା କଂଗ୍ରେସ ଦ୍ୱାରା ପ୍ରସ୍ତୁତ ଆତଙ୍କବାଦ ସମ୍ପର୍କିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପାକିସ୍ତାନ କେବଳ ତେହରିକ-ଇ-ତାଲିବାନ ଭଳି ଆତଙ୍କବାଦୀ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛି; ମାତ୍ର ଅନ୍ୟ କୌଣସି ଆତଙ୍କବାଦୀ ସଂଗଠନ ବିରୋଧରେ ଏହା କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏପରିକି ଲସ୍କର-ଇ-ତୋଇବା ଓ ଜୈସ-ଇ-ମହମ୍ମଦ ଭଳି ଆତଙ୍କବାଦୀ ସଂଗଠନକୁ ଏହା ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଛି। ଏହି ଦୁଇ ଆତଙ୍କବାଦୀ ସଂଗଠନ ପାକିସ୍ତାନରେ ରହି ନିଜର ପାଣ୍ଠି ସଂଗ୍ରହ ଠାରୁ ଆରମ୍ଭ କରି ପ୍ରଶିକ୍ଷଣ ଶିବିର ଆୟୋଜନ, ଅସ୍ତ୍ରଶସ୍ତ୍ର ଯୋଗାଡ ଭଳି ସମସ୍ତ ପ୍ରକାର କାର୍ଯ୍ୟ ନିର୍ଦ୍ୱନ୍ଦ୍ୱରେ ଚଳାଇଛନ୍ତି।

### ପରମାଣୁ ...

ଯଦି ତାଙ୍କର ଦେଶ ପ୍ରତି ଆନୁଗତ୍ୟ ନଥାନ୍ତା ତାହେଲେ ସିଏ ନିଶ୍ଚିତ ଭାବେ ଏହି ଲାଞ୍ଚକୁ ଗ୍ରହଣ କରିଥାନ୍ତେ। କିନ୍ତୁ ଅର୍ଥଠାରୁ ଦେଶର ଗାରିମା, ଯଶ ଓ ସମ୍ବିଧାନ ବଡ। ତେଣୁ ଏପରି ଲାଞ୍ଚ ଗ୍ରହଣକୁ ସେ ଅଗ୍ରାହ୍ୟ କରିଥିବା ପଞ୍ଜାବ ସିଆଲକୋର୍ଟରେ ଆୟୋଜିତ ଏକ ଜନସଭାରେ ଉଦ୍‌ବୋଧନ ଦେଇ ସରିଫ କହିଛନ୍ତି। ସୂଚନାଥାଉ କି, ସରିଫ ୧୯୯୦ ରୁ ୯୦ ଓ ୧୯୯୭ ରୁ ୯୯ ମସିହା ପର୍ଯ୍ୟନ୍ତ ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ। ଗତବର୍ଷ ପାନାମା ପେପରରେ ସରିଫ ଓ ତାଙ୍କ ପରିବାର ବିରୋଧରେ ସରକାରୀ ସମ୍ପତ୍ତି ହଡପ ଅଭିଯୋଗ ସଂକ୍ରାନ୍ତୀୟ ରିପୋର୍ଟ ପ୍ରକାଶ ପାଇଥିଲା। ସରିଫ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ମାମଲା ରୁଜୁ କରାଯିବା ସହ ସୁପ୍ରିମ୍‌କୋର୍ଟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ନିଜକୁ ସ୍ୱଚ୍ଛ ବୋଲି ପ୍ରମାଣିତ କରିବା ଲାଗି ସରିଫ ଏଭଳି ଖୁଲାସା କରିଛନ୍ତି।

### ବାଂଲାଦେଶୀଙ୍କ ...

ଭିତରକନିକା ଜାତୀୟ ଉଦ୍ୟାନର ଅନେକ ଅଞ୍ଚଳକୁ ଧ୍ୱସ୍ତ ବିଧ୍ୱସ୍ତ କରି ସାରିଲେଣି। ଜଗତସିଂହପୁର ଜିଲ୍ଲାରେ ମଧ୍ୟ ବାଂଲାଦେଶୀଙ୍କ ପ୍ରଭାବ ବଢ଼ି ଚାଲିଛି। ପୁରୀ ଜିଲ୍ଲାର ଅସ୍ତରଙ୍ଗ, ନୂଆନଇ ମୁହାଣ ବ୍ୟତୀତ ପୁରୀ ସହରରେ ମଧ୍ୟ ଏମାନଙ୍କ ବସତି ଆରମ୍ଭ ହେବାରେ ଲାଗିଛି। ବେଆଇନ ଭାବେ ଓଡ଼ିଶା ଆସିଥିବା ବାଂଲାଦେଶୀଙ୍କ କବଳରୁ ରାଜଧାନୀ ଭୁବନେଶ୍ୱର ବି ବର୍ଜିନି। ଏଠାରେ ମଧ୍ୟ ସେମାନେ ପିଲା ପରିବାର ଧରି ରହିଲେଣି। ବାଂଲାଦେଶୀଙ୍କୁ ବିଶ୍ୱର ଅନେକ ଦେଶ ବାରଣ କରିଛି। ସେମାନଙ୍କୁ ଭିସା ବି ଦେଉନାହିଁ। ହେଲେ ଭାରତୀୟଙ୍କ ଉପରେ ସେପରି କଟକଣା ନାହିଁ। ବାଂଲାଦେଶରୁ ବେଆଇନ ଭାବେ ଆସି ଓଡ଼ିଶାରେ କିଛିଦିନ ରହିବା ପରେ ଏମାନେ ରାଜନେତା ଓ ସରକାରୀ କଳକୁ ହତ କରି ସ୍ଥାନୀୟ ପ୍ରମାଣପତ୍ର ହାସଲ କରୁଛନ୍ତି। ଏହାପରେ ଭାରତୀୟଙ୍କ ନାମରେ ପାସପୋର୍ଟ ନେଇ ବିଦେଶ ଯାଉଛନ୍ତି। ରାଜ୍ୟରେ ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢୁଛି। ହେଲେ ସରକାରୀ ତାଲିକାରେ ବଢୁନାହିଁ। ସରକାର ୨୦୧୧ ଜନଗଣନା ରିପୋର୍ଟକୁ ଭିତ୍ତିକରି ରିପୋର୍ଟ ଦେଇଚାଲିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସୂଚନା ମୁତାବକ ୨୦୧୫ରେ ଭାରତ ସରକାର ୪୭୪ ଜଣ ବାଂଲାଦେଶୀଙ୍କୁ ଦେଶାନ୍ତର କରିଛନ୍ତି। ୨୦୧୬ରେ ଭାରତକୁ ଆସିଥିବା ମୋଟ ବିଦେଶୀଙ୍କ ମଧ୍ୟରୁ ସର୍ବାଧିକ ୧୩ଲକ୍ଷ ୮୦ ହଜାର ୪୦୯ ଜଣ ବାଂଲାଦେଶୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଓଡ଼ିଶାରେ ରହିଛନ୍ତି। ଭିସାର ଅବଧି ସମାପ୍ତ ହୋଇଥିଲେ ମଧ୍ୟ କିଛି ଲୁଚି ଛପି ରହିଛନ୍ତି। ୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ୩୯୩୧ ଜଣ ବାଂଲାଦେଶୀ ବିନା ପାସ୍‌ପୋର୍ଟରେ ରହୁଥିଲେ। ୨୦୧୧ରେ ଏହି ସଂଖ୍ୟା କମିଥିବା ସରକାର କହୁଛନ୍ତି। ହେଲେ ବାସ୍ତବଚିତ୍ର ହେଉଛି ଭିନ୍ନ। ଏବେ ରାଜ୍ୟରେ ୪୦ ହଜାରରୁ ଅଧିକ ବାଂଲାଦେଶୀ ରହିଥିବା ସରକାରୀ ଭାବେ ଆକଳନ କରାଯାଉଛି। ବେଆଇନ ଭାବେ ରହୁଥିବା ଏହି ବାଂଲାଦେଶୀଙ୍କୁ ଓଡ଼ିଶାରୁ ତଡିବାକୁ ବିଭିନ୍ନ ମହଲରେ ଦାବି ଜୋର ଧରିଛି।

### ବ୍ରିଟିଶ ବିରୁଦ୍ଧରେ ...

ଜୀବିତ ରଖିବାକୁ ଯେକୌଣସି ବିଦେଶୀ ଶକ୍ତିକୁ ପରାଜିତ କରିପାରେ, ଏହାର ଜ୍ୱଳନ୍ତ ପ୍ରମାଣ ପାଇକ ବିଦ୍ରୋହ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ତେଣୁ ପାଇକ ବିଦ୍ରୋହକୁ ଭାରତୀୟ ଇତିହାସରେ ଇଂରେଜଙ୍କ ବିରୋଧରେ ସର୍ବପ୍ରଥମ ବିଦ୍ରୋହର ମାନ୍ୟତା ଦେବାକୁ ସେ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ପାଇକ ଜ୍ୟୋତି ନାମକ ଏକ ସ୍ମାରକ ପ୍ରତିଷ୍ଠା କରିବାକୁ ଯାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇ ଇଂରେଜ ଶାସନ କାଳରେ ଓଡ଼ିଆଙ୍କ ଅବଦାନକୁ ପୁନଶ୍ଚ ସର୍ବସମ୍ମୁଖରେ ଆଣିବାର ସମୟ ଆସିଛି ବୋଲି ଗୁରୁତ୍ୱରୋପ କରି ଉତ୍ତରପିଢି ଭାବରେ ଜାତିର ସମ୍ମାନକୁ ବିଶ୍ୱ ଦରବାରରେ ତୋଳି ଧରିବାକୁ ଆହ୍ୱାନ କରିଥିଲେ। ଶ୍ରୀ ପ୍ରଧାନ ତାଙ୍କ ଭାଷଣରେ ଜୟୀ ରାଜଗୁରୁଙ୍କଠାରୁ ଆରମ୍ଭ କରି ବକ୍ସି ଜଗବନ୍ଧୁ ଓ ତାଙ୍କ ସହଯୋଗୀଙ୍କ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିବା ସହ ଖୋର୍ଦ୍ଧା ବରୁଣେଇ ପାହାଡ଼କୁ ପାଇକଙ୍କ ଉଦ୍ଦେଶ୍ୟରେ ସ୍ମାରକୀ ଭାବରେ ପ୍ରସ୍ତୁତ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଏହି ଉତ୍ସବରେ ଯୋଗ ଦେଇ ସିପାହୀ ବିଦ୍ରୋହର ୪୦ବର୍ଷ ପୂର୍ବେ ପାଇକ ବିଦ୍ରୋହ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ଜାତିର ସମ୍ମାନକୁ ପୁନର୍ଜୀବିତ କରିବାର ସମୟ ଆସିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ସରକାର ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସର ଯେଉଁ ପୁନର୍ଲିଖନ ଆରମ୍ଭ କରିଛନ୍ତି ତାହାର ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ. ମହେଶ ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ଦିବସକୁ ପ୍ରତି ବର୍ଷ ଦୃଷ୍ଟାନ୍ତମୂଳକ ଭାବରେ ପାଳନ କରିବାର ଆବଶ୍ୟକତା ଓ ଗୁରୁତ୍ୱକୁ ଦର୍ଶାଇଥିଲେ। କାର୍ଯ୍ୟକ୍ରମରେ ପାଇକ ବିଦ୍ରୋହ ସମ୍ପର୍କିତ ଏକ ତଥ୍ୟମୂଳକ ସିନେମା ପ୍ରଦର୍ଶିତ ହୋଇଥିଲା। ବକ୍ସି ଜଗବନ୍ଧୁଙ୍କ ପରିବାରର ଷଷ୍ଠ ପିଢ଼ିର ନାତୁଣୀ ତଥା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଝିଅ ଉପାସନା ମହାପାତ୍ର ରାଷ୍ଟ୍ରପତି ଶ୍ରୀ ମୁଖାର୍ଜୀଙ୍କୁ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ । ଉତ୍ସବରେ ରାଜ୍ୟର ପ୍ରାୟତଃ ସାଂସଦ ଓ ବରିଷ୍ଠ ଅଧିକାରୀ ଓ କେତେକ ବିଧାୟକ ଉପସ୍ଥିତ ଥିଲେ।

### ଅଡୁଆରେ ...

ଏବେ ରାଜମହଲ ଛକଠାରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତାର ଫୁଟ୍‌ପାଥ୍ ଜବରଦଖଲକାରୀଙ୍କ କବ୍‌ଜାରେ। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଗାଡି ଚଳାଚଳ କଷ୍ଟକର ବ୍ୟାପାର। ରାସ୍ତାସାରା ଜବରଦଖଲକାରୀଙ୍କ ଅସଂଖ୍ୟ ଦୋକାନ। ଲୋକେ ରାସ୍ତା କଡରେ ଗାଡିମୋଟର ରଖି କିଣାକିଣି କରିବାରୁ ଘୋର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଦିନକୁ ଦିନ ଦୁର୍ଘଟଣା ବଢୁଛି। ସେହିଭଳି ରାଜଭବନ ଛକଠାରୁ ଶିରିପୁର ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପଟ ଜବରଦଖଲକାରୀ ମାଡି ବସିଛନ୍ତି। ଗୋପବନ୍ଧୁ ଛକଠାରୁ ସୌଭାଗ୍ୟନଗର ରାସ୍ତାର ଉଭୟ ପଟେ ଅନେକ ବେଆଇନ ଦୋକାନ ବଜାର ଗଢ଼ିଉଠିଛି। ଜୟଦେବ ବିହାରଠାରୁ ପଟିଆ ଛକ ଯାଏ ମଧ୍ୟ ଜବରଦଖଲକାରୀଙ୍କ ସାମ୍ରାଜ୍ୟ ବଢ଼ିଚାଲିଛି। ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ସବୁ ଦେଖୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପଛଘୁଞ୍ଚା। ଏଭଳି ସ୍ଥିତିରେ ବେଆଇନ୍ ଜବରଦଖଲ ଯୋଗୁ ଚିନ୍ତାରେ ଥିବା ରାଜଧାନୀର ଜଣେ ପ୍ରଧାନମନ୍ତ୍ରୀଙ୍କ ଦପ୍ତରକୁ ଗତ ଜାନୁଆରୀ ମାସରେ ଚିଠି ଲେଖି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ବିଳମ୍ବରେ ହେଉପଛେ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଏହି ଘଟଣାରେ ହସ୍ତକ୍ଷେପ କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଠାରୁ ଜବାବ ମାଗିଥିବା ଜଣାପଡିଛି।

### ଲାଞ୍ଚ ମାଗିଲେ ...

ପ୍ରାୟ ୮୬ ଲକ୍ଷ ସରକାରୀ ଟଙ୍କା ହେରଫେର ନେଇ ୪୨ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ୪ ଜଣ ଗ୍ରାମ ପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟ, ୪ଜଣ କନିଷ୍ଠ ଯନ୍ତ୍ରୀ, ଜଣେ ସ୍କୁଲ ଏସଆଇ, ଜଣେ ପୋଗ୍ରେସିଭ ଆସିଷ୍ଟାଣ୍ଟ, ୨ଜଣ ୱେଲଫେୟାର ଏକ୍ସଟେନସନ ଅଫିସରଙ୍କ ନାମରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଆଉ ୭୬ ମାମଲାରେ ତଦନ୍ତ ଚାଲିଥିବାବେଳେ ୪୮ ଗୁପ୍ତ ସୂଚନା ଅନୁସାରେ ଖୋଳତାଡ ଚାଲିଥିବା ନିର୍ଦ୍ଦେଶକ ଶ୍ରୀ ଶର୍ମା କହିଛନ୍ତି।

### ବିକାଶ ପ୍ରସଙ୍ଗରେ ...

ଏଥିପାଇଁ ରାଜ୍ୟସରକାରଙ୍କ ଗଠନମୂଳକ ଭୂମିକା ଜରୁରୀ ବୋଲି ଶ୍ରୀ ଗଡ଼କାରୀ କହିଥିଲେ। ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ କହିଲେ, ରାଜନୈତିକ ତିକ୍ତତା ଯୋଗୁଁ ବିକାଶ ଆଗକୁ ବଢ଼ି ପାରୁନାହିଁ। ଯେଉଁ କଂଗ୍ରେସ ସେତୁକୁ ନେଇ ଏତେବଡ଼ବଡ଼ କଥା କହୁଛି, ତାଙ୍କ ସରକାର ଶାସନରେ ଥିବା ବେଳେ ଜିଲାପାଇଁ ସେମାନେ କଣ କରିଛନ୍ତି, ତା'ର ଜବାବ ରଖିବା ଉଚିତ। ଆଜିର ଦ୍ୱିତୀୟ ବ୍ରାହ୍ମଣୀସେତୁ ସହ ଜାତୀୟ ରାଜପଥର ଶିଳାନ୍ୟାସ ବିକାଶ ପାଇଁ ପ୍ରଶସ୍ତ ପଥ ସୃଷ୍ଟି କରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ତଥା ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ଭାରତର ପୂର୍ବାଞ୍ଚଳର ବିକାଶ ପାଇଁ ନରେନ୍ଦ୍ର ମୋଦିଙ୍କ ସରକାର ବଦ୍ଧପରିକର। ୩ବର୍ଷ ଭିତରେ ବିକାଶର ଏକ ନୂଆ କୀର୍ତିମାନ ସ୍ଥାପନ ହୋଇଛି। ରାଜ୍ୟସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିଥିଲେ ଧର୍ମେନ୍ଦ୍ର। ସୁନ୍ଦରଗଡ଼ ଭଳି ଖଣିଖାଦାନ ଜିଲାର ରୟାଲଟି ପାଉଥିଲେ ରାଜ୍ୟ ସରକାର। ମୋଦି ସରକାର କ୍ଷମତାକୁ ଆସିବା ପରେ ଏହାର ଢାଞ୍ଚାଗତ ପରିବର୍ତ୍ତନ କଲେ। ତଦନୁଯାୟୀ, ଜିଲାରେ ଥିବା ଖଣିଖାଦାନର ରୟାଲଟି ସମ୍ପୃକ୍ତ ଜିଲ୍ଲାର ଜନସାଧାରଣଙ୍କ ବିକାଶ ପାଇଁ ବିନିଯୋଗ ହେବ। ଏହି କ୍ରମରେ ସୁନ୍ଦରଗଡ଼ ଜିଲାବାସୀଙ୍କ ପାଇଁ ୧୧ଶହ କୋଟି ଟଙ୍କା ଆସିଛି। ହେଲେ ଏହି ଟଙ୍କା ଜିଲାବାସୀଙ୍କ ବିକାଶରେ କିପରି ବିନିଯୋଗ ହୋଇଛି, ରାଜ୍ୟସରକାର ତା'ର ଉତ୍ତର ଦେବା ଉଚିତ। ଓଡ଼ିଶାର ଖଣି, ଇସ୍ପାତ ଓ ଶକ୍ତିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀଙ୍କ ପତ୍ର, ବିଧାୟକ ଦିଲୀପ ରାୟଙ୍କ ଉଦ୍ୟମ ଯୋଗୁଁ ଏହି ସେତୁ ପ୍ରତିଷ୍ଠା ସାକାର ରୂପ ନେଇଛି ବୋଲି କହିଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହା ଶେଷ ହେବା ପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ବିଧାୟକ ଦିଲୀପ ରାୟ ଅଭିଭାଷଣ ରଖି ଜିଲାବାସୀଙ୍କର ୧୦ ବର୍ଷର ସ୍ୱପ୍ନ ବାସ୍ତବରୂପ ନେଇଛି ବୋଲି କହିଥିଲେ। ପୂର୍ବରୁ କେନ୍ଦ୍ର ସରକାରଙ୍କ ଅମୃତ ଯୋଜନାରେ ସହରକୁ ପାନୀୟ ଜଳର ବିକାଶ ପାଇଁ ୧୨୮କୋଟି ଟଙ୍କା ମିଳିଛି। ସ୍ମାର୍ଟସିଟିର ବିକାଶ ପାଇଁ କେନ୍ଦ୍ର ସରକାର ଦେଇଥିବା ୫୬୦ କୋଟି ଟଙ୍କା ଏବେ ମହାନଗରନିଗମ ନିଜ ପାଖରେ ରଖି ଖର୍ଚ୍ଚ କରି ପାରିନାହିଁ। ପାସପୋର୍ଟ ଅଫିସ ଖୋଲିବା ପରେ ୩ରୁ ୪ମାସ ମଧ୍ୟରେ ୪ ହଜାର ଲୋକ ଉପକୃତ ହୋଇପାରିଛନ୍ତି। ଉଡ଼ାନ୍ ଯୋଜନାରେ ଆଗାମୀ ସେପ୍ଟେମ୍ବର ମାସବଳେକୁ ରାଉରକେଲାରୁ କଲକତା ଓ ଭୁବନେଶ୍ୱରକୁ ବିମାନ ଉଡ଼ିବ। ରଘୁନାଥପାଲୀ ବିଧାୟକ ତଥା ଜିଲା ଯୋଜନାବୋର୍ଡ଼ ଅଧ୍ୟକ୍ଷ ସୁବ୍ରତ ତରାଇ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଇଜିଏଚକୁ ସୁପର ସ୍ପେସିଆଲିଟି ହସପିଟାଲ ପାଇଁ ସେ ଦାବି କରିଥିଲେ। ପ୍ରାରମ୍ଭରେ ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣର ମୁଖ୍ୟଯନ୍ତ୍ରୀ ଆର.କେ. ପାଣ୍ଡେ ସ୍ୱାଗତ ଭାଷଣ, ପ୍ରାଧିକରଣର ଓଡ଼ିଶାମୁଖ୍ୟ ତଥା ମହାପ୍ରବନ୍ଧକ ଧର୍ମାନନ୍ଦ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ବସନ୍ତ ପଣ୍ଡା, ବିଧାୟିକା ରାଧାରାଣୀ ପଣ୍ଡା, ଜିଲା ବିଜେପି ସଭାପତି ଜଗବନ୍ଧୁ ବେହେରା, ରାଜ୍ୟ ବିଜେଡ଼ି ସମ୍ପାଦକ ଆନନ୍ଦଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ମଞ୍ଚାସୀନ ଥିଲେ। ଅନ୍ୟପକ୍ଷରେ ବିକାଶ କାର୍ଯ୍ୟରେ ରାଜନୀତି କରାଯିବନାହିଁ ବୋଲି ଶ୍ରୀ ଗଡ଼କରୀ ଶୁକ୍ରବାର ଅନଗୁଳଠାରେ ଅନ୍ୟ ଏକ ଜାତୀୟ ରାଜପଥ ସମ୍ପ୍ରସାରଣ ଭୂମି ପୂଜନ ଉତ୍ସବରେ ଯୋଗ ଦେଇ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟରେ ଏକ ଲଜିଷ୍ଟିକ୍ ପାର୍କ ନିର୍ମାଣ କରାଯିବ। ରାଜ୍ୟ ସରକାର ଜମି ଯୋଗାଇଦେଲେ ଏହା କରାଯାଇପାରିବ। ଓଡ଼ିଶାର ଦାରିଦ୍ର୍ୟ ହ୍ରାସ ଉଦ୍ୟୋଗ ପ୍ରତିଷ୍ଠା ଓ ରୋଜଗାର ସୃଷ୍ଟି ଉପରେ ନିର୍ଭର କରୁଛି। ଦେଶର ୧୧୧ ନଦୀକୁ ଜଳମାର୍ଗରେ ରୂପାନ୍ତରିତ କରାଯିବ ବୋଲି ସେ କହିଛନ୍ତି। ବ୍ରାହ୍ମଣୀ ନଦୀରେ ଜଳମାର୍ଗ ନିର୍ମାଣ କରାଯାଇ ତାଳଚେର-ପାରାଦୀପ ସହ ଜଳଭାଗରେ ଯାତାୟତ କାର୍ଯ୍ୟର ଶୁଭାରମ୍ଭ ଖୁବ୍‌ଶୀଘ୍ର ହେବ। ଗତବର୍ଷ ୧୨ଟି ପ୍ରମୁଖ ବନ୍ଦରରୁ ସରକାର ୫ ହଜାର କୋଟି ଟଙ୍କା ଲାଭ କରିଛନ୍ତି। ସଡ଼କରେ ଦେଢ଼ ଟଙ୍କା, ରେଳରେ ୧ ଟଙ୍କା ଓ ସବୁଠାରୁ ଶସ୍ତା ଜଳପଥରେ ମାତ୍ର ୨୦ପଇସା ପରିବହନ ଖର୍ଚ୍ଚ ହେଉଥିବାର ଉଦାହରଣ ଦେଇ ଜଳପଥ ପରିବହନ ଓ ଯାତାୟତର ଗୁରୁତ୍ୱ ରହିଥିବା ଗଡ଼କରି କହିଛନ୍ତି। ୧୭ ବର୍ଷରେ ଯେଉଁ ଜାତୀୟ ରାଜପଥ ନିର୍ମାଣ ହୋଇପାରିନଥିଲା ତାହା ଏନ୍‌ଡିଏ ସରକାରର ୩ ବର୍ଷରେ ହାସଲ ହୋଇପାରିଛି। ୭ ହଜାର କିମି ଜାତୀୟ ରାଜପଥ ନିର୍ମାଣ ଅନୁମତି ପ୍ରଦାନ କରାଯାଇସାରିଛି। ସେହପିର ବନ୍ଦର ଓ ରେଲୱେର ସଂଯୋଗୀକରଣ ପାଇଁ ୪ ହଜାର କୋଟି ଟଙ୍କା ବ୍ୟୟ ଯୋଜନା ହୋଇଛି। ତାଳଚେରରୁ ପାରାଦ୍ୱୀପ ପର୍ଯ୍ୟନ୍ତ ରେଳ ଯୋଗାଯୋଗ ବ୍ୟବସ୍ଥା , ଭୁବନେଶ୍ୱର-ଆଠଗଡ଼-ମହୀଧରପୁର ରାସ୍ତାକୁ ଜାତୀୟ ରାଜପଥ ପର୍ଯ୍ୟାୟଭୁକ୍ତ, ଖଡ଼୍‌ଗପ୍ରସାଦ-କେଉଁଝର ରାସ୍ତାକୁ ଜାତୀୟ ରାଜପଥ ଘୋଷଣା କରିବା ଆଦି ବିଷୟ ଧର୍ମେନ୍ଦ୍ର ପ୍ରକାଶ କରି ସକରାତ୍ମକ ନିଷ୍ପତ୍ତି ନେବାକୁ ମନ୍ତ୍ରୀ ଗଡ଼କରିଙ୍କୁ ଅନୁରୋଧ କରିଥିଲେ।

### ଏସ୍‌ଇବିସି ...

ଏଥିରେ ଅନୁସୂଚିତ ବର୍ଗଙ୍କ ପାଇଁ ସଂରକ୍ଷଣ ୧୬.୨୫% ଥିବା ବେଳେ ଅନୁସୂଚିତ ଜନଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷଣ ଥିଲା ୨୨.୫ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ନିମନ୍ତେ ସଂରକ୍ଷଣ ଥିଲା ୨୭ ପ୍ରତିଶତ। ଏହି ବିଜ୍ଞପ୍ତିରେ ସଂରକ୍ଷର ପରିମାଣ ମୋଟ୍ ୬୫.୭୫% ଥିଲା। ରାଜ୍ୟ ସରକାରଙ୍କ ଏପରି ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଅମର କୁମାର ଛାଟୋଇ ନାମକ ଜଣେ ଆବେଦନକାରୀ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ସୁପ୍ରିମ୍‌କୋର୍ଟ ଆଦେଶ ମୁତାବକ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ହେବନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶନାମା ଥିବା ବେଳେ ରାଜ୍ୟ ସରକାର ଏହାର ଉଲ୍ଲଙ୍ଘନ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ସଂରକ୍ଷଣ ପ୍ରସଙ୍ଗରେ ଅନୁସୂଚିତ ବର୍ଗଙ୍କ ପାଇଁ ସଂରକ୍ଷଣ ୧୫% ରଖିଥିବା ବେଳେ ଅନୁସୂଚିତ ଜନଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷଣ ୭% ରଖିଛନ୍ତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ନିମେନ୍ତ ୨୭% ସଂରକ୍ଷଣ ରଖିଛନ୍ତି। ସମୁଦାୟ ସଂରକ୍ଷଣ ବ୍ୟବସ୍ଥା ୪୯% ହେଉଥିବା ବେଳେ ରାଜ୍ୟ ସରକାରଙ୍କ ପ୍ରକାଶିତ ବିଜ୍ଞପ୍ତିରେ ସଂରକ୍ଷର ୬୫.୭% ଛୁଇଁଥିଲା। ତେବେ ସ୍ୟାଟ୍‌ଙ୍କ ଆଦେଶ ଆଧାରରେ ରାଜ୍ୟ ସରକାର ପ୍ରକାଶିତ ବିଜ୍ଞପ୍ତିରେ ସଂଶୋଧନ ଆଣିଥିବା ବେଳେ ସଂରକ୍ଷଣ ଆଇନ୍‌ରେ ସଂଶୋଧନ ଆଣିନଥିଲେ। ଏହା ପରେ ରାଜ୍ୟ ସରକାର ସ୍ୟାଟ୍‌ଙ୍କ ଏହି ରାୟ ବିରୋଧରେ ଗତ ୨୦୧୪ ମସିହାରେ ହାଇକୋର୍ଟରେ ଆବେଦନ କରିଥିଲେ। ଏହା ଉପରେ ଶୁଣାଣି କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି।

### ସେତୁ ସରିଲା ...

ମହାନଦୀକୁ ନେଇ କେନ୍ଦ୍ର, ରାଜ୍ୟ ଓ ଛତିଶଗଡ଼ ସରକାରଙ୍କ ମଧ୍ୟରେ ଜଳଯୁଦ୍ଧ ଚାଲିଥିବା ବେଳେ ଓଡ଼ିଶା ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ମହାନଦୀ ଗୋଳିଆପାଣିରୁ ଜାତୀୟ ଦଳ ବିଜେପି ବିଶେଷ ରାଜନୈତିକ ଫାଇଦା ହାସଲ କରିଥିବା ବେଳେ ଓଡ଼ିଆ ଲୋକେ କିନ୍ତୁ କ୍ଷତିଗ୍ରସ୍ତ ହୋଇଚାଲିଛନ୍ତି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ବେଆଇନ ଭାବେ ଏକାଧିକ ପ୍ରକଳ୍ପ ନିର୍ମାଣ କରିଥିବାରୁ ବର୍ଷା ଦିନରେ ବି ଏବେ ମହାନଦୀ ଶୁଖିଲା ପଡ଼ିଛି। ପୂର୍ବରୁ କଟକର ତ୍ରିଶୁଳିଆଠାରେ ଯେଉଁସ୍ଥାନରେ ପ୍ରବଳ ବନ୍ୟା ଆସୁଥିଲା, ଲୋକେ ହନ୍ତସନ୍ତ ହେଉଥିଲେ; ସେହି ସ୍ଥାନରେ ରାଜ୍ୟ ସରକାର ଯୋଜନା କରି ରାଜ୍ୟର ଦୀର୍ଘତମ ପୋଲ ନିର୍ମାଣ କରିଛନ୍ତି। ମାତ୍ର ଏବେ ସେହି ଜାଗାରେ ପାଣିର ଦେଖାନାହିଁ।

କାହିଁ କେଉଁ ଯୁଗରୁ ମହାନଦୀ ଓଡ଼ିଶାର ଲାଇଫ୍‌ଲାଇନ୍ ଭାବେ ଜଣାଶୁଣା। ମହାନଦୀ ଯୋଗୁଁ ଓଡ଼ିଶାର ସୃଷ୍ଟି। ଏହି ନଦୀର ଜଳରେ ଓଡ଼ିଶା ହୋଇଆସିଛି ସୁଜଳା ସୁଫଳା। ମାତ୍ର ଛତିଶଗଡ଼ର ଦାଦାଗିରି ଯୋଗୁଁ ଏବେ ରାଜ୍ୟ ପ୍ରତି ବିପଦ ସୃଷ୍ଟି ହୋଇଛି। କୁହାଯାଏ ଯେ ବେଙ୍ଗ ମୁତିଲେ କଟରେ ବନ୍ୟା। ଅର୍ଥାତ୍ ମହାନଦୀ କୂଳରେ ଅବସ୍ଥାପିତ ଥିବାରୁ ସାମାନ୍ୟ ବର୍ଷାରେ ବି କଟକରେ ବନ୍ୟା ପରିସ୍ଥିତି ଉପୁଜିଥାଏ। ଫଳରେ ତ୍ରିଶୁଳିଆ ନିକଟରେ ମହାନଦୀରେ ବର୍ଷାଦିନେ ପ୍ରବଳ ବନ୍ୟା ଆସିବା ଯୋଗୁଁ ଡଙ୍ଗା ଚଳାଚଳ ବି ହୋଇପାରେ ନାହିଁ। ସେଥିପାଇଁ ରାଜ୍ୟ ସରକାର ଟ୍ୱିନ୍‌ସିଟି କଟକ ଓ ଭୁବଶ୍ୱେରକୁ ଆଉଟିକେ ଯୋଡ଼ିବା ପାଇଁ ଏଠାରେ ରାଜ୍ୟର ଦୀର୍ଘତମ ସେତୁ ନିର୍ମାଣର ଯୋଜନା କରିଥିଲେ। ଯୋଜନା କାର୍ଯ୍ୟକାରୀ ହେଲା। ସେତୁ ତିଆରି ସରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ବି ହେଲା। ମାତ୍ର ଉଦ୍‌ଘାଟନ ହେଲା ବେଳକୁ ନଇ ଶୁଖିଲା। ନିନ୍ଦୁକମାନେ ଏହାକୁ ଦେଖି କହିଲେ ଯେ ଯଦି ମହାନଦୀ ଶୁଖିଲା, ତେବେ ଏତେବଡ଼ ବ୍ୟୟବରାଦରେ ଏତେବଡ଼ ସେତୁର କ'ଣ ଆବଶ୍ୟକ ଥିଲା? ନଦୀ ଭିତରେ କେବଳ ଗୋଟିଏ ଚଉଡ଼ା ପିଚୁରାସ୍ତା ନିର୍ମାଣ କରିଥିଲେ ତ କଥା ସରିଥିଲା! ଅବଶ୍ୟ ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ, ମାତ୍ର ଏକଥାରେ ବି ଦମ୍ ଅଛି। କାରଣ ଯଦି ନଦୀରେ ଜଳ ନାହିଁ, ତେବେ ସେତୁ କ'ଣ ପାଇଁ?

ତେବେ ଆଜିର ଏ ଅବସ୍ଥା ପାଇଁ ଦାୟୀ କିଏ? ରାଜନୈତିକ ଦଳମାନେ ଦଳୀୟ ଫାଇଦା ପାଇଁ ବାକ୍ୟବାଣ ଚଳାଇଥିବା ବେଳେ ଅସଲ କଥାଠାରୁ ସଭିଏଁ ଦୂରେଇ ଯାଇଛନ୍ତି। କେହି କେହି କହୁଛନ୍ତି ଯେ ୨୦୧୯ ସାଧାରଣ ନିର୍ବାଚନକୁ ନଜରରେ ରଖି ବିଜେପିର ଏହା ଚାଲ୍। ଉପରମୁଣ୍ଡରେ ଡାହାଣି ହୋଇ ଲାଗି ତଳମୁଣ୍ଡରେ ଗୁଣିଆ ହେବାକୁ ଚେଷ୍ଟା କରୁଛି। ସେପଟେ ଛତିଶଗଡ଼ରେ ଥିବା ବିଜେପି ସରକାର ବଳରେ ମହାନଦୀ ପାଣି ଅଟକାଇ ରାଜ୍ୟରେ ବିଜେଡି ସରକାର ଉପରେ ଚାପ ସୃଷ୍ଟି କରିବା ସହ ଜନମତ ଉପରେ ପ୍ରଭାବ ପକାଇବା ପାଇଁ ଚେଷ୍ଟା କରୁଛି। ଯଦି ଏହା ସତ ହୁଏ, ତେବେ ଭୟଙ୍କର। ଛତିଶଗଡ଼ର ବାହୁବଳରେ ଓଡ଼ିଶା ଦଖଲ ଚିନ୍ତାରେ ଯଦି ବିଜେପି ଥାଏ ଏବଂ ଦଖଲ କରିନିଏ ମଧ୍ୟ, ତେବେ ବି ରହିଛି ଅନେକ ଅସୁବିଧା। କାରଣ ବିପେି ହୁଏତ ନଜରରେ ରଖିଛି ଯେ ଦଳ ଓଡ଼ିଶା ଗାଦିକୁ ଫେରିବା ପରେ କେନ୍ଦ୍ର ସରକାରଙ୍କ ସହାୟତାରେ ଛତିଶଗଡ଼ ସରକାରଙ୍କୁ ଚାପ ପକାଇ କିଛି ପ୍ରକଳ୍ପ ବନ୍ଦ କରିଦେବ ଏବଂ ୧୯ ବର୍ଷରେ ବିଜେଡି ଯାହା କରିପାରି ନ ଥିଲା, ତାହା କରି ବାହାବା ନେବା ଚକ୍କରରେ ରହିଛି। କାରଣ ନିର୍ବାଚନ ସବୁବେଳେ ଅନିଶ୍ଚିତ। କିଏ ଜାଣେ, ହୁଏତ ୨୦୧୯ ନିର୍ବାଚନରେ ଉଭୟ କେନ୍ଦ୍ର ଓ ଛତିଶଗଡ଼ରେ ବିଜେପି ବଦଳରେ ଅନ୍ୟ କୌଣସି ସରକାର ଯଦି କ୍ଷମତାକୁ ଆସିଯାଏ, ତେବେ ଏବେ ଚାଲୁଥିବା ପ୍ରକଳ୍ପଗୁଡ଼ିକୁ ହୁଏତ ସେତେବେଳର ସରକାର ଆଉ ବନ୍ଦ କରିବ ନାହିଁ। ଏପଟେ ଓଡ଼ିଶାରେ ବିଜେଡି ଅବା ବିଜେପି ଯେ କେହି ବି ଶାସନଗାଦିରେ ବସିଲେ ବି ମହାନଦୀକୁ ଓଦା କରିପାରିବେ ନାହିଁ। ଏହାଦ୍ୱାରା ଓଡ଼ିଶା ରାଜ୍ୟେ ଜଳ ବିନା ଏହାର ସତ୍ତା ହରାଇବାର ଭୟଙ୍କର ଆଶଙ୍କା ଦେଖାଦେଇଛି। ନଅଙ୍କ ଦୁର୍ଭିକ୍ଷଠାରୁ ଆହୁରି ଭୟଙ୍କର ପରିସ୍ଥିତି ହୁଏତ ସାମ୍ନା କରିବାକୁ ପଡ଼ିପାରେ ଓଡ଼ିଶାକୁ। ତେଣୁ ଉଭୟ ବିଜେଡି ଓ ବିଜେପି ବେଳ ହୁଁ ସାବଧାନ ହୋଇଯିବା ଉଚିତ। ପ୍ରଥମେ ମହାନଦୀକୁ ପାଣି ଦରକାର ପରେ ସେତୁ। ନଚେତ ଆଗାମୀ ଦିନରେ ନା ଥିବ ରାଜ୍ୟ, ନା ରାଜ୍ୟରେ ସରକାର...।



# ଆତ୍ମସନ୍ତୋଷ ପାଇଁ ଅଭିନୟ ସୁମନ୍

**କ**ଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ଏକ ଛୋଟିଆ ଗାଁରେ ଜନ୍ମିତ **ସରସ୍ୱତୀ ଦାଶ** ଓଡ଼ିଆ ଟେଲି ଦୁନିଆରେ 'ସୁମନ୍' ନାଁରେ ବେଶ୍ ପରିଚିତ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷାଲାଭ ସହ ସେ ଭାରତୀୟ ଏକାଡେମୀରୁ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଛନ୍ତି। ଉଚ୍ଚଶିକ୍ଷିତା ହୋଇ ମଧ୍ୟ ପିଲାଟି ଦିନୁ କଳା ପ୍ରତି ଥିବା ନିଜର ଦୁର୍ବଳତାକୁ ଭୁଲିପାରିନାହାନ୍ତି। ଅର୍ଥ ପାଇଁ ଚାକିରୀ ପଛରେ ନଧାଇଁ ସେ ଅଭିନୟ ଜଗତକୁ ନିଜର ସ୍ୱପ୍ନର ଦୁନିଆଁ ବୋଲି ଭାବିନେଇଛନ୍ତି। ତାଙ୍କ ମାମୁଁଙ୍କ ପ୍ରେରଣାରେ ପ୍ରଥମ କରି ସେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରେ ଜଣେ ଉପସ୍ଥାପିକା ଭାବେ ଛୋଟ ପରଦାରେ ମୁହଁ ଦେଖାଇଥିଲେ। ଏହାପରେ ଆଉ ପଛକୁ ଫେରି ଚାହିଁନାହାନ୍ତି ସୁମନ୍। ସେଇ ଛୋଟ ପରଦାରେ ହିଁ ସେ ନିଜ ଅଭିନୟର ଯାଦୁ ଦେଖାଇ ଚାଲିଛନ୍ତି। ୮ ବର୍ଷ ତଳେ ଏକ ହାସ୍ୟରସାତ୍ମକ ଧାରାବାହିକରେ ପୋଲିସ ସବ୍‌ଇନିସ୍ପେକ୍ଟରର ଭୂମିକାରେ ଅଭିନୟ କରି ଟେଲି ଦୁନିଆରେ ପାଦ ଥାପିଥିଲେ। ଯାହା ଦୂରଦର୍ଶନରେ ପ୍ରସାରିତ ହୋଇଥିଲା। ସୁମନ୍ ଦୂରଦର୍ଶନରେ ପ୍ରସାରିତ ହାଏରେ ଦୁନିଆ, ଗୌରୀ, କଞ୍ଜୁସ ମଖିଚୁସ୍, କିଛି କହିହେବନି ଓ ମୁଁ ଗୋଟେ ଦୁଷ୍ଟପିଲା ଭଳି ଧାରାବାହିକରେ ସଫଳ ଅଭିନୟ କରି ଦର୍ଶକଙ୍କ ମନ ମୋହିପାରିଛନ୍ତି।

ପରେ ପରେ ସେ ଅନେକ ଟେଲିସିରିୟଲରେ ଅଭିନୟ କରି କଳା ପ୍ରତି ନିଜର ସମର୍ପିତ ଭାବନାକୁ ପରିପ୍ରକାଶ କରିବା ଦିଗରେ ପ୍ରୟାସ ରଖିଛନ୍ତି। ସଂପ୍ରତି ପ୍ରସନ୍‌ଜିତ ହରିଚନ୍ଦନଙ୍କ ପ୍ରଯୋଜନାରେ ସୁଟିଂ ଚାଲିଥିବା ମେଗାଧାରାବାହିକ 'ବାଇଚଢ଼େଇ'ରେ ସେ ଅଭିନୟ କରୁଛନ୍ତି। ଯାହାର ସୁଟିଂ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ସେ ମୁଖ୍ୟ ଚରିତ୍ରରେ, ସେ ହିଁ ବାଇଚଢ଼େଇ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ପୋଖତ ଟେଲିଫିଲ୍ମ ନିର୍ଦ୍ଦେଶକ ଅଶୋକ ଦାସ। ଏହି ସିରିୟଲରେ ବର୍ଷିୟାନ୍ ଅଭିନେତା ଅସିତ୍ ପତି, ବ୍ରଜ ସିଂ, ବାବୁ ପ୍ରଧାନ, ବରିଷ୍ଠ ଅଭିନେତ୍ରୀ ପୁଷ୍ପା ପଣ୍ଡାଙ୍କ ସମେତ ବହୁ ନାମୀ କଳାକାର ଅଭିନୟ କରୁଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଚିତ୍ରତାରକା ଅଶ୍ରୁମୋଚନ ମହାନ୍ତି ମଧ୍ୟ ଏଥିରେ ଏକ ସ୍ୱତନ୍ତ୍ର ଭୂମିକାରେ ଅଛନ୍ତି। କେବଳ ଏତିକିରେ ସରିନାହିଁ ସୁମନ୍‌ଙ୍କ କଥା। ଏବେ ସେ ବଡ଼ ପରଦାରେ ପାଦ ଥାପିବାକୁ ଯାଉଛନ୍ତି। ତାଙ୍କ ଅଭିନୀତ ଓଡ଼ିଆ ସିନେମା 'ଲଭ୍‌ରେସ୍' ଖୁବଶୀଘ୍ର ମୁକ୍ତିଲାଭ କରିବ। ଯେଉଁଥିରେ ସେ ଜଣେ ଦକ୍ଷ ପୋଲିସ ଅଫିସର ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଏହାସହିତ ଆଗାମୀ ଦିନରେ ହାଏ ହାଏରେ ମୋଦି, ଟିକେ ଚିହ୍ନା ଟିକେ ଅଚିହ୍ନା ଧାରାବାହିକରେ ମଧ୍ୟ ଅଭିନୟ କରୁଛନ୍ତି। ସୁଟିଂସେଟ୍‌ରେ ସବୁବେଳେ ବ୍ୟସ୍ତ ସୁମନ୍‌ଙ୍କ ସହ 'ଏକମାତ୍ର'ର ଅଳ୍ପଆଳାପ...।





**ଉଚ୍ଚଶିକ୍ଷିତା ହୋଇଥିଲେ ମଧ୍ୟ ଆପଣ ଚାକିରୀ ବାକିରି ନକରି ଅଭିନୟ ପ୍ରତି କାହିଁକି ଓ କେବେଠାରୁ ମନ ବଳାଇଲେ ?**

ସ୍କୁଲରେ ପଢ଼ିଲା ବେଳେ ଗାଁରେ ହେଉଥିବା ବିଭିନ୍ନ ନାଟ, ସୁଆଙ୍ଗ ଓ ସଂଗୀତ କାର୍ଯ୍ୟକ୍ରମ ଦେଖି ଦେଖି ଏଥିପ୍ରତି ମୋ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ଏହାବାଦ୍ ଟିଭିରେ ପ୍ରସାରିତ ଧାରାବାହିକ ହିଁ ମୋତେ ଏଥିପାଇଁ ଯଥେଷ୍ଟ ପ୍ରେରଣା ଦେଇଛି। ତେଣୁ ସବୁବେଳେ ମନ ଭିତରେ ଅଭିନୟର ମୋହ ମୋତେ ବିଚଳିତ କରୁଥିଲା। ପରଦାରେ ମୁହଁ ଦେଖାଇବାର ଆନନ୍ଦ ମୋ ଭିତରର ଦୁର୍ବଳତାକୁ ଦ୍ୱିଗୁଣିତ କରୁଥିଲା। ପରିବାରର କଟକଣା ସତ୍ତ୍ୱେ ମୋ ମାମୁଁ ପ୍ରଭାସ ଆଚାର୍ଯ୍ୟ, ଯିଏକି ଜଣେ ଲେଖକ ଓ ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତି, ସେ ହିଁ ମୋତେ ଅଧିକ ପ୍ରେରଣା ଦେଇଥିଲେ।

**ପ୍ରଥମଥର ପରଦାରେ ମୁହଁ ଦେଖାଇବାର ସୁଯୋଗ କେବେ ଓ କେମିତି ପାଇଥିଲେ ?**

ଆଠବର୍ଷ ତଳେ ଭୁବନେଶ୍ୱର ଦୂରଦର୍ଶନରେ ଜଣେ ଉପସ୍ଥାପିକା ହେବାର ସୌଭାଗ୍ୟ ପାଇଥିଲି। ସେତେବେଳେ ମୋର ଖୁସିକୁ ଭାଷାରେ କହିବା ସମ୍ଭବ ନୁହେଁ, ବହୁତ ଖୁସି ଲାଗିଥିଲା ସେଦିନ।

**ସୁଟିଂସେଟ୍‌ରେ ସହକଳାକାରଙ୍କ ସହ କେମିତି ଅନୁଭବ କରନ୍ତି ଏବଂ ଆପଣଙ୍କ ପ୍ରତି ସେମାନଙ୍କର ବ୍ୟବହାର କିଭଳି ମନେହୁଏ ?**

ସୁଟିଂ ଚାଲିଲା ବେଳେ ମୋତେ ବହୁତ ଖୁସି ଲାଗେ। କଷ୍ଟ ଲାଗିଲେ ବି ସହକଳାକାରମାନଙ୍କ ସହଯୋଗ, ଆଶ୍ୱାସନା ଆଗକୁ ବଢ଼ିବାର ପ୍ରେରଣା ଦିଏ। ବରିଷ୍ଠ କଳାକାରମାନେ ମଧ୍ୟ ଏ ଦିଗରେ ଆଗକୁ ବଢ଼ିବା ପାଇଁ ମୋତେ ଯଥେଷ୍ଟ ପ୍ରେରଣା ଦେଇଛନ୍ତି। ଏଇ ଯେମିତି 'ବାଇଚଢ଼େଇ' ସୁଟିଂସେଟ୍‌ରେ ଅଶ୍ରୁଭାଇ (ଅଶ୍ରୁମୋଚନ), ପୁଷ୍ପା ପଣ୍ଡା ଓ ଅସିତ ପତିଙ୍କ ଭଳି ବିଶିଷ୍ଟ ଚିତ୍ରାଭିନେତାମାନେ ମୋତେ ବାଟ କଢ଼ାଇ ନେଉଛନ୍ତି। ତାହା ମୋ ପାଇଁ ଗୌରବ ନିଶ୍ଚୟ। ଦୁଷ୍ମନ୍ତ ପଣ୍ଡା, ବାବୁ ପ୍ରଧାନ ଓ ବ୍ରଜ ସିଂଙ୍କ ପରି କଳାକାରମାନେ ମୋତେ ପରିବାର ଲୋକଙ୍କ ପରି ମନେହୁଅନ୍ତି। ପ୍ରକୃତରେ ପୁରା ସୁଟିଂ ସେଟ୍‌ଟି ମୋତେ ମୋ' ଘର ଭଳି ଅନୁଭବ ହୁଏ। ସେଠାରେ ଥିବାବେଳେ ମୁଁ ନିଜକୁ ବେଶ୍ ସହଜ ଓ ସୁରକ୍ଷିତ ମନେକରିଥାଏ।

**ଚଳଚ୍ଚିତ୍ର ଓ ଟେଲି ଧାରାବାହିକରେ ଅଭିନୟ ମଧ୍ୟରେ କି ପାର୍ଥକ୍ୟ ଅନୁଭବ କରନ୍ତି ?**

ଅଭିନୟ କରିବା ସବୁଠି ସମାନ। ସିନେମା ହେଉ କି ଧାରାବାହିକ। ଅଭିନେତା ବା ଅଭିନେତ୍ରୀ ସବୁଠି ନିଜର ପରାକାଷ୍ଠା ଦେଖାଇବାକୁ ଚେଷ୍ଟା କରନ୍ତି। ଅଧିକ ଚେଷ୍ଟା କରି କିଭଳି ଭଲ ଅଭିନୟ କରିହେବ, ସେଥିପାଇଁ କଳାକାର ଯତ୍ନବାନ ହେବା ଉଚିତ। ସିନେମାର ଲୋକପ୍ରିୟତା ଓ ଧାରାବାହିକ ଲୋକପ୍ରିୟତା ଭିନ୍ନ। ରାଜ୍ୟରେ ସବୁଲୋକ ଭଲ ସିନେମାଟିଏ ଦେଖିବାର ସୁଯୋଗ ପାଉ ନ ଥିବା ବେଳେ ଟିଭିସେଟ୍‌ରେ ଧାରାବାହିକଟିଏ ନିୟମିତ ଦେଖିପାରନ୍ତି। ତେଣୁ ଟିଭି ପରଦାର କଳାକାରମାନେ ବିଶେଷ ଲୋକପ୍ରିୟ। ଧାରାବାହିକରେ ଅଭିନୟ କରିବା ଭଲ କଥା। ଏହାର ବ୍ୟାପକ ପ୍ରସାରଣ ହୁଏ। ତେଣୁ ଧାରାବାହିକ କଳାକାରମାନଙ୍କ ପାଇଁ ଅଭିନୟ କରିବାର ଅଧିକ ସୁଯୋଗ ମଧ୍ୟ ଦିଏ।

**ସାମ୍ବାଦିକତା ଶିକ୍ଷାଗ୍ରହଣ ପରେ ଗଣମାଧ୍ୟମରେ କାର୍ଯ୍ୟ ନ କରି ଅଭିନୟକୁ ପେଷା କଲେ କାହିଁକି ? ଅଧିକ ଅର୍ଥ ଉପାର୍ଜନ ନା ଆଉ କିଛି ?**

ଯଦିଓ ସାମ୍ବାଦିକତା ପ୍ରତି ମୋର ରୁଚି ରହିଛି, ତଥାପି ଅଭିନୟ ମୋର ନିଶା। ଅଭିନୟକୁ ପେଷା କରି ବଞ୍ଚୁଥିବା ସବୁ କଳାକାର ଯେ ଅଧିକ ଅର୍ଥ ଉପାର୍ଜନ ଅଶାରେ କାମ କରନ୍ତି, ତାହା ବି ଠିକ୍ ନୁହେଁ। କଳା ପ୍ରତି ସମର୍ପିତ ଭାବ ଥିଲେ ଏହା ନିଶାରେ ପରିଣତ ହୁଏ। ମୋ କ୍ଷେତ୍ରରେ ମଧ୍ୟ ସେହିଭଳି। ମୁଁ ପେଷାକୁ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ ବି ଏହା ମୋର ନିଶା ପାଲଟିଯାଇଛି। ତେଣୁ ଅର୍ଥ ଅପେକ୍ଷା ଆତ୍ମସନ୍ତୋଷ ପାଇଁ ଅଭିନୟ କରୁଛି।

**ଓଡ଼ିଶାରେ ଆପଣଙ୍କ ପ୍ରିୟ ଅଭିନେତ୍ରୀ କିଏ ଓ କାହା ଅଭିନୟ ବେଶୀ ପ୍ରଭାବୀ ବୋଲି ଅନୁଭବ କରନ୍ତି ?**

ମୋର ସବୁଠୁ ପ୍ରିୟ କଳାକାର ହେଲେ ବିଶିଷ୍ଟ ଚଳଚ୍ଚିତ୍ର ତାରକା ଅପରାଜିତା ମହାନ୍ତି। ତାଙ୍କ ଅଭିନୀତ ସବୁ ସିନେମା ମୋତେ ଭଲ ଲାଗେ। ଅପରାଜିତାଙ୍କୁ ମୁଁ ମୋର ଆଦର୍ଶ ବୋଲି ମାନେ। ତାଙ୍କ ଅଭିନୟର ବଳିଷ୍ଠ ଦିଗ ମୋତେ ପ୍ରଭାବିତ କରିଛି। ତେଣୁ ତାଙ୍କୁ ହିଁ ମୋର ସମସ୍ତ ଶ୍ରେୟ ଦେବି।

**ଆଜିକାଲି ଓଲିଉଡରେ କାଷ୍ଟିଂକାଉଚ୍‌କୁ ନେଇ ଏବେ ବେଶ୍ ଚର୍ଚ୍ଚା। ଏ ନେଇ ଆପଣଙ୍କ ମତ କ'ଣ ?**

ଆଜି ପର୍ଯ୍ୟନ୍ତ ମୁଁ କେବେ କାଷ୍ଟିଂକାଉଚ୍‌ର ସାମ୍ନା କରିନି। କିନ୍ତୁ ଓଲିଉଡରେ ଏହା ଚାଲିଛି ବୋଲି ମୁଁ ଜାଣେ। ଏହି ଲାଇନ୍‌ରେ ନୂଆକରି ପାଦ ଥାପୁଥିବା କଳାକାରଙ୍କ କ୍ଷେତ୍ରରେ ଏହା ବେଶି ହେଉଛି ବୋଲି ଶୁଣିବାକୁ ମିଳେ। କଳାକାର ନୂଆ ହୁଅନ୍ତୁ କି ପୁରୁଣା, ସେମାନେ ଏହାର ଦୃଢ଼ ବିରୋଧ କରିବା ଉଚିତ। ପ୍ରତିରୋଧ ନ ରହିଲେ ଅନ୍ୟାୟ ବଢ଼ି ବଢ଼ି ଚାଲେ। ନିଜକୁ ନିଜେ ସତର୍କ ହେବା ସହିତ ଏଭଳି ଘଟିଲେ ଆବଶ୍ୟକସ୍ଥଳେ ଆଇନର ଆଶ୍ରୟ ନେବା ଉଚିତ। ସତ୍ୟକୁ ସାମ୍ନା ନ କଲେ ଭବିଷ୍ୟତରେ ବିପଦ ବଢ଼ିଥାଏ। ତେଣୁ କୌଣସି ପରିସ୍ଥିତିରେ ଅଭିନୟ ପାଇଁ କାହା ସହ ସାଲିସ୍ କରି କାମ ନ କରିବା ଭଲ।

**ଭବିଷ୍ୟତରେ ଆପଣଙ୍କର ଲକ୍ଷ୍ୟ କ'ଣ ?**

ମନୋରଞ୍ଜନ ଦୁନିଆରେ ହୁଏତ ଅଧିକ ଖୁସି ମିଳେ, ହେଲେ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରିବାର ସୁଯୋଗ ମିଳେନାହିଁ। ଗରିବ ଲୋକଙ୍କ ସମସ୍ୟାକୁ ସମାଧାନ କରିବା ନିମନ୍ତେ ମୋ ଭିତରେ ଭାବନା ବଳବତ୍ତର ରହିବ। ଏଥିପାଇଁ ଉପଯୁକ୍ତ ପ୍ଲାଟ୍‌ଫର୍ମ ଦରକାର। ତାହା ହେଉଛି ସକ୍ରିୟ ରାଜନୀତି। ତେଣୁ ଭବିଷ୍ୟତରେ ରାଜନୀତି କରିବି ବୋଲି ଆଶା ରଖିଛି। କାରଣ ସମାଜସେବା ଭଳି କାର୍ଯ୍ୟଠାରୁ ମହତ କାର୍ଯ୍ୟ କିଛି ନାହିଁ।



'ବାଇଚଢ଼େଇ' ସୁଟିଂ ସେଟ୍‌ରେ ସୁମନ୍



ନୂଆଦିଲ୍ଲୀ : ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦାନ ଅବସରରେ କନ୍ଧମାଳର ଯୋଗାମୁଣ୍ଡ ଦୁଇଭାଇ ଜଗା-କାଳିଆଙ୍କ ବାପା ଭୁବନ କହଁର ଓ ମା' ପୁଷ୍ପାଞ୍ଜଳି କହଁରଙ୍କୁ ଏମ୍‌ସ ହସ୍ପିଟାଲରେ ସାକ୍ଷାତ କରିଛନ୍ତି **'ଏକମାତ୍ର'**ର ଆଇନ୍ ପରାମର୍ଶଦାତା ତଥା ଭୁବନେଶ୍ୱର କୋର୍ଟର ଆଇନ୍‌ଜୀବୀ ଲିଙ୍ଗରାଜ ଦାଶ ଏବଂ ବିଜେପି ନେତା ଇଂ. ମାନସ ରଞ୍ଜନ ମହାନ୍ତି।

# କିସ୍‌ରେ ପାଠ ପଢ଼ିବେ ଜଉନା ଓ ପୂର୍ଣ୍ଣିମା

**ଭୁବନେଶ୍ୱର :** ଓଡ଼ିଶାର ଦୁଇ ଉଦୀୟମାନ ଧାବିକା ଜଉନା ମୁର୍ମୁ ଓ ପୂର୍ଣ୍ଣିମା ହେମ୍ବ୍ରମ୍ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ (କିସ୍)ରେ ପାଠ ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି।

## ସ୍ୱାଗତ କଲେ ଡ. ସାମନ୍ତ

ସେମାନଙ୍କ ଇଚ୍ଛାକୁ ସମ୍ମାନ ଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏଥିପାଇଁ ସ୍ୱୀକୃତି ପ୍ରଦାନ ସହ ସେମାନଙ୍କୁ ସ୍ୱାଗତ ଜଣାଇଛନ୍ତି। କିସ୍‌ରେ ସେମାନଙ୍କୁ ନିଃଶୁଳ୍କ ଶିକ୍ଷା ସହ କ୍ରୀଡ଼ାରେ ଆହୁରି ଉନ୍ନତ ପ୍ରଦର୍ଶନ ପାଇଁ ପ୍ରୋତ୍ସାହନ ଦିଆଯିବ ବୋଲି କହିଛନ୍ତି ଡ. ସାମନ୍ତ। ଉଭୟଙ୍କ ପରିବାର ଅତ୍ୟନ୍ତ ଗରିବ ଓ କୃଷି ଉପରେ ନିର୍ଭର କରି ପ୍ରତିପୋଷଣ ହେଉଥିବାରୁ ଦୁଇ ମେଧାବୀ ଛାତ୍ରୀଙ୍କ ଦାୟିତ୍ୱ ବହନ କରିଛି କିସ୍।

ସୂଚନାଯୋଗ୍ୟ, ଜଉନା ପୋଷ୍ଟ ଗ୍ରାଜୁଏଟ୍ କୋର୍ସରେ ଓ ପୂର୍ଣ୍ଣିମା ବାଚଲର୍ସ ଡିଗ୍ରୀ କୋର୍ସରେ ୨୦୧୭-୧୮ ଏକାଡେମୀ ସେସନ୍‌ରେ ପଢ଼ିବେ। କିସ୍ ପକ୍ଷରୁ ଉଭୟ ଆଥଲେଟଙ୍କୁ ଅଭ୍ୟାସ କରିବାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। କିସ୍‌ରେ ଯୋଗ ଦେଇଥିବାରୁ ମୟୂରଭଞ୍ଜର ଏହି ଦୁଇ ଆଥଲେଟ୍‌ଙ୍କୁ ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଲଣ୍ଡନରେ ହେବାକୁ ଯାଉଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ ଲାଗି ଜଉନା ଯୋଗ୍ୟତା ଅର୍ଜନ କରିଥିବା ବେଳେ ପୂର୍ଣ୍ଣିମା ନିକଟରେ ଅନୁଷ୍ଠିତ ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍‌ରେ ବ୍ରୋଞ୍ଜ ମେଡାଲ ବିଜୟୀ ହୋଇଥିଲେ।





# କୌରଙ୍କୁ ଟି-ସାର୍ଟ ଦେଲେ ବ୍ଲାକୱେଲ

**ଡର୍ବାନ୍ :** ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ୍ ଅଷ୍ଟ୍ରେଲିଆକୁ ହରାଇ ଭାରତ ଓମେନ୍ କ୍ରିକେଟ୍ ୱାର୍ଲ୍ଡକପ୍ ଫାଇନାଲରେ ପ୍ରବେଶ କରିଛି। ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ହରମନପ୍ରୀତ କୌରଙ୍କୁ ସବୁଆଡୁ ପ୍ରଶଂସାର ସୁଅ ଛୁଟିଛି। କିଏ ତାଙ୍କୁ ଭାରତୀୟ ଦଳର ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ସହ ତୁଳନା କରୁଛନ୍ତି ତ ଆଉ କିଏ ତାଙ୍କ ଇନିଂସକୁ ୧୯୮୩ ପୁରୁଷ ବିଶ୍ୱକପ୍‌ର ଜିମ୍ବାୱେ ବିପକ୍ଷରେ କପିଳଦେବ ସଂଗ୍ରହ କରିଥିବା ଅପରାଜିତ ୧୭୫ ରନ୍‌ର ଇନିଂସ ସହ ସମକକ୍ଷ କରୁଛନ୍ତି। ଏହି ମ୍ୟାଚ୍‌ରେ କୌର ୧୧୫ ବଲ୍ ଖେଳି ଅପରାଜିତ ୧୭୧ ରନ୍ କରିଥିଲେ। ଯାହାକି ଅଷ୍ଟ୍ରେଲିଆର ପରାଜୟ ଲାଗି ଯଥେଷ୍ଟ ଥିଲା। ଏହି ଇନିଂସକୁ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ଦଳ ପକ୍ଷରୁ ମଧ୍ୟ ପ୍ରଶଂସା କରାଯାଇଛି। ଦଳର ଧୂଆଁଧାର ବ୍ୟାଟ୍ସୱମ୍ୟାନ୍ ତଥା ଉପଅଧିନାୟକ ଆଲେକ୍ସ ବ୍ଲାକୱେଲ ଆଉ ପାଦେ ଆଗେଇଯାଇ ତାଙ୍କ ଟି-ସାର୍ଟ ହରମନପ୍ରୀତଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ହରମନପ୍ରୀତ ଟ୍ୱିଟରରେ ପ୍ରକାଶ କରିଛନ୍ତି। ଗତବର୍ଷ ଅଷ୍ଟ୍ରେଲିଆର ଓମେନ ବିଗ୍‌ବାସ ଲିଗରେ ଉଭୟ ବ୍ଲାକୱେଲ ୩୮.୬୦ ହାରରେ ସର୍ବାଧିକ ୩୮୬ ରନ୍ କରିଥିଲେ। ହରମନପ୍ରୀତ ୧୨ଟି ମ୍ୟାଚ୍ ଖେଳି ୫୯.୨ ହାରରେ ୨୯୬ ରନ୍ କରିଥିଲେ। ବିଗ୍‌ବାସ ଲିଗ୍‌ର ଅଭିଜ୍ଞତା ତାଙ୍କୁ ଓମେନ୍ ୱାର୍ଲ୍ଡକପ୍‌ରେ ଜଣେ ଅଭିଜ୍ଞ ଖେଳାଳିରେ ପରିଣତ କରିଛି ବୋଲି ଅଧିନାୟିକା ମିଥାଲି ରାଜ୍ କହିଛନ୍ତି। ଓମେନ୍ ୱାର୍ଲ୍ଡକପ୍‌ରେ ଭାରତ ପ୍ରଥମ ଟାଇଟଲ ଜିତିବା ଅପେକ୍ଷାରେ ଥିବା ବେଳେ ଆସନ୍ତା ୨୩ ତାରିଖରେ ଇଂଲଣ୍ଡ ସହ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବ।




©PA

# ଟୋକିଓ ଅଲିମ୍ପିକ୍‌ସରେ ଭୂମିକମ୍ପ ଭୟ

**ଟୋକିଓ :** ୨୦୨୦ରେ ଟୋକିଓ ଅଲିମ୍ପିକ୍‌ସ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହି ପ୍ରତିଯୋଗିତା ଆୟୋଜନ ସମୟରେ ଭୂମିକମ୍ପ ଓ ସୁନାମୀ ଭୟ ଆୟୋଜକଙ୍କୁ ଘାରିଛି। ଜାପାନରେ ଅଧିକାଂଶ ସମୟରେ ଭୂମିକମ୍ପ ହେଉଥିବା ବେଳେ ଅଲିମ୍ପିକ୍‌ସରେ ଭାଗ ନେବାକୁ ହଜାର ହଜାର ସଂଖ୍ୟକ ଆଥଲେଟ୍ ଓ ବିଭିନ୍ନ ଦେଶରୁ ଖେଳ ଦେଖିବାକୁ ଦର୍ଶକ ଆସିବେ। ତେଣୁ ସେମାନଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯାଇ ପାରିବ ତାହାକୁ ନେଇ ଚିନ୍ତାରେ ଅଲିମ୍ପିକ୍ ଆୟୋଜକ କମିଟି। ୧୯୨୩ ମସିହାରେ ଭୂମିକମ୍ପରେ ପାଖାପାଖି ୧ ଲକ୍ଷ ଲୋକ ପ୍ରାଣ ହରାଇଥିବା ବେଳେ ୨୦୧୧ରେ ଭୂମିକମ୍ପ ଓ ସୁନାମୀ ଯୋଗୁଁ ୧୮ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ଜାପାପ ଉପରେ ସର୍ବଦା ଭୂମିକମ୍ପ ଓ ସୁନାମୀ ଭୟ ରହୁଥିବାରୁ ଏହାକୁ କିପରି ଭାବେ ମୁକାବିଲା କରାଯାଇ ପାରିବ ସେ ନେଇ ଆୟୋଜକମାନେ ସର୍ବଦା ଚିନ୍ତିତ ଏବଂ ଏହାକୁ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଭୂମିକମ୍ପ ଫଳରେ ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡ଼ିବା ସହ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଉଥିବାରୁ ଅଲିମ୍ପିକ୍‌ସ ସମୟରେ ଏଭଳି ପରିସ୍ଥିତି ଉପୁଜିଲେ କିପରି ଏହାର ମୁକାବିଲା କରାଯିବ ସେ ନେଇ ପ୍ରଶାସନ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି।


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**